
ଚରଣ-42

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

❋ ଅଷ୍ଟମ ପୁଷ ❋ ପଞ୍ଚମ ପାଖୁଡ଼ା ❋ ଦ୍ୱାଚତ୍ୱାରିଂଶତମ ସଂଖ୍ୟା ❋


ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଜୟ କୁମାର ଦାସ
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା, ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ❋ ମର୍ତ୍ତ୍ୟାବତରଣ ମାସ ❋ କୁମାର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଅଷ୍ଟମ ପୁଷ୍ପ ❋
ପଞ୍ଚମ ପାଖୁଡ଼ା
ଦ୍ୱାଚତ୍ୱାରିଂଶତ୍ତମ ସଂଖ୍ୟା

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ

❖ ବୈଦିକ ପ୍ରାର୍ଥନା ❖

ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ

ପୁନଃମୁଦ୍ରଣ :ତୃତୀୟ ମହକ ❋ କେଶବାବ୍ଦ : ୫୮ ❋ ଆବିର୍ଭାବ ମାସ ❋ ୨୦୧୨

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ପାଦୁକା ବନ୍ଦନା | ୧ |
| **ସିଂହଦ୍ୱାର** | |
| ତତ୍ତ୍ୱ ମାଳିକା ଭଜନ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ‘ଚରମ’ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୧୮ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କଲ୍ୟାଣ ଦେଲି ତୋତେ | ୨୭ |
| କେଶବ କୈବଲ୍ୟ କଣିକା | ୨୯ |
| **ନୀଳଚକ୍ର** | |
| ଚରମର ସଙ୍କେତ : ଉତ୍ସବ ପରିଚିତି | ୩୧ |
| ଆଶ୍ରମ ସନ୍ଦେଶ | |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, ‘ଚରମ’ ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ॥
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ॥

# ଅରୁଣସ୍ତମ୍ଭ



ହେ ବ୍ରହ୍ମରୂପ ! ଶୃଣୁ ମନ୍ନିବେଦନଂ
ସୁକାନ୍ତିସୁତ ! କୁରୁ ତାପନାଶନମ୍ ।
ପ୍ରମତ୍ତ ଲୋକାନ୍ ଶୁଭ ଭବ୍ୟ ଭାବନୈଃ
ଯଦୁନନ୍ଦନ ! ପାଳୟ ଭକ୍ତ ଜନାନ୍ ॥

**ମଙ୍ଗଳାଚରଣ**

ହେ ସାକ୍ଷାଦ୍ ବ୍ରହ୍ମରୂପ, ମୋର ନିବେଦନ ଶୁଣନ୍ତୁ । ହେ ସୁକାନ୍ତିସୁତ, ତ୍ରିତାପ ବିନାଶ କର । ପ୍ରମତ୍ତ ଲୋକମାନଙ୍କ ମଧ୍ୟରେ ଶୁଭଭବ୍ୟ ଭାବ ଭରିଦିଅ । ହେ ଯଦୁନନ୍ଦନ, ଭକ୍ତଜନମାନଙ୍କୁ ପାଳନ କର ।

## ଶ୍ରୀପଦ ପାଦୁକା ବନ୍ଦନା

ଜୟ ଜୟ ପାଦୁକା ଗୋ ଘେନ ଗୋ ପ୍ରଣାମ ।
ଧନ୍ୟ ତୁ ଗୋ ଶିରେ ବହି ପରମ ଶ୍ରୀଧାମ ॥
ଜୟ ଜୟ ପାଦୁକା ଗୋ ଜୟ ଦିବ୍ୟମୂର୍ତ୍ତି ।
ଶ୍ରୀପାଦପଦ୍ମକୁ ମଣ୍ଡି ରଖିଅଛୁ କୀର୍ତ୍ତି ॥
ଜୟ ଜୟ ପାଦୁକା ଗୋ ଭାବର ସାଗର ।
ଶ୍ରୀପାଦପଦ୍ମ ଧରିଛୁ ଜ୍ଞାନ ପାରାବାର ॥
ଜୟ ଜୟ ପାଦୁକା ଗୋ କାଙ୍ଗାଳର ଧନ ।
ଜୟ ଜୟ ପାଦୁକା ଗୋ ଅମୂଲ୍ୟ ରତନ ॥
ଜୟ ଜୟ ପାଦୁକା ଗୋ ଭକତର ପ୍ରାଣ ।
ତୋ ବିନୁ ନାହିଁ ଭକ୍ତର ଗତିମୁକ୍ତି ତ୍ରାଣ ॥
ଜୟଜୟ ପାଦୁକା ଗୋ ଧର୍ମ ଅବତାର ।
ଧନ୍ୟ କରୁଛୁ ଆମକୁ ଲଭି ଉପଚାର ॥
ଜୟ ଜୟ ପାଦୁକା ଗୋ ଦିବ୍ୟଶକ୍ତିଧର ।
ଭକତିରେ ଭରିଦିଅ ଭକତ ଅନ୍ତର ॥
ଜୟ ଜୟ ପାଦୁକା ଗୋ ଜୟ ସାଧୁମୂର୍ତ୍ତି ।
ଭକତ ଅନ୍ତରେ ଦିଅ ସନାତନ ପ୍ରୀତି ॥
ଜୟ ଜୟ ପାଦୁକା ଗୋ ଶାଶ୍ୱତ ଚେତନ ।
ବ୍ରହ୍ମାଣ୍ଡ ପିଣ୍ଡର ତୁ ହିଁ ହୃଦୟ ସ୍ପନ୍ଦନ ॥
ଜୟ ଜୟ ପାଦୁକା ଗୋ ପରମ ଦେବତା ।
ଭକ୍ତଜନ ପାଇଁ ତୁ ଗୋ ଆଦି ପିତାମାତା ॥
ଜୟ ଜୟ ପାଦୁକା ଗୋ ପୀଠେ କରୁଁ ଅଳି ।
ଅର୍ଘ୍ୟ ନିବେଦନ କରୁଁ ଘେନ ଗୋ ଅଞ୍ଜଳି ॥
ଜୟ ଜୟ ପାଦୁକା ଗୋ କୈବଲ୍ୟ ପ୍ରଦାତା ।
ଭକତର ପ୍ରାଣ ପୁଣି ତୁ ଦୈବ ବିଧାତା ॥
ଜୟ ଜୟ ପାଦୁକା ଗୋ ତୁ ପରମ ଧାମ ।
ତୋ ପୀଠରେ ବାରବାର କରୁଛୁଁ ପ୍ରଣାମ ॥
ଜୟ ଜୟ ପାଦୁକା ଗୋ ତ୍ରିଗୁଣ ରହିତ ।
ହିତ ସାଧୁ ହେଲେ ଖଣ୍ଡି ସକଳ ଅହିତ ॥
ଜୟ ଜୟ ପାଦୁକା ଗୋ ପଦ୍ମପାଦ ଧରି ।
ନିମିଷକେ ଶାନ୍ତ କରୁ ହୃଦୟେ ବିହରି ॥
ଜୟ ଜୟ ପାଦୁକା ଗୋ ତୋର ଦିବ୍ୟଦ୍ୟୁତି ।
ଜ୍ୟୋତିଃ ସ୍ୱରୂପ ବିଦିତ ସୂକ୍ଷ୍ମ ଅନୁଭୂତି ॥
ଜୟ ଜୟ ପାଦୁକା ଗୋ ମାନସରେ ଭାସୁ ।
ସ୍ମରଣ ମାତ୍ରକେ ଆସି ହୃଦସ୍ଥଳେ ବସୁ ॥
ଜୟ ଜୟ ପାଦୁକା ଗୋ ନିତ୍ୟ ସୁଖ ଦାୟୀ ।
ପୂଜଇ ତୋତେ ଗୋ ନିତି ନୀତି ଅନୁଯାୟୀ ॥
ଜୟଜୟ ପାଦୁକା ଗୋ ଚେତନାର ମୂଳ ।
ତୋ ଠାଇଁ ସର୍ବ ବିଭୂତି ହୋଇଛି ଗୋ ଠୁଳ ॥
ଜୟ ଜୟ ପାଦୁକା ଗୋ ଭାବ ଡ଼ୋରେ ବନ୍ଧା ।
ଭକ୍ତିନେଇ ପ୍ରେମ ଦେଉ ପ୍ରାଣ ଛନ୍ଦେ ଛନ୍ଦା ॥
ଜୟ ଜୟ ପାଦୁକା ଗୋ ବିଶ୍ୱାସ- ନିର୍ଯାସ ।
ଭକତ ଅଗ୍ରତେ ଚଳୁ ନୁହେଁ ଅବିଶ୍ୱାସ ॥
ଜୟ ଜୟ ପାଦୁକା ଗୋ କରୁଛୁଁ ପ୍ରଣାମ ।
ଘେନ ଗୋ ଆମ ପ୍ରଣାମ ଗୋ ପରମ ଧାମ ॥




## ତତ୍ତ୍ୱ ମାଳିକା ଭଜନ

ତଳକୁ ଟିକିଏ ତକାରେ ମନ,
ମନ ଦେଇ ଏ ତତ୍ତ୍ୱ ଶୁଣ ।।୦।।
ପିତୃପିଣ୍ଡ ପାଇଁ ପୁତ୍ର ତୁ ଖୋଜୁଛୁ
ଲୋଡୁଛୁ ସେ ପାଇଁ କାମିନୀ ସଙ୍ଗ,
ବାୟା ମନରେ ।।
କାମିନୀ ଲଭିଲେ କାଞ୍ଚନେ ସଜାଇ
ରାତ୍ର ଦିନ କରୁ ମୈଥୁନ ରଙ୍ଗ,
ବାୟା ମନରେ ।।୧।।
ତିଥି ବାର ବିଧି ନିଷେଧ ନ ମାନି
ରତି ରସେ ମଜ୍ଜି ହେଉଛୁ ଭୋଳ,
ବାୟା ମନରେ ।।
ଇଷ୍ଟ ଚିନ୍ତା ଛାଡ଼ି ଅନିଷ୍ଟରେ ପଡ଼ି
ହରାଉଛୁ ନିତି ଶରୀର ବଳ,
ବାୟା ମନରେ ।।୨।।
ଯୁବତୀ ଅଧରେ ଚୁମ୍ବନ କାଳରେ
ଅବା ଆଲିଙ୍ଗନ ମୈଥୁନ କାଳେ,
ବାୟା ମନରେ ।।
ବୀଜମନ୍ତ୍ର ଜପ ଇଷ୍ଟେ ଲୟରଖି
ତକେଇ ତନୁୟେ ନିଜ କପାଳେ,
ବାୟା ମନରେ ।।୩।।
ଚେତନାରେ ତୋର ତରଙ୍ଗ ଖେଳିବ
ସହଜେ ଲଭିବୁ ଅମୃତ ରସ,
ବାୟା ମନରେ ।।
କାମ କ୍ରୋଧ ତୋ'ର ହୋଇବେ କିଙ୍କର
ତୋ ସେବାରେ ମାତି ହୋଇବେ ବଶ,
ବାୟା ମନରେ ।।୪।।
ଦାମ୍ପତ୍ୟ ଜୀବନ ହେବ ସୁଖମୟ
ଆଧ୍ୟାତ୍ମିକ ମୋହ ପାଶ ବନ୍ଧନେ,
ବାୟା ମନରେ ।
ରତି ସୁଖ ସାର ସଂହତି ସଂସାର
ମତାଇବ ତୋତେ ଦିବ୍ୟ ସନ୍ଧାନେ,
ବାୟା ମନରେ ।।୫।।



ସିଂହଦ୍ୱାରେ

# ଭଜନ

ଏତେ ଦୁଃଖ ଭାର ମୋ ଉପରେ ଦେଇ
ତୁମେ ଯେବେ ପ୍ରଭୁ ସୁଖୀ ହୁଅ ।
ତୁମ ସୁଖେ ସୁଖୀ ହୋଇବା ପାଇଁ ମୁଁ
ତୁଚ୍ଛ ମଣୁଛି ଏ ମର ଦେହ ।।୦।।

ଜଗତ କରତା ଜଗତେ ବିହର ଇଙ୍ଗିତରେ ଚଳେ ବିଶ୍ୱ ଚରାଚର
କୀଟୁ ବ୍ରହ୍ମଯାଏ ରହିଅଛ ପୁରି ଗୁପତେ ଲଗାଇ ମାୟା ମୋହ ।।୧।।

ଅଖିଳପତି ହେ ତୁମରି ପରଶ ପାଇବା ପାଇଁକି କରିଛି ମାନସ
ଅସାର ବିଚାର ନକର ଠାକୁର ଅଦେହୀ ହୋଇଣ ଦେହ ଦହ ।।୨।।

ଜନମ ଜନମ ତବ ଦାସ ହୋଇ ଘୁରୁଅଛି ମୁହିଁ କେତେ ଦେହ ବହି
ଜନମ ଶିକୁଳି ଫିଟାଇ ଦିଅ ହେ ଆଉ ନ ଲାଗୁ ସଂସାର ଦାହ ।।୩।।

# ମୁକ୍ତିଶାଳା

## ସମ୍ପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!

ଜନ୍ମମୃତ୍ୟୁ ପଞ୍ଚଭୂତରେ ଗଢ଼ା ଦେହର ପ୍ରଥମ ଓ ଅନ୍ତିମ ପରିଣାମ । ଜନ୍ମମୃତ୍ୟୁର ବନ୍ଧନୀରେ ଜୀବ ବନ୍ଧାହୋଇ ରହିଛି । ଜନ୍ମ ନେଲେ ମୃତ୍ୟୁ ଅନିବାର୍ଯ୍ୟ । ଏହା ହିଁ ସତ୍ୟ । ଜନ୍ମ ମୁହୂର୍ତ୍ତରୁ ଜୀବର କ୍ଷୟ ଆରମ୍ଭ ହୁଏ ଓ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ପଥରେ ଅଗ୍ରସର ହୁଏ । କିଏ ଜଣେ କବି ଲେଖିଥିବାର ମନେ ପଡେ :

ମରଣର ଭୟ ତୁମ୍ଭାରେ କହୁଛି     ଜାଣେ ମୁଁ ମରିବି ଦିନେ ।  
ଜନମ କାଳରୁ ଆୟୁଷର ସୀମା     କମି ଆସେ ପ୍ରତିକ୍ଷଣେ ॥

ମୃତ୍ୟୁ ନିମିତ୍ତ ପୂର୍ବରୁ ପ୍ରସ୍ତୁତ ଥିଲେ, ମୃତ୍ୟୁ କ'ଣ, ପରଲୋକ କ'ଣ, ମୃତ୍ୟୁ ପରେ ଆତ୍ମାର କି ପ୍ରକାର ଗତି ହୁଏ, ଏ ସକଳ ବିଷୟରେ ଆଲୋଚନା କଲେ, ମୃତ୍ୟୁ ବିଭୀଷିକା ମଣିଷକୁ ଆଉ ଦୁର୍ବଳ କରିପାରେ ନାହିଁ । ପରଲୋକ ପ୍ରସଙ୍ଗରେ ଅନୁଶୀଳନ କଲେ, ଜୀବନ ଅନେକ ଦିଗରୁ ଉନ୍ନତ ହୁଏ ।

କିନ୍ତୁ ମୃତ୍ୟୁ କ'ଣ କେବଳ ମାତ୍ର ଗୋଟିଏ ଖବର ? ଆଜିକାଲିର ସମାଜ ବ୍ୟବସ୍ଥାରେ ମୃତ୍ୟୁ କେବଳ ଗୋଟିଏ ଖବରରେ ପର୍ଯ୍ୟବସିତ ହୋଇଯାଇଛି । ଲକ୍ଷ୍ୟକଲେ ବୋଧହୁଏ - ଜଣକର ମୃତ୍ୟୁ ଅପେକ୍ଷା ଗଣଙ୍କର ମୃତ୍ୟୁ ଅଧିକ ଆକର୍ଷଣୀୟ ଖବର ରୂପେ ଗୃହୀତ ହେଉଛି, ସ୍ୱାଭାବିକ ମୃତ୍ୟୁ ଅପେକ୍ଷା ଅସ୍ୱାଭାବିକ ମୃତ୍ୟୁ ଅଧିକ ମାଦକତା ଭରି ଦେଉଛି । ସତେ ଯେପରି ଯେଉଁଠି ଯେତେ ବିଭତ୍ସତା ରହିଛି, ତାହ ସେତେ ଆକର୍ଷଣୀୟ ଖବର ରୂପେ ପରିବେଷିତ ଓ ବିବେଚିତ ହେଉଛି ।

ଲକ୍ଷ୍ୟକରି ଦେଖାଯାଏ ଯେ, ଆଜିର ସମାଜ ଏପରି ଗୋଟିଏ ଅବସ୍ଥାରେ ପହଞ୍ଚିଯାଇଛି ଯେ, ଲୋକେ ଆଉ ପୋଥିପୁରାଣ, ଧର୍ମଗ୍ରନ୍ଥ ପ୍ରତି ପୂର୍ବପରି ଆକର୍ଷିତ ନୁହଁନ୍ତି । ତଥାପି ସମାଜରେ ଏପରି କତିପୟ ଲୋକେ ମଧ ଅଛନ୍ତି ଯେଉଁମାନଙ୍କର ପୋଥିପୁରାଣ, ଧର୍ମଶାସ୍ତ୍ରାଦି ପ୍ରତି ଆଗ୍ରହ ପ୍ରକାଶ ପାଉଛି । ସେହି କତିପୟ ଆଗ୍ରହୀ ଲୋକଙ୍କ ପାଇଁ ଏଠାରେ ମହାପୁରୁଷ ଅଚ୍ୟୁତଙ୍କର ତତ୍ତ୍ୱବୋଧିନୀ ତୃତୀୟ ଅଧାୟରୁ କିଛି ଉଦ୍ଧୃତ କରୁଅଛୁଁ :

ତେଇଶି ଯାଇ ଚବିଶରେ ପୁଣ     । ଭକତ କିଛି ହୋଇବେ ପ୍ରମାଣ     ।।  
ତେଇଶି ଯାଇ ଚବିଶ ଆଗତ     । ପୃଥ୍ୱୀରେ ହୋଇବ ଉଲକା ପାତ     ।।  
ପୃଥ୍ୱୀକୁ ହୋଇବ ସେ ହାଲ ହୋଳି     । କାକ କୁକୁର ଯେ କରିବେ କଳି     ।।  
କାକ କୁକୁର ହୋଇବେ ଏକତ୍ର     । ଇନ୍ଦ୍ର ବରଷା କରିବ ରକତ     ।।  
ବ୍ୟାଧି ହୋଇଣ ପିଶାଚୀ ଆସିବେ     । ପ୍ରାଣୀମାନଙ୍କୁ ଗୁପତେ ଦଂଶିବେ     ।।

X     X     X     X     X

ପୁନଶ୍ଚ,  
ନାଳ ଶୂଳ ରୋଗ ଗୁପତ ବ୍ୟାଧି     । ଘରକୁ ଘର ପକାଇବେ ଶୋଧି     ।।  
ବହୁତ ଉତ୍ପାତ ସଂସାରେ ହେବ     । ନିର୍ଭୟ ହୋଇ ଜଣେକେ ନ ଥିବ     ।।  
ମାରୁ ମହରଗ ହୋଇବ ଭଲେ     । କିଛି ନ ଅଣ୍ଟିବ ଯେତେ ଅର୍ଜିଲେ     ।।  
ପତି ପତ୍ନୀର ହୋଇବ ଆନ୍ଦୋଳ     । ଚତୁର୍ଦ୍ଦିଗରେ ଘୋଟିଯିବ କାଳ     ।।

ମହାପୁରୁଷ ସ୍ୱରଚିତ 'ଆଦି ସଂହିତା'ରେ ସ୍ପଷ୍ଟ ଲେଖିଯାଇଛନ୍ତି -

ଧର୍ମ କରିବେ ଯଶ ଅର୍ଥେ     । ଶାସ୍ତ୍ରକୁ ମଣିବେ ଅନର୍ଥେ     ।।  
ଏମନ୍ତ ବୋଲି ଯେତେବେଳେ     । ପାପ ଆଚ୍ଛାଦିତ ଶୟଳେ     ।।  
ପରଜାମାନେ ଦୁଷ୍ଟ ପଣେ     । ପୃଥ୍ୱୀ ପୂରିବ ଦୁଷ୍ଟଜନେ     ।।

X     X     X     X     X

ଇନ୍ଦ୍ର ବରଷା ନ କରିବ । ଏଣୁ ଯେ ଦୁର୍ଭିକ୍ଷ ହୋଇବ ।।

X X X X X

ଏ ଯେ ସୁବାହୁ ଯୁଗ କଳି । କ୍ଷୀଣ ଆୟୁଷ ମହାବଳୀ ।।
ପାପେ ସକଳ କ୍ଷୟଯିବ । ପାଞ୍ଚ ସହସ୍ର ଭୋଗ ହେବ ।।

ତଥାପି ଆମେ ଏହା ପ୍ରତ୍ୟକ୍ଷରେ ଭୋଗ କରି ମଧ୍ୟ ସ୍ୱୀକାର କରୁନା । ମାତ୍ର ଗୋଟିଏ କପଟାଚାର ଓ ଛଳନାରେ କେବଳ ମୁହଁ ଲୋଚ୍ଚାଇ ବସି ରହୁଁ । କୌଣସି ପରିଚିତ ଲୋକର ମୃତ୍ୟୁ ସମ୍ବାଦ ପାଇବା ପରେ ମୁହଁରେ ଦୁଃଖର ମୁଖା ଲଗାଇ ଯାଇଁ ଶେଷ ଦର୍ଶନ କରିବାକୁ । ବାହ୍ୟାଚାରରେ ସମବେଦନା ଜ୍ଞାପନ କରୁଁ । ଗଣମାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ହୋଇଥିଲେ, ଶୋକ ପାଳୁଁ । ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରୁଁ । ଏସବୁ କ୍ରିୟା ବାହ୍ୟତଃ ଲୋକାଚାରରେ ସୀମିତ ହୋଇ ରହିଯାଏ । ହୃଦୟକୁ ସ୍ପର୍ଶ ସୁଦ୍ଧା କରେ ନାହିଁ । ଆଜିର ମଣିଷର ଏହାହିଁ ପ୍ରକୃତ ସ୍ୱରୂପ । କେହି ଏହା ସ୍ୱୀକାର କରୁ ବା ନ କରୁ, ସତ୍ୟ ହିଁ ସତ୍ୟ ।

ଅବଶ୍ୟ ଶ୍ରୀମଦ୍ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ମୃତ୍ୟୁକୁ ଆତ୍ମାର ଘଟ ପରିବର୍ତ୍ତନ (ଯେପରି ଆମେ ପୁରାତନ ପୋଷାକ ଛାଡ଼ି ନୂତନ ପୋଷାକ ପରିଧାନ କରୁଁ) ବୋଲି କହିଅଛନ୍ତି । ଆତ୍ମା ପୁରୁଣା ଦେହ ପରିତ୍ୟାଗ କରି ନୂତନ ଦେହ ଗ୍ରହଣ କରେ । ଆତ୍ମାର ମୃତ୍ୟୁ ନାହିଁ । ଆତ୍ମା ଅଜର ଅମର, ଅବ୍ୟୟ ଅକ୍ଷୟ, ଶାଶ୍ୱତ, ସନାତନ । ମୃତ୍ୟୁ ଘଟେ ପିଣ୍ଡର । ପଞ୍ଚଭୂତର ଶରୀରର ପରିବର୍ତ୍ତନ ମାତ୍ର ହୁଏ । ଏହା ସ୍ଥିତ ପ୍ରଜ୍ଞତା । ସ୍ଥିତ ପ୍ରଜ୍ଞ ଯୋଗୀ ଋଷି ମୁନି ତପସ୍ୱୀମାନେ ଏହା ପ୍ରାଣେ ପ୍ରାଣେ ଉପଲବ୍ଧି କରନ୍ତି, କରିଛନ୍ତି ।

କିନ୍ତୁ ଆଜିର ସମାଜରେ ଲୋକମାନଙ୍କର ସମ୍ବେଦନହୀନତାକୁ ସ୍ଥିତ ପ୍ରଜ୍ଞତା କୁହାଯାଇ ନପାରେ । କାରଣ ସେମାନେ ଯୋଗୀ ଋଷି ମୁନୀ ତପସ୍ୱୀମାନଙ୍କ ପରି ସୁଖଦୁଃଖ ଭୟ କ୍ରୋଧାଦିରେ ଅବିଚଳ ନୁହଁନ୍ତି, ବିଚଳିତ ହୋଇ ଉନ୍ମାଦପ୍ରାୟ ହୋଇଯାଆନ୍ତି । ସେମାନେ ନିଷ୍କାମ ବା ନିର୍ବାସନ ନୁହନ୍ତି । ସକଳ କାମନା ବାସନା ସେମାନଙ୍କର ଅନ୍ତଃସ୍ଥଳରେ ଠୁଳ ହୋଇ ଜମାଟ୍ ବାନ୍ଧି ରହିଛି । ଏକଥା କ'ଣ ସତ୍ୟ ନୁହେଁ ? ଏହା କ'ଣ ସେମାନେ ଅସ୍ୱୀକାର କରିବେ ? ଅସ୍ୱୀକାର କରି ପାରିବେ ??

ସ୍ପଷ୍ଟ ସତ୍ୟ ହେଉଛି ସେମାନେ ଅନ୍ୟର ସୁଖରେ ବରଂ ବିବ୍ରତ ଓ କାତର । ଅନ୍ୟର ବିପଦ ଓ ଦୁଃଖରେ ଅତ୍ୟନ୍ତ ଆନନ୍ଦିତ । ଅଥବା ଅନ୍ୟର ସୁଖଦୁଃଖ ପ୍ରତି ସେମାନଙ୍କର ଖାତିର ସୁଦ୍ଧା ଲେଶମାତ୍ର ନାହିଁ । କାରଣ, ସେମାନେ ଅତ୍ୟନ୍ତ ଆତ୍ମକୈନ୍ଦ୍ରିକ, ଆତ୍ମସ୍ୱାର୍ଥୀ । କେବଳ ଯାହା ନିଜର ଓ ନିଜ ପରିବାରର ଚିନ୍ତାରେ ସେମାନେ ଦିବାରାତ୍ର ଅବିରତ ନିମଗ୍ନ । ସଂସାର ଭାସିଗଲେ ସୁଦ୍ଧା ସତେ ଯେପରି ସେମାନେ ସୁଖ ଐଶ୍ୱର୍ଯ୍ୟରେ ଚିରଦିନ ଏକାପରି ଅବସ୍ଥାରେ କାଳାତିପାତ କରିବେ !!

ଏକ ବିକୃତ ଆତ୍ମପୁଷ୍ଟିର ଅବସ୍ଥା ଏହା । ଏହି ଅବସ୍ଥାର ସଂପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ । ଏହା ନ ହେଲେ ଆଜିର ଶିକ୍ଷା ସଭ୍ୟତା କେବଳ ମାତ୍ର ଛଳନା, କପଟାଚାର, ଅଭିନୟ ହିଁ ପର୍ଯ୍ୟବସିତ ହୋଇ ରହିଯିବ । ମଣିଷର ହୃଦୟ, ବିବେକ, ବିଚାର, ବୁଦ୍ଧି, ଚେତନା ସବୁକିଛି ସ୍ଥାଣୁ ହୋଇଯିବ । ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା, ମମତା ପରି ସୁକୋମଳ ଭାବସମୂହ କେବଳ ଭାଷାକୋଷରେ ସଂଚିତ ଅର୍ଥହୀନ ଶବ୍ଦାବଳୀ ହୋଇ ରହିଯିବ । ପ୍ରଭୁ ଏହି ଅବଶ୍ୟମ୍ଭାବୀ ବିପତ୍ତିରୁ ଆଜିର ମଣିଷ ଓ ସମାଜକୁ ରକ୍ଷାକରନ୍ତୁ । ଏତିକି ତାଙ୍କର ପବିତ୍ର ପଦ୍ମପାଦ ପୀଠରେ ଆମର ପ୍ରାର୍ଥନା ।।

ଅଳମତି ବିସ୍ତରେଣ !
ଓମିତି ନମସ୍କାରାନ୍ତେ -
ଶ୍ରୀକେଶବ ସମର୍ପଣମସ୍ତୁ !!

ବିନୀତ,
କେଶବଦାସ
ସଂପାଦକ, 'ଚରମ'

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## ବିଶ୍ୱପ୍ରେମ ଓ ଆତ୍ମ ସମର୍ପଣ

ଖ୍ରୀଷ୍ଟିୟାନ ଧର୍ମଶାସ୍ତ୍ର ବାଇବେଲ୍‌ର ବାଣୀଟିଏ । ଅର୍ଥ ଏହାର ଅତ୍ୟନ୍ତ ବ୍ୟାପକ । ବିଶ୍ୱପ୍ରେମ ଓ ଆତ୍ମସମର୍ପଣର ଭାବ ଏହି ବାଣୀଟିରେ ବଡ଼ ସୁନ୍ଦର ଭାବରେ ଓ ମନୋରମ ଶୈଳୀରେ ପରିସ୍ଫୁଟ ହୋଇପାରିଛି । ବାଣୀଟି ହେଉଛି :

'You are for the Lord, not for others;

You are for the Lord, so for others'

ପ୍ରଥମେ ଈଶ୍ୱର (ଠାକୁର)ଙ୍କୁ ଭଲ ନପାଇ ଶିଖିଲେ କିପରି ଭାବରେ ଜଗତର ଅନ୍ୟ ସମସ୍ତଙ୍କୁ ଭଲପାଇ ପାରିବା ? ଭଲପାଇବା, ପ୍ରେମ ବା ପ୍ରୀତି ହୃଦୟରାଜ୍ୟର କେନ୍ଦ୍ରସ୍ଥଳରେ ସଞ୍ଚିତ ଏକ ସୁକୋମଳ ଭାବ । ଏହା ଶୈଶବରୁ ଅଙ୍କୁରିତ ହୋଇ ବୟସ ବୃଦ୍ଧି ସହିତ ସମତାଳରେ ସାମଞ୍ଜସ୍ୟ ରକ୍ଷାକରି ମୃତ୍ୟୁ ଅବଧି ଜୀବନ୍ତ ଓ ସତେଜ ଥାଏ । ଧରାପୃଷ୍ଠରେ ଦେହଧାରଣ କରି ଏପରି କେହି ନାହିଁ ଯିଏ ଅନ୍ୟ କାହାକୁ ଭଲ ନ ପାଏ । ଅବଶ୍ୟ ଏହି ଭଲପାଇବାର ରୂପ ବିଭିନ୍ନ ବ୍ୟକ୍ତିଠାରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ହୁଏ । ସ୍ୱାର୍ଥ ବିଜଡ଼ିତ ଭଲପାଇବା କେବଳ ଭୋଗ ସର୍ବସ୍ୱ । ଏହା ସ୍ଥୂଳ, ତେଣୁ ଦେହ ସହିତ ସଂପୃକ୍ତ । ଏପରି ଭଲପାଇବା ଅତ୍ୟନ୍ତ ନିମ୍ନମାନର ହୋଇଥାଏ । ଅବଶ୍ୟ ଯେହେତୁ ପ୍ରେମର ଉତ୍ପତ୍ତିସ୍ଥଳ ହୃଦୟ ଏବଂ ହୃଦୟ ଦେହରେ ଅବସ୍ଥିତ, ତେଣୁ ସମସ୍ତ ପ୍ରକାର ଭଲପାଇବା ଦେହ ସହିତ ଜଡ଼ିତ - ତାହା ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ । ନିଃସ୍ୱାର୍ଥ ଭଲପାଇବା ହିଁ ତ୍ୟାଗ ଉପରେ ପ୍ରତିଷ୍ଠିତ । ସେହିପରି ତ୍ୟାଗ ମଧ୍ୟ ନିଃସ୍ୱାର୍ଥପ୍ରେମ ଉପରେ ଅଧିଷ୍ଠିତ । ଏହା ସୂକ୍ଷ୍ମ ଓ ହାର୍ଦ୍ଦିକ । ଏହା ଆତ୍ମାକୁ ସ୍ପର୍ଶ କରେ, ଆତ୍ମାର ସ୍ପର୍ଶ ଲାଭ କରେ । ଏଥିରେ ପରୋକ୍ଷ ଦେହଭାବ ଥାଏ, ପ୍ରତ୍ୟକ୍ଷ ସ୍ଥୂଳଦେହ ସହିତ ଏହି ଆତ୍ମିକ ପ୍ରେମର ସଂପର୍କ କ୍ଷୀଣ, ତେଣୁ ଗୌଣ । ଏହି ପ୍ରକାର ପ୍ରେମ ହିଁ ଆମ ଆଲୋଚନାର ପରିସରଭୁକ୍ତ । ଏହି ପ୍ରେମ ଦିବ୍ୟ, ଶାଶ୍ୱତ, ଚିରନ୍ତନ, ସନାତନ ଓ ସତ୍ୟ-ଶିବ-ସୁନ୍ଦର ଉପରେ ପ୍ରତିଷ୍ଠିତ । ଏହି ଦିବ୍ୟପ୍ରେମ ହିଁ ବିଶ୍ୱପ୍ରେମର ମାର୍ଗ ଉନ୍ମୋଚନ କରେ ।

ଏବେ ଆସ ଆମ ମୂଳ ପ୍ରସଙ୍ଗକୁ ଫେରିଯିବା । ପ୍ରେମ ସାଧନର ମୂଳତତ୍ତ୍ୱ ହେଉଛି 'You are for the Lord, not for others' ତୁମେ ଈଶ୍ୱରଙ୍କ ପାଇଁ, ଅନ୍ୟମାନଙ୍କ ପାଇଁ ନୁହଁ । ତେଣୁ ତୁମେ ଈଶ୍ୱରଙ୍କୁ ଭଲପାଅ । ଈଶ୍ୱରଙ୍କୁ ପ୍ରେମକର । ଈଶ୍ୱରଙ୍କ ପାଇଁ ସର୍ବସ୍ୱ ତ୍ୟାଗ କର । ଭୋଗ ବିଳାସର ଜୀବନ ସର୍ବାଦୌ ତ୍ୟାଗ କର । ଅନ୍ୟ ସମସ୍ତଙ୍କ ସହିତ ତୁମର ସଂପର୍କ କ୍ଷୀଣ ଓ ଗୌଣ । ଅନ୍ୟମାନଙ୍କୁ ଭଲପାଇବାର ସୂତ୍ର ତୁମେ ଜାଣିନାହଁ, ତେଣୁ ଅନ୍ୟ କାହାକୁ ମଧ୍ୟ ତୁମେ ଭଲପାଇବା ଆବଶ୍ୟକ ନାହିଁ । କାରଣ, ଅନ୍ୟମାନେ ମଧ୍ୟ ଭଲପାଇବା କ'ଣ ତାହା ଏ ପର୍ଯ୍ୟନ୍ତ ଶିକ୍ଷା କରିପାରି ନାହାନ୍ତି । ସେମାନେ କେବଳ ସେମାନଙ୍କର ତୁଚ୍ଛ ହୀନ ଜୈବିକ, ଦୈହିକ କାମକାମନାକୁ ପୁଞ୍ଜିକରି ତୁମକୁ ବାହ୍ୟତଃ ଭଲପାଇ ବସିବେ । ପ୍ରଲୋଭନ ଦେଖାଇ ଦୁଷ୍ଟ ବୁଦ୍ଧିରେ ତୁମକୁ ହିଁ ଲୁଣ୍ଠନ କରିବେ । ଏହାଦ୍ୱାରା ତୁମ ଆତ୍ମା କଦାପି ଶାନ୍ତି ସନ୍ତୋଷ ଲାଭ କରି ପାରିବ ନାହିଁ । ତେଣୁ ବାଇବେଲ କହେ - You are for the Lord, not for others. ପ୍ରଥମେ ସମଷ୍ଟିକୁ ଭଲ ପାଇ ନଶିଖିଲେ, ତୁମେ କିପରି ବ୍ୟଷ୍ଟିକୁ ଭଲ ପାଇପାରିବ ? ଈଶ୍ୱର (ଠାକୁର) ହିଁ ସମଷ୍ଟି । ସମଗ୍ର ଜଗତକୁ ଯଦି ଏକ ଓ ଅଖଣ୍ଡ ରୂପେ ଚିନ୍ତା କରାଯାଏ, ତାହାହିଁ ଈଶ୍ୱର (ଠାକୁର)। ପୁଣି ଦୃଶ୍ୟମାନ ଜଗତ ଯେତେବେଳେ ପୃଥକ୍ ପୃଥକ୍ ରୂପେ ଦେଖାଯାଏ, ସେତେବେଳେ ତାହା ବ୍ୟଷ୍ଟି । ସେହି ସର୍ବବ୍ୟାପୀ ସମଷ୍ଟି (ଠାକୁର)ଙ୍କୁ ଯେଉଁ ଏକ ଅଖଣ୍ଡ ଭାବ ମଧ୍ୟରେ କ୍ଷୁଦ୍ରତର ଅଖଣ୍ଡ ଭାବସମୂହ ଅବସ୍ଥିତ - ଭଲ ପାଇଲେ ହିଁ ସମଗ୍ର ଜଗତକୁ ଭଲପାଇବା ସମ୍ଭବ । ବିଶେଷ ବା Particular କୁ ଜାଣିବା ପାଇଁ ପ୍ରଥମେ ସାମାନ୍ୟ ବା Universal ର ଅନ୍ୱେଷଣ ଆବଶ୍ୟକ । ଜ୍ଞାନୀର ଲକ୍ଷ୍ୟ-ଯାହାକୁ ଜାଣିଲେ, ସବୁକିଛି ଜାଣି ହୁଏ, ସେହି ସମଷ୍ଟିଭୂତ, ଏକ, ନିରପେକ୍ଷ, ସର୍ବଭୂତର ମଧ୍ୟଗତ ସାମାନ୍ୟ ଭାବସ୍ୱରୂପ ପୁରୁଷ (ଠାକୁର)ଙ୍କୁ ଜାଣିବା । ଭକ୍ତ ଚାହେଁ - ଯାହାକୁ ଭଲପାଇଲେ ଏହି ଚରାଚର ବିଶ୍ୱବ୍ରହ୍ମାଣ୍ଡ ପ୍ରତି ଭଲପାଇବା ଜନ୍ମ ହୁଏ, ସେହି ସର୍ବଗତ ପୁରୁଷ ପ୍ରଧାନ (ଠାକୁର)ଙ୍କୁ ସାକ୍ଷାତ୍ ପ୍ରତ୍ୟକ୍ଷ ଉପଲବ୍ଧି କରିବାକୁ । ଯୋଗୀର ଆକାଂକ୍ଷା-ସେହି ସକଳର ମୂଳୀଭୂତ ଶକ୍ତି (ଠାକୁର)ଙ୍କୁ ଜୟ କରିବାକୁ, ଯାହାକୁ ଜୟ କଲେ, ସମୁଦାୟ ଜଗତକୁ ଜୟ କରାଯାଇ ପାରିବ । ଜଡ଼ବିଜ୍ଞାନ କି

ମନୋବିଜ୍ଞାନ ହେଉ ଅଥବା ଭକ୍ତିତତ୍ତ୍ୱ କି ଦର୍ଶନ ତତ୍ତ୍ୱ ହେଉ ସର୍ବତ୍ର ଚିରକାଳ ବହୁ ମଧ୍ୟରେ ଏକ ସର୍ବଗତ ତତ୍ତ୍ୱର ଅପୂର୍ବ ଅନୁସନ୍ଧାନରେ ମଣିଷର ମନ, ପ୍ରାଣ ଓ ହୃଦୟ ନିୟୋଜିତ ।

ଭକ୍ତ କ୍ରମେ ଏହି ସିଦ୍ଧାନ୍ତରେ ଉପନୀତ ହୁଏ ଯେ, ତୁମେ ଯଦି ଜଣକ ପରେ ଜଣକୁ ଭଲପାଇ ଚାଲିଥାଅ, ତେବେ ତୁମେ ଅନନ୍ତକାଳ ଧରି ଉତ୍ତରୋତ୍ତର ଅଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ଭଲପାଇ ଯାଇପାର, କିନ୍ତୁ ସମଗ୍ର ଜଗତକୁ ଭଲପାଇବାକୁ ଆଦୌ  ସମର୍ଥ ହୋଇ ପାରିବ ନାହିଁ । କିନ୍ତୁ ଅବଶେଷରେ ଯେତେବେଳେ ଏହି ମୂଳ ସତ୍ୟ ଅବଗତ ହୋଇଯିବ ଯେ, ଈଶ୍ୱର (ଠାକୁର) ସମୁଦାୟ ପ୍ରେମର ସମଷ୍ଟିସ୍ୱରୂପ, ମୁକ୍ତ ମୁମୁକ୍ଷୁ ବଦ୍ଧଜଗତର ସକଳ ଜୀବାତ୍ମାର ସକଳ ଆଶା ଆକାଂକ୍ଷାର ସମଷ୍ଟି ହିଁ ଈଶ୍ୱର (ଠାକୁର), ସେତେବେଳେ ତୁମେ ତୁମର ସମସ୍ତ ମନପ୍ରାଣ ହୃଦୟ ତାଙ୍କରି ପାଦପଦ୍ମରେ ଅଜାଡ଼ିଦେଇ ନିଃସର୍ତ୍ତ ନିଃସ୍ୱାର୍ଥ ଭଲପାଇବା ଠାକୁରଙ୍କ ଠାରେ ହିଁ କେନ୍ଦ୍ରୀଭୂତ କରିଦେବ । ଏହି ଅବସ୍ଥାରେ ଉପନୀତ ହେଲେ, ତୁମର ପ୍ରାଥମିକ ସାଧନାରେ ସିଦ୍ଧି ପାଇବ ।

ପ୍ରାଥମିକ ସ୍ତରରେ ସାଧନାର ସିଦ୍ଧିପରେ, ତୁମେ ଉଚ୍ଚତର ସ୍ତରର ସାଧନା ପାଇଁ ଯୋଗ୍ୟ ବିବେଚିତ ହେବ । ସେତେବେଳେ ତୁମେ ତୁମ ଅନ୍ତରର ବାଣୀ ଶୁଣିବ - ଠାକୁରେ ହିଁ ସମଷ୍ଟି ଏବଂ ଏହି ଦୃଶ୍ୟମାନ ଜଗତ ଠାକୁରଙ୍କର ପରିଚ୍ଛିନ୍ନ ଭାବ - ଠାକୁରଙ୍କର ଅଭିବ୍ୟକ୍ତି ମାତ୍ର । ସମଷ୍ଟିକୁ ଭଲ ପାଇଲେ, ସମୁଦାୟ ଜଗତକୁ ଭଲପାଇବା ହେଲା । ସେତେବେଳେ ତୁମର ଜଗତକୁ ଭଲପାଇବା ଓ ଜଗତର କଲ୍ୟାଣ ସାଧନ କରିବା - ସବୁକିଛି ସହଜ ସୁନ୍ଦର ହୋଇଯିବ । ଏହି ସ୍ତରରେ ଉପନୀତ ହେଲେ, ତୁମେ ବାଇବେଲ୍‌ର ବାଣୀଟିର ଦ୍ୱିତୀୟ ପାଦ ସାଧନ କରିବାକୁ ସମର୍ଥ ହେବ You are for the Lord, so far other- ତେଣୁ ସର୍ବ ପ୍ରଥମେ ଭଗବଦ୍ ପ୍ରେମ ଦ୍ୱାରା ତୁମକୁ ଏହି ଶକ୍ତିଲାଭ କରିବାକୁ ହେବ । ଏହା ନ ହେଲେ, ଜଗତରେ କଲ୍ୟାଣ ସାଧନ କରିବା ସମ୍ଭବ ହେବନାହିଁ । ଜଗତ କଲ୍ୟାଣର ଦୁହାଇ ଦେଇ ତୁମେ ତୁମର ହୀନ ଓ ନୀଚ ଆତ୍ମ ସ୍ୱାର୍ଥ ବୁଦ୍ଧିରେ ପରିଚାଳିତ ହୋଇ ଆତ୍ମ ସ୍ୱାର୍ଥ କଲ୍ୟାଣ ହିଁ କରିଚାଲିବ । ଜଗତରେ ଘୃଣିତ ହୋଇଯିବ, ବିଶ୍ୱାସ ଘାତକ ହୋଇଯିବ, ବନ୍ଧୁଦ୍ରୋହୀ ହୋଇଯିବ, ଭୟଙ୍କର ସ୍ୱାର୍ଥପର, ବିଷୟଭୋଗୀ, ଛଳନାକାରୀ ଓ କପଟାଚାରୀ ହୋଇଯିବ ।

ଭକ୍ତ କହେ : ସବୁ ତ ତାଙ୍କରି, ସବୁ ତ ସିଏ । ସେ ମୋର ପ୍ରିୟତମ ଜୀବନ ଦେବତା । ସେହିଁ ପ୍ରେମମୟ, ମୁଁ ତାଙ୍କୁ ମନପ୍ରାଣ ହୃଦୟ ଦେଇ ଭଲପାଏ । ଏହି ଭାବରେ ସ୍ଥିର ଓ ଅବିଚଳ ରହିଲେ, ତୁମ ପାଇଁ କ୍ରମଶଃ ସବୁକିଛି ପବିତ୍ର ବୋଧ ହେବ । କାରଣ ସେ ପବିତ୍ର ଓ ସବୁକିଛି ହିଁ ତାଙ୍କର । ସମସ୍ତେ ତାଙ୍କରି ସନ୍ତାନ । ତାଙ୍କରି ଅଙ୍ଗ ସ୍ୱରୂପ । ତାଙ୍କରି ପରିପ୍ରକାଶ ମାତ୍ର । ଏହି ଅବବୋଧରେ ଅଧିଷ୍ଠିତ ହେବାପରେ ତୁମେ କିପରି ଅନ୍ୟର ଦେହମନ ପ୍ରାଣରେ ଆଘାତ ଦେଇପାରିବ ? ଅନ୍ୟକୁ ଭଲ ନ ପାଇ କିପରି ଘୃଣା, ଅବିଶ୍ୱାସ, ସନ୍ଦେହ କରି ପାରିବ ? ଭଗବଦ୍ ପ୍ରେମ ହୃଦୟକନ୍ଦରରେ ଅବାରିତ ପ୍ରବାହିତ ହେଲେ, ସଙ୍ଗେ ସଙ୍ଗେ ତାହାର ନିଶ୍ଚିତ ଫଳ ସ୍ୱରୂପ ସର୍ବଭୂତରେ ବିମଳ, ନିର୍ମଳ, ନିଃସର୍ତ୍ତ, ନିଃସ୍ୱାର୍ଥ, ପବିତ୍ର ପ୍ରେମଭାବ ଅବଶ୍ୟ ଜାଗ୍ରତ ହେବ । ଅନ୍ୟ ସମସ୍ତଙ୍କୁ ଅତି ଆପଣାର ନ ଭାବି, ଅନ୍ୟ ସମସ୍ତଙ୍କୁ ଭଲ ନପାଇ, ଅନ୍ୟ ସମସ୍ତଙ୍କର ମଙ୍ଗଳ ଓ କଲ୍ୟାଣ ନ କରି ତୁମେ କଦାପି ରହିପାରିବ ନାହିଁ । ତୁମେ ଯେତେ ଅଧିକ ଠାକୁରଙ୍କ ଆଡ଼କୁ ଅଗ୍ରସର ହୋଇ ଚାଲିବ, ଯେତେ ଅଧିକ ଠାକୁରଙ୍କୁ ଭଲପାଇ ଚାଲିବ, ସେତେ ଅଧିକ ସ୍ପଷ୍ଟଭାବରେ ସମସ୍ତଙ୍କୁ, ସମସ୍ତ ବସ୍ତୁକୁ ତାଙ୍କରି ଭିତରେ ଦେଖିବାକୁ ପାଇବ, ସମସ୍ତଙ୍କ ଭିତରେ ଓ ସମସ୍ତ ବସ୍ତୁରେ ଠାକୁରଙ୍କୁ ମଧ୍ୟ ଦେଖିପାରିବ, ଅନୁଭବ କରି ପାରିବ । ଏହି ପର୍ଯ୍ୟାୟରେ ଉପନୀତ ହେଲେ, ତୁମେ ପ୍ରତ୍ୟେକଙ୍କୁ ଭଲ ପାଇ ପାରିବ, ପ୍ରେମକରି ପାରିବ, ଭାବବିନିମୟ ସ୍ୱଚ୍ଛ ଓ ପବିତ୍ର ହେବ । ଏହାହିଁ **ପରାଭକ୍ତି । ପରାଭକ୍ତି ଲାଭରେ ସମର୍ଥ ହେଲେ, ଠାକୁରଙ୍କ ଭିତରେ ସମସ୍ତ ବ୍ୟକ୍ତି ଓ ବସ୍ତୁକୁ ଏବଂ ସମସ୍ତ ବ୍ୟକ୍ତି ଓ ବସ୍ତୁ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବା ସମ୍ଭବ ହୁଏ । ଠାକୁରଙ୍କୁ ସର୍ବଭୂତରେ ଦର୍ଶନ କରିବା ଆରମ୍ଭ ହୋଇଗଲେ, ହୃଦୟ ପ୍ରେମର ଏକ ଅନନ୍ତ ପ୍ରସ୍ରବଣ ହୋଇ ପ୍ରତିଭାତ ହୁଏ ।**

ଯେତେବେଳେ ତୁମେ ଏତାଦୃଶ ପ୍ରେମର ଆହୁରି ଉଚ୍ଚତର ସ୍ତରରେ ଉପନୀତ ହେବ, ସେତେବେଳେ ଏହି ଦୃଶ୍ୟମାନ ଜଗତର ସମସ୍ତ ପଦାର୍ଥ, ବସ୍ତୁ ଓ ବ୍ୟକ୍ତି ମଧ୍ୟରେ ଯେଉଁସବୁ ପାର୍ଥକ୍ୟ ରହିଛି, ତାହା ସଂପୂର୍ଣ୍ଣ ଦୂରୀଭୂତ ହୋଇଯିବ । ସେତେବେଳେ ମନୁଷ୍ୟ ଆଉ ମନୁଷ୍ୟ ଭଳି ବୋଧ ହେବେ ନାହିଁ, ଭଗବାନ ବୋଲି ବୋଧ ହେବେ । ଅପରାପର ଜୀବଜନ୍ତୁ କୀଟ ପତଙ୍ଗ, ସରୀସୃପ ଆଉ ସେହିପରି ବୋଧ ନ ହୋଇ ଈଶ୍ୱର ବୋଲି ବୋଧ ହେବେ । ଏହିପରି ପ୍ରଗାଢ଼ ଭକ୍ତି ଅବସ୍ଥାରେ ସର୍ବ ପ୍ରାଣୀ ହିଁ ଉପାସ୍ୟ ହୋଇ ଯାଆନ୍ତି । ସର୍ବ ଭୂତରେ ଠାକରୁଙ୍କୁ ଅବସ୍ଥିତ ଜାଣି ପ୍ରଭୁ ଭକ୍ତ ସକଳ ପ୍ରାଣୀଙ୍କୁ ଅବିଚଳିତ ଭଲ ପାଇ ପ୍ରେମ କରେ ॥ (କ୍ରମଶଃ)

***

ଶ୍ରୀମନ୍ଦିର


**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

## ଅଚ୍ୟୁତଙ୍କ ଲେଖନୀରୁ

ପରମ ଜ୍ଞାନ ଗୀତାରୁ ଉଦ୍ଧୃତ :

ଗୋଲହାଟ ଉପରେଣ
କାଉଁରୀ ପାଟଣା ।
ଗମି ନପାରିଣ ତହିଁ
ହେଉଛନ୍ତି ବଣା ॥
କଇବଲ୍ୟ ବିକା ଲାଗିଛି ଗୋଲକ ପୁରେ ।
ବ୍ରହ୍ମଜ୍ଞାନୀ ରହିଛନ୍ତି ଲୟରେ ସେଠାରେ ।।
କିଳିଣୀକି ଖୋଜିଣ ବେଗେ ହୋଇବୁ ପାରି ।
କିଳିଣୀ ମିଳିଲେ ସିନା ଶାନ୍ତି ଯେ ତୋହରି ।।
ଜଗତେ ଯେ ପୂରିଅଛି ସର୍ବଘଟ ମଧେଣ ।
ଘଟ ଛାଡ଼ିଲେ ଏହୁ ପିଣ୍ଡ ହେବ ବାରଣ ।।
ଦୁର୍ଲ୍ଲଭ ଏ ନରଘଟ ଏଥୁଂ ଶ୍ରେଷ୍ଠ ନାହିଁ ।
ସର୍ବ ଜୀବ ଥିତି ନାମବ୍ରହ୍ମ ଅଛି ତହିଁ ।।
ବଇଷ୍ଣବ ଦୀକ୍ଷାନାମ
ଆଶ୍ରେ କଲା ଲୋକ ।
ଦୁର୍ଲ୍ଲଭ ତା'ର ଜୀବନ
ମୁକତି ସୂଚକ ॥
ଠୁଳ ଶୂନ୍ୟ ପରେ ନିତ୍ୟ ରାସ ଯେ ଲାଗିଛି ।
ଅମନ ଶିଖରେ ନେଇ ଗଜକୁ ରଖିଛି ।।
ବଙ୍କନାଳ ଜିଣି ତୁହି ବେଗେ ଚଳି ଯିବୁ ।
ଅମନ ଶିଖରେ ଯାଇ ଗଜକୁ ଭେଟିବୁ ।।
ସୂଚୀ ରନ୍ଧ୍ର ବାଟ ତହିଁ ଗୋଲୋକକୁ ଥାଇ ।
ଦେଖୁ ଦେଖୁ ମଉଗଜ ଗମନ କରଇ ।।
ଫୁଙ୍କାବନ୍ଧ ପରେ ନିତ୍ୟ ରାହାସ ହୋଅଇ ।
ଅଗମ୍ୟ ଭୁବନ କେହି ଗମି ନ ପାରଇ ।।
ନିଷ୍ଚଳ ହୋଇଣ ମନ
ତହିଁ ତୁହି ଥିବୁ ।
ଅମନ ମନ୍ଦିରେ ଯାଇ
ଗଜକୁ ବାନ୍ଧିବୁ ॥

***




## ଗଳ୍ପାଂଶ

### ଚନ୍ଦ୍ରସେଣାର ପୂର୍ବ ଉପାଖ୍ୟାନ

### 'ହରିବଂଶ'ରୁ ଉଦ୍ଧୃତ ପ୍ରସଙ୍ଗ :

ଏଥୁ ଅନ୍ତେ ପରୀକ୍ଷିତ ମହାରାଜା ଶୁକମୁନିଙ୍କ ଚରଣରେ ଦିବ୍ୟପୂଜା କରି କହିଲେ : ହେ ମୁନିବର ! ରାଧା କମଳାଙ୍କର ଅବତାର ହୋଇ ମଧ ଚନ୍ଦ୍ରସେଣାର ଘରଣୀ ହେଲେ କିଁପରି ? କମଳା ତ ଶ୍ରୀକୃଷ୍ଣଙ୍କର ଘରଣୀ । ରାଧା କାହିଁକି ଗୋପପୁରରେ ଜନ୍ମ ନେଲେ ଓ ନାରାୟଣ କାହିଁକି ରାଧାଙ୍କ ସହିତ ଚୋରା ପ୍ରୀତି କଲେ ? ହେ ମୁନିବର ! ତୁମେ କୃପାକରି ମୋତେ ରାଧା ଓ ଚନ୍ଦ୍ରସେଣାର ଚରିତ କହି ଧନ୍ୟକର । ଏହା ଶୁଣି ଶୁକମୁନି ବୋଇଲେ, ଏହା ଅତ୍ୟନ୍ତ ପୁଣ୍ୟକଥା । ଭଲଭାବରେ ବ୍ୟବସ୍ଥା କରି ଏହା ତୁମକୁ କହୁଅଛି, ଶୁଣ । ହରିବଂଶର ଏହି ଆଖ୍ୟାନ ଭକ୍ତି ଓ ବିଶ୍ୱାସର ସହିତ ଶୁଣିଲେ, ସକଳ ପାତକ ଦହନ ହେବ । ସେହି ଆଦି ଅନାଦି ପୁରୁଷ ନିରାକାର ବ୍ରହ୍ମ ବ୍ରହ୍ମଯୋନି ପୁରରେ ଭହି ଲୀଳା କରନ୍ତି । ସେ ଅହୋରାତ୍ର ଲୀଳାସକ୍ତ ଅଟନ୍ତି । ତାଙ୍କର କ୍ଷଣେ ମାତ୍ର ବିଶ୍ରାମ ସୁଦ୍ଧା ନାହିଁ । ଏକଦା ଲକ୍ଷ୍ମୀଙ୍କୁ ଧରି ମହାପ୍ରଭୁ ଲୀଳା କରୁଥାଆନ୍ତି । ଲୀଳା ଅବସରରେ ଲକ୍ଷ୍ମୀଙ୍କର ସ୍ୱେଦ ଲକ୍ଷ୍ମୀକଳାଧରି କ୍ଷୀର ସାଗରରେ ଗଳି ପଡ଼ିଲା । ତହିଁରୁ ବେନି କୁମାରୀ କ୍ଷୀର ସାଗରରେ ଜନ୍ମ ନେଲେ । ତନ୍ମଧ୍ୟରୁ ସମୁଦ୍ର ମନ୍ଥନରୁ କମଳା ଜନମ ନେଲେ ଓ ନାରାୟଣଙ୍କୁ ବରଣ କରି ବୈକୁଣ୍ଠରେ ରହିଲେ । ଅନ୍ୟ କନ୍ୟାଟି କୁମାରୀ ଥିଲେ । ପିତାମହ ଯୋଗମଗ୍ନ ଅବସ୍ଥାରେ ବସିଥିବା ସମୟରେ ସେହି ଦୁହିତା ଜନ୍ମ ନେଲା । ବ୍ରହ୍ମା ଏହା ଯୋଗଧ୍ୟାନରେ ଜାଣିଲେ । ସେ କୁମାରୀ ଲକ୍ଷ୍ମୀନାରାୟଣ କଳା ପ୍ରାପ୍ତ ହେଲେ । ଏହା ଜାଣି ବେଦବର ବ୍ରହ୍ମା ସେ କନ୍ୟାକୁ ସଙ୍ଗରେ ନେଇଯାଇ ଯତ୍ନର ସହିତ ପାଖରେ ରଖିଲେ । ବ୍ରହ୍ମାଙ୍କ ବଂଶରେ ନୀଳସେନ ଜନ୍ମ ନେଇଥିଲେ । ସେ ବ୍ରହ୍ମାଙ୍କୁ ସେବାରେ ସନ୍ତୁଷ୍ଟ କରି ପୁତ୍ରଦାନ ଭିକ୍ଷା କଲେ । ବେଦମୁଖ ବ୍ରହ୍ମା ଏହା ଶୁଣି ତାଙ୍କୁ ସେହି ପାଳିତା କନ୍ୟାଟି ଦେଇ ଯତ୍ନରେ ରଖିବାକୁ କହିଲେ । ନୀଳସେନ ପଚାରିଲେ, ଏ କନ୍ୟାର ନାମ କ'ଣ ? ଏ କନ୍ୟାକୁ ନେଇ ମୁଁ ବା କ'ଣ କରିବି ? ବ୍ରହ୍ମା ଏହା ଶୁଣି ମନେ ମନେ ବିଚାର କଲେ, ଲକ୍ଷ୍ମୀନାରାୟଣଙ୍କର ରାସରୁ ଏ କନ୍ୟାର ଜନ୍ମ, ତେଣୁ ଏହାର ନାମ ରାଧା ହେବା ଉଚିତ । ଏହା ବିଚାରି ସେ ନୀଳସେନଙ୍କୁ କହିଲେ, ଏ କନ୍ୟାର ନାମ ରାଧା । ତୁମେ ଏ କନ୍ୟାକୁ ନେଇ ଯତ୍ନର ସହିତ ପାଳନ କର । ତହୁଁ ନୀଳସେନ ସେ ଅପୂର୍ବ ସୁନ୍ଦରୀ କୁମାରୀ କନ୍ୟାକୁ ନେଇ ସ୍ୱପୁରକୁ ଗମନକରି ତାହାର ନାମ ନୀଳକାନ୍ତି ଦେଲେ । ଯଥା ସମୟରେ ନୀଳକାନ୍ତିର ଯୁବାକାଳ ଉଦୟ ହେଲା । ସେ ଏତେ

ସୁନ୍ଦରୀ ଥିଲେ ଯେ, ପୃଥିବୀର କୌଣସି ରାଜା ଯୁବରାଜ ତାଙ୍କର ଯୋଗ୍ୟ ବର ବିବେଚିତ ହେଉ ନ ଥିଲେ । ଅନୂଢ଼ା ନବଯୁବତୀ ନୀଳକାନ୍ତି ପ୍ରତିଦିନ ଧୂପଦୀପ ପୁଷ୍ପ ଚନ୍ଦନ ନୈବେଦ୍ୟାଦି ଦେଇ ବାଲୁକା ପୂଜୁଥିଲେ ଏବଂ ନାରାୟଣ ତାଙ୍କର ଯେପରି ବର ହେବେ ସେହି ବର ହିଁ ମାଗୁଥିଲେ । ହରିଙ୍କ ବିନୁ ମୋର ଆଉ କେହି ବର ନୁହେଁ - ଏହା ଭାବି ସେ ସର୍ବଦା ନାରାୟଣଙ୍କୁ ଚିନ୍ତା କରୁଥିଲେ । ସେ ନାରାୟଣଙ୍କୁ ବରରୂପେ ବରଣ କରି ତାଙ୍କୁ କାୟମନୋବାକ୍ୟରେ ନିଜ ଦେହ ସମର୍ପଣ କରି ଦେଇଥିଲେ ।

ପ୍ରତିଦିନ ଭଳି ସେଦିନ ମଧ ପାଞ୍ଚସାତ ଜଣ ସଖୀଙ୍କୁ ଧରି ନୀଳକାନ୍ତି ଗଙ୍ଗାରେ ସ୍ନାନ କରୁଥିଲେ । ସେଦିନ ମକର ମାସ, କୃଷ୍ଣପକ୍ଷ, ସୋମବାର, ପୁଷ୍ୟା ନକ୍ଷତ୍ର । ନବଯୁବତୀ ନୀଳକାନ୍ତି ଗଙ୍ଗାରେ ସ୍ନାନ କରୁଥିବା ଅବସ୍ଥାରେ ଯୁବକ ମହର୍ଷି ମନୁ ସେଠାରେ ଉପସ୍ଥିତ ହୋଇ ନବ ଯୌବନୀର ଜାନୁ ଯୌବନାଦି ଦେଖି ମଦନ ବାଣରେ ଛନ୍ନ ଛନ୍ନ ହୋଇ ଚାଟୁବାକ୍ୟରେ କହିବାକୁ ଲାଗିଲେ-ଗୋ ରୂପସୀ କୁମାରୀ, ମୁଁ ଜାଣୁଛି ତୁ ନୀଳସେନ ରାଜାଙ୍କର କନ୍ୟା ଅଟୁ। ମୁଁ ସ୍ୱୟଂ ବ୍ରହ୍ମାଙ୍କ କୁମର, ବେଦରେ ମୋର ଅଧିକାର ଅଛି । ମୋ ଶରୀର ସାମର୍ଥ୍ୟ ଦେଖି ମୁଁ ତୋର ବର ହେବା ପାଇଁ ଯୋଗ୍ୟ କି ନୁହେଁ ବିଚାର କର ଓ ମୋତେ ତୋ ବର ରୂପରେ ବରଣ କର । ଏକଥା ଶୁଣି ନୀଳକାନ୍ତି କ୍ରୋଧରେ ଜର୍ଜର ହୋଇ କହିଲା -ମୋର ଯୋଗ୍ୟବର ପ୍ରଭୁ ଜନାର୍ଦ୍ଦନ। କାମଜ୍ୱାଳାରେ ଭୋକ ହୋଇ ମୋତେ ଘରଣୀ କରିବା ପାଇଁ ମନ ବଳାଉ ଥିବାରୁ ମୁଁ ଅଭିଶାପ ଦେଉଛି-ହେ ଋଷି, ତୁମେ ନପୁଂସକ ହୋଇଯାଅ। ଏହା ଶୁଣି ଋଷି ମନୁ କହିଲେ-ତୁ ମୋତେ ନପୁଂସକ ହେବାର ଅଭିଶାପ ଦେଲୁ । ଏବେ ମୋ ବାକ୍ୟ ଶୁଣ । ମୋ ବାକ୍ୟ ମଧ୍ୟ ଅଟଳ । ଜଗତରେ ସବୁ ଲୋକ ତୋର ଜାନୁ ଯୌବନ ଦେଖିବେ । କାମଜ୍ୱାଳାରେ ଜର୍ଜରିତ ହୋଇ ତୁ ବୁଲି ବୁଲି ଗଂଜଣା ପାଇବୁ। ନିଶ୍ଚୟ ଦିନେ ନା ଦିନେ ତୁ ମୋର ଭାର୍ଯ୍ୟା ହେବୁ ହିଁ ହେବୁ। ନୀଳକାନ୍ତି କହିଲେ-ମୋ ବର ସ୍ୱୟଂ ନାରାୟଣ । ମୋ ଆଶା ତ୍ୟାଗକରି ତୁମେ ଯାଇ ମାନବ କୁଳରେ ଜନ୍ମ ହୋଇ ନପୁଂସକ ଭାବରେ ଦିନ ବିତାଅ। ତୁମେ ସଂସାର ସୁଖ ତିଳେମାତ୍ର ଭୋଗ କରି ନ ପାର । ଶାପଗ୍ରସ୍ତ ହୋଇ ମନୁଋଷି ଯାଇ ନୀଳକାନ୍ତିଙ୍କୁ ଭାର୍ଯ୍ୟାରୂପେ ପାଇବା ପାଇଁ ତପସ୍ୟାରେ ବସିଲେ। ଏଣେ ନୀଳସେନ ଦୁହିତା ସୁନ୍ଦରୀ ଯୁବତୀ ନୀଳକାନ୍ତିର ବିବାହ ନିମନ୍ତେ ରାଜା ସ୍ୱୟଂବର ବ୍ୟବସ୍ଥା କରି ବହୁ ରାଜା ମହାରାଜା ଯୁବରାଜମାନଙ୍କୁ ସାଦର ନିମନ୍ତ୍ରଣ କଲେ। ରାଜାମାନେ ଆସିବାରୁ ନୀଳକାନ୍ତି କାତର ହୋଇ ଅହରହ 'ନାରାୟଣ - ନାରାୟଣ' ସ୍ମରଣ କଲା, ଆହାର ନିଦ୍ରା ସମସ୍ତ ତ୍ୟାଗ କରି ନିରାଶ ହୋଇ ଦୃଢ଼ମନରେ ଜପ କରିବାରୁ ଆତଙ୍କନାଶନ ପ୍ରଭୁ ସ୍ୱରୂପ ଜାଣି ଶଙ୍ଖ,ଚକ୍ର,ଗଦା, ପଦ୍ମ ହସ୍ତରେ ଗରୁଡ଼ ବାହନରେ ବିଜେ କରି ନୀଳକାନ୍ତିଙ୍କୁ ଗରୁଡ଼ରେ ବସାଇ ବୈକୁଣ୍ଠ ଭୁବନକୁ ନେଇଗଲେ । ବୈକୁଣ୍ଠପୁରରେ ଅଷ୍ଟଦଳ ପଦ୍ମରେ ଚୌଷଠି ନାୟିକା ବିଦ୍ୟମାନ ଥିଲେ। ଶ୍ରୀରାଧା (ନୀଳକାନ୍ତି)ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହେଲେ। ତେଣେ ଯୁବକ ଋଷି ମନୁ ଚୌରାଶି ହଜାର ବର୍ଷ କଂଅଳ ପତ୍ର ଭକ୍ଷଣ କରି 'ନାରାୟଣ-ନାରାୟଣ' ସର୍ବଦା ଜପି ଶ୍ରୀକୃଷ୍ଣଙ୍କୁ ନିରୂପଣ କରି ତପସ୍ୟାରେ ବସିରହିଲେ । ତାଙ୍କର ଏ ଘୋର କଷ୍ଟକର ତପସ୍ୟା ଦେଖି ନାରାୟଣ ଚତୁର୍ଭୁଜ ମୂର୍ତ୍ତିରେ ଉଭା ହୋଇ ମନୁଙ୍କୁ ତାଙ୍କ ଇଚ୍ଛାମତେ ବର ମାଗିବା ପାଇଁ ''କହିଲେ''। ଋଷି କହିଲେ-ହେ ଜନାର୍ଦ୍ଦନ,ମୋର ଆଉ କିଛି ଲୋଡ଼ା ନାହିଁ। ମୋତେ ନୀଳକାନ୍ତିଙ୍କୁ ଦିଅ। ନାରାୟଣ ତାହା ଶୁଣି କହିଲେ-ତୋତେ ତାଙ୍କୁ ଦେବି । ତାହା କଦାପି ଅନ୍ୟଥା ହେବ ନାହିଁ । ତୁ ମାନବ ଜନ୍ମ ଲାଭ କରିବୁ । ଦ୍ୱାପର ଯୁଗରେ ସୁବାହୁ ନାମରେ ଗୋପପୁରରେ ଗୋପାଳ କୁଳରେ ତୋର ଜନ୍ମ ହେବ । ସେହି ଜନ୍ମରେ ତୁ ନୀଳକାନ୍ତିଙ୍କୁ ଭାର୍ଯ୍ୟାରୂପେ ପାଇବୁ । ମାତ୍ର ଅଭିଶାପ ହେତୁ ତୁ ନପୁଂସକ ହେବୁ । ତେଣୁ ନୀଳକାନ୍ତି ରମଣୀର ରମଣ ଭୋଗ ତୁ ପାଇପାରିବୁ ନାହିଁ । ସେ ପ୍ରକୃତରେ ଆମର ଭାର୍ଯ୍ୟା, ତେଣୁ ତୋର ପତ୍ନୀ ହେଲେ ମଧ ଆମେ ତାଙ୍କୁ ରମଣ କରି ସୁଖଭୋଗ

କରିବୁ । ସେ ଜନ୍ମରେ ତୁ ତୋର ପୂର୍ବଜନ୍ମର ଜ୍ଞାନ ହରାଇ ଅଜ୍ଞାନ ପରି କାଳ କଟାଇବୁ । ଆମର ରଙ୍ଗୀ ଅବତାର ତୁ ଗୋପରେ ଦେଖିପାରିବୁ । ଏହା କହି ନାରାୟଣ ଅନ୍ତର୍ଦ୍ଧାନ ହୋଇଗଲେ । ଏହାପରେ ଭଗବାନ ଗୋପରେ ଲୀଳା କରିବା ପାଇଁ ମନବଳାଇ ନୀଳକାନ୍ତିକୁ ଡାକି କହିଲେ - ତୁ ମୋତେ ବର୍ ରୂପେ ବରିଲୁ । ମାତ୍ର ଏ ବୈକୁଣ୍ଠ ଭୁବନରେ ତୁ ମୋର ରମଣବିଳାସ ସୁଖ ପାଇବୁ ନାହିଁ । ଏବେ ଯାଇ ଗୋପପୁରେ ଜନ୍ମ ଲାଭ କର । ନୀଳକାନ୍ତି କହିଲା - ତୁମେ ଗଲେ ସିନା ! ତା' ନୋହିଲେ କିଏ ମୋର ବର ହେବ ? ଶ୍ରୀନାରାୟଣଙ୍କୁ କହିଲେ - ମନୁ ଋଷି ତୋର ବର ହେବ । ଗୋପପୁରରେ ତା'ର ନାମ ହୋଇଥିବ ଚନ୍ଦ୍ରସେଣା । ଶ୍ରୀମନ୍ନାରାୟଣଙ୍କ ଶ୍ରୀମୁଖରୁ ଏହାଶୁଣି ନୀଳକାନ୍ତି ମୂର୍ଚ୍ଛିତା ହେଲେ । ଚେତା ପାଇ କହିଲେ - ହେ ପ୍ରଭୁ ! ମୋ ପ୍ରତି ଏତେ ନିର୍ଦ୍ଦୟ ହେଲ କାହିଁକି ? ମୋତେ କାହିଁକି ଏପରି ଦଣ୍ଡ ଦେଉଛ ? ତୁମକୁ ବର ରୂପରେ ବରଣ କରି କାୟମନୋବାକ୍ୟରେ ତୁମ ପାଦପଦ୍ମରେ ମୋର ଏହି ଦେହ ସମର୍ପଣ କରିବା କ'ଣ ମୋର ଭୁଲ ହେଲା ? ହେ ପ୍ରଭୁ, କ୍ଷମାକରି ମୋତେ ଉଦ୍ଧାର କର । ଶ୍ରୀହରି କହିଲେ - ତୁ ଯାହା ଅର୍ଜିଛୁ, ତାହା ତୋତେ ଭୋଗ କରିବାକୁ ହେବ ହିଁ ହେବ । ତୁ କାହିଁକି ଋଷିଙ୍କୁ ନପୁଂସକ ହେବାର ଅଭିଶାପ ଦେଲୁ ? ଏବେ ଯାଇ ସେହି ନପୁଂସକର ଭାର୍ଯ୍ୟା ହୁଅ । ଏ ସଂସାରର ଚରିତ୍ର ବଡ଼ ବିଚିତ୍ର । ତାହା ଆମେ ବୁଝିବୁ । ତୋର ବ୍ୟସ୍ତବିବ୍ରତ ହେବାର କିଛି ନାହିଁ । ଗୋପରେ ଗୋପାଳୁଣୀ ହୋଇ ତୁ ଜନ୍ମିବୁ । ନପୁଂସକ ସ୍ୱାମୀ ପାଇ ସ୍ୱାମୀ ସହିତ ରତିକ୍ରୀଡ଼ାର ସୁଖ ପାଇପାରିବୁ ନାହିଁ । ସର୍ବଦା ତୋର ପରପୁରୁଷର ରତି ସଙ୍ଗକୁ ମନ ବଳିବ । ଜଗତ ଯାକ ତୋର ଜାନୁଯୌବନ ଦେଖିବେ । ଆମେ ଗୋପଲୀଳା ଅବସରରେ ତୋର ମନସାଧ ମେଣ୍ଟାଇବା ପାଇଁ ତୋ ସହିତ ଚୋରା ପୀରତି କରି ରତିସୁଖ ଦେବୁଁ । ତୋ ଅଭିଶାପରୁ ତୋ ବର ହେବ ନପୁଂସକ, ଗୋପାଳୁଣୀ ରୂପରେ ତୋର ଦିନକାଳ କଟିବ । ରମଣୀର ଯେଉଁଥିରେ ସୁଖ, ସେହିସୁଖ ଗୋପପୁରରେ ଆମେ ତୋତେ ପୂର୍ଣ୍ଣମାତ୍ରାରେ ଦେବୁଁ । ସେଠାରେ ଆମର ରଙ୍ଗୀ ଅବତାର ଦେଖି ତୁ ଧନ୍ୟ ହେବୁ । ତହୁଁ ଶ୍ରୀରାଧା (ନୀଳକାନ୍ତି) କହିଲେ - ହେ ମୁରାରୀ ! ତୁମକୁ ବର ରୂପେ ବରଣ କରି ମୁଁ ଯେବେ ପରନାରୀ ହେବି, ପରପୁରୁଷ ସହିତ ପ୍ରୀତି କରି ପରପୁରୁଷ ସହିତ ରମଣ କରି, ରତିସୁଖ ଲାଭ କରିବି, ତେବେ ତୁମ ପାଖରେ ଅପରାଧିନୀ ହୋଇଯିବି । ଏପରି ଅପରାଧରୁ ମୋତେ ତୁମେ ହିଁ ରକ୍ଷାକର ହେ କରୁଣା ସାଗର । ଏହା ଶୁଣି ଶ୍ରୀହରି କହିଲେ - ଦ୍ୱାପରରେ ମୋର ରୂପ କଳା ହେବ । କିନ୍ତୁ ତୋର ଏହି ଚମ୍ପକବରଣ ରୂପ ରହିଥିବ । ଏହା କହି ପ୍ରଭୁ ନିଜର ରାହାସକାଳର ରୂପ ତାଙ୍କୁ ଦର୍ଶନ କରାଇ, ତାଙ୍କର ରାହାସ କାଳର ରୂପ ତାଙ୍କୁ ସମର୍ପଣ କଲେ ଏବଂ ଏହି ରୂପରେ ସେ ନିସ୍ତାର ପାଇବ ବୋଲି ଆଜ୍ଞା ଦେଲେ । ତୁ କଦାପି ମୋଠାରେ ଅପରାଧିନୀ ହେବୁ ନାହିଁ । ମୋର ଏହିରୂପ ସେ କାଳରେ ତୁ ଦର୍ଶନ କରିପାରିବୁ । ତୋର ଯେଉଁ ରୂପରେ ପରଦାର ପ୍ରସଙ୍ଗ ହେବ,ସେ ରୂପ ଦର୍ଶନରେ ମୋ ଅଙ୍ଗରେ ଅନଙ୍ଗ ପ୍ରକୋପ ପ୍ରବଳ ହୋଇ ମୋତେ କାମ ବାଧିବ ।

ନାରାୟଣ ବ୍ରହ୍ମାଙ୍କୁ ଡାକି ନୀଳକାନ୍ତିକୁ ନେଇ ଗୋପରେ ଜାତ କରାଇବାର ଦାୟିତ୍ୱ ଅର୍ପଣ କଲେ । ଏହାଶୁଣି ବେଦପତି ବ୍ରହ୍ମା ନୀଳକାନ୍ତିକୁ ଘେନିଯାଇ ଅଜ୍ଞାନକୁଣ୍ଡରେ ବୁଡ଼ାଇଲେ । ତହୁଁ ତାଙ୍କର ପୂର୍ବଜ୍ଞାନ ଲୋପ ପାଇଲା ଓ ସେ ବାଲ୍ୟ ଅବସ୍ଥାକୁ ପ୍ରାପ୍ତ ହେଲେ । ତହୁଁ ବ୍ରହ୍ମା ସେହି ବାଳିକାକୁ ଗୋପପୁରକୁ ନେଇ କାଳିନ୍ଦୀ ହ୍ରଦ ଭିତରେ ଗୋଟିଏ ପଦ୍ମପତ୍ର ଉପରେ ଶୁଆଇ ଦେଇଆସିଲେ । ସେ ବାଳିକା କନ୍ୟାର ନାଭିରେ ନାଡ଼ ସେହିପରି ଲାଗିରହିଥାଏ, ଳାଳରେ ସେ ବୁଡ୍‌ବୁଡୁ ହୋଇଥାଏ, ପଦ୍ମବନ ମଧ୍ୟରେ ପଦ୍ମପତ୍ର ଉପରେ ଶୋଇ ସେ ଅତି ସୁନ୍ଦର ଦେଖାଯାଉଥାଏ । ପଦ୍ମପୁଷ୍ପ ବିକଶିତ ହୋଇ ସେ ବନ ଅତ୍ୟନ୍ତ ସୁଶୋଭିତ ଥିଲା । ବୈଶାଖ ମାସ, ଶୁକ୍ଳପକ୍ଷ, ପଞ୍ଚମୀ ରଜନୀ ପ୍ରଭାତ ସମୟରେ ବ୍ରହ୍ମା ତାଙ୍କୁ ସେଠାରେ ଥୋଇ ଦେଇ ନିଜପୁରକୁ ଗମନ କଲେ । ବୃଷଭାନୁ ସେଦିନ ଦ୍ୱିପ୍ରହର ସମୟରେ

ସେଠାରେ ଉପସ୍ଥିତ ହୋଇ ଗାଈମାନଙ୍କୁ ଜଳପାନ କରାଉଥିଲା । ସେ ସମୟରେ ସେ ହ୍ରଦର ପଦ୍ମବନରୁ ଶିଶୁକନ୍ୟାର କ୍ରନ୍ଦନ ଧ୍ୱନି ଶୁଣି ତା'କୁ ହ୍ରଦ ମଧ୍ୟସ୍ଥ ପଦ୍ମପତ୍ର ଉପରୁ ଗୋଟାଇ ଆଣିଲା । ବୃଷଭାନୁ ଗୋପଙ୍କର ପୁତ୍ରକନ୍ୟା କିଛିହିଁ ନ ଥିଲେ । ଏହି ଶିଶୁକନ୍ୟାକୁ ପାଇ ତେଣୁ ମହା ଆନନ୍ଦରେ ଗଦଗଦ ହୋଇଗଲା । ଅତୀବ ହରଷିତ ମନରେ ସେ ଶିଶୁକନ୍ୟାକୁ କୋଳକରି ଆପଣା ଘରକୁ ନେଇଗଲା । ବୃଷଭାନୁ ଗୋପାଳର ଭାର୍ଯ୍ୟାର ନାମ ପଦ୍ମପ୍ରଭା । ପଦ୍ମପ୍ରଭା ଶିଶୁକନ୍ୟାକୁ କୋଳକୁ ନେଇ ଅତ୍ୟନ୍ତ ଆନନ୍ଦିତ ହେଲେ । କନ୍ୟାର ନାଭି ଛେଦନ କରି ଅନ୍ତୁଡ଼ି ସ୍ଥାପିଲେ । ଏକୋଇଶ ଦିନରେ ପୂଜାପାଠ କରି କନ୍ୟାଟିର ନାମକରଣ କଲେ ରାଧା । ଶୁକ୍ଳପକ୍ଷର ଚନ୍ଦ୍ରତୁଲ୍ୟ କନ୍ୟା ବୃଦ୍ଧିପ୍ରାପ୍ତ ହୋଇ ଯଥା ସମୟରେ ଯୁବାବସ୍ଥା ପ୍ରାପ୍ତ ହେଲା । ନବଯୌବନୀ ରାଧା ରୂପରେ ଥିଲା ଅନନ୍ୟା, ଅତୁଳନୀୟା । ଅନିନ୍ଦ୍ୟସୁନ୍ଦରୀ ଯୁବତୀ । ଗୋପପୁରରେ ତା'ର ସୁନ୍ଦର ପଣକୁ କେହି ପଟାନ୍ତର ନ ଥିଲେ । ସୁବାସ ନାମକ ଗୋପାଳର ପୁଅ ଥିଲା ଚନ୍ଦ୍ରସେଣା । ସେ ମଧ୍ୟ ଥିଲା ଅତ୍ୟନ୍ତ ସୁନ୍ଦର ଯୁବକ । ତା' ସହିତ ତୁଳନୀୟ ଯୁବକ ଗୋପପୁରରେ ଅନ୍ୟ କେହି ନ ଥିଲେ । ରାଧା ଚନ୍ଦ୍ରସେଣାର ଯୋଗ୍ୟା ଓ ସମତୁଲ୍ୟା ବିବେଚିତା ହେଲେ । ତହୁଁ ରାଧାଙ୍କୁ ଚନ୍ଦ୍ରସେଣା ଗୋପାଳ ବିବାହ କଲା । ମାୟାଧର ଅପୂର୍ବ ମାୟା ଭିଆଇଲେ । ଭକ୍ତର ଭାବରେ ବଶୀଭୂତ ହୋଇ ନିଜ ଭାର୍ଯ୍ୟାକୁ ତାଙ୍କ ହାତରେ ଟେକିଦେଲେ ।

ଜୟ ତୁ ପରମାନନ୍ଦ ପରମ ଦୟାଳୁ ।
ସର୍ବ ମନ ଜାଣନ୍ତା ଶରଣ କଳ୍ପତରୁ ।।
ହରିନାମ ଗୋଟି ଜନେ ନିରନ୍ତରେ ଘୋଷ ।
ହରିନାମ ସୁମରଇ ନାରାୟଣ ଦାଶ ।।

(ନାରାୟଣ ଦାଶ କୃତ ଖଣ୍ଡିକିଆ 'ହରିବଂଶ' ରୁ ସଂଗୃହୀତ)

ଉଡ଼ିଗଲେ ଗେଣ୍ଡାଳିଆ,
ଆପଦ ବିପଦେ କେ ନୁହେଁ ସାହା,
ସାହା ଏକା ଚଉବାହା ।।

ବୋଲ ଜୟ ହେ ଯଦୁନନ୍ଦନ,
ଜୟହେ ମାଧବ ଗୋବିନ୍ଦ ଗୋପାଳ,
ଜୟ ମୁକୁନ୍ଦ ମଧୁସୂଦନ ।।


# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ


ପରମାର୍ଥ ଜୀବନଚର୍ଯ୍ୟାରେ ଓ ଭାଗବତ ଚିନ୍ତା ଚେତନାରେ 'ମୋହ' ଏକ କଣ୍ଟକପୂର୍ଣ୍ଣ କଣ୍ଟା । କିନ୍ତୁ ପୂର୍ବବର୍ତ୍ତୀ ବର୍ଣ୍ଣନାରୁ ଯାହା ଜଣାଯାଏ ଏହା ଏକ ଦିଗରେ କଦର୍ଯ୍ୟରିପୁ ଭାବରେ ଯେପରି କାର୍ଯ୍ୟକରେ ଅନ୍ୟଦିଗରେ ସେହିପରି ବହୁ ଉତ୍ଥାନ ମଧ୍ୟ ସଂଘଟନ କରିପାରେ । ଏହି ଉତ୍ଥାନର ଗୁଢ଼ ଏବଂ ଗୋପନୀୟ ରହସ୍ୟ ଜଗଦ୍‌କଲ୍ୟାଣ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଶ୍ରୀଠାକୁର ଅନେକ ଉଦାହରଣରେ ବ୍ୟାଖ୍ୟା କରିଅଛନ୍ତି । ଏହି ସଂଖ୍ୟାରେ ପ୍ରଥମେ **'କାରଣସାତ୍ତ୍ୱିକ ମୋହ'**ର ବ୍ୟାଖ୍ୟା ନ କରି ତାହାର ଦ୍ୱିତୀୟ ଅଂଶରେ ଥିବା ଏକ ସୂକ୍ଷ୍ମ ଚିତ୍ରାଂଶ ଏଠାରେ ପ୍ରଦାନ କରିଛନ୍ତି । ଯାହାକୁ ଥରୁଟିଏ ଦୃଷ୍ଟିପଥକୁ ଆଣିଲେ ସାଧକର ସାଧନପଥରେ ଉତ୍ଥାନକ୍ରିୟା ଆପେ ଆପେ ସୃଷ୍ଟି ହେବ । ଏହାର ବ୍ୟାଖ୍ୟା ପରବର୍ତ୍ତୀ ଚରମର ୪୪ତମ ସଂଖ୍ୟାରେ ପ୍ରକାଶିତ କରାଯିବ ।



# କାରଣ ସାତ୍ତ୍ୱିକ ମୋହର ଦ୍ୱିତୀୟ ଅଂଶର ଚିତ୍ର



# ଗାରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

### ନାରୀ ହିଁ ପ୍ରକୃତି

ନାରୀ ତୁହେଁ ଅରି କଲ୍ୟାଣକାରୀ ସେ ଅମୃତ ପିୟୂଷ ଧାରା ,
ସୃଷ୍ଟି, ସ୍ଥିତି ଅବା ପ୍ରଳୟ ସଂଘାତେ ଭୁଲେନା ସ୍ନେହ ପସରା ।

ଜନନୀ, ଭଗିନୀ, ଅଥବା ସଂଗିନୀ ସବୁଠି ଅଟେ ନିଜର ,
ନାରୀ ଅପମାନେ ନାରୀର କଷଣେ ସୃଷ୍ଟି ହୁଏ ଛାରଖାର ।

*ପ୍ରାକୃତିକ ମାୟାବନ୍ଧନ ସ୍ୱର୍ଣ୍ଣରେ ଦେବ, ଦାନବ, ମାନବ, ପଶୁପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ ଆଦି ସୃଷ୍ଟିର ପ୍ରତ୍ୟେକ ବିସ୍ମୟ ଅଚେତନ ହୁଅନ୍ତି । କିନ୍ତୁ ଯେଉଁ ଚତୁର ଜୀବ ଏହି ଗୋପନ ରହସ୍ୟ ବୁଝିପାରି ଗୁରୁଦ୍ୱାରରେ ଉପସ୍ଥିତ ହୋଇ ତାଙ୍କ ପ୍ରଦର୍ଶିତ / ନିର୍ଦ୍ଦେଶିତ ପଥରେ ଦୃଢ଼ତାର ସହିତ ସାଧନସୂତ୍ର ଅବଲମ୍ବନ କରେ ସେହି ଭାଗ୍ୟବାନ ମାୟାର ସ୍ୱରୂପ ଅନୁଭବରେ ଆଣି ପ୍ରକୃତି ଏବଂ ତାଙ୍କର ପ୍ରତ୍ୟେକ ଅଂଶୀୟ ସତ୍ତାକୁ ମାତୃଜ୍ଞାନ ବୋଧ ନେଇ ତାଙ୍କର ଆଶିଷ ଲାଭ କରିବାକୁ ଯୋଗ୍ୟ ହୁଏ । ସେହି ଯୋଗ୍ୟତାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇ ପରମପିତାଙ୍କୁ ଅନୁଭବ, ଦର୍ଶନ କରିପାରେ । ଯେଉଁ ମାୟା ସମସ୍ତଙ୍କ ଅଗୋଚରରେ କାୟା ବିସ୍ତାର କରି ଛାୟାର ପ୍ରତିବିମ୍ବ ଦ୍ୱାରା ଜଗତପାଳନ କରୁଛନ୍ତି ତାଙ୍କରି ସୂକ୍ଷ୍ମ ଲୀଳାସୂତ୍ରକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ଚାଲିଛନ୍ତି ସେହି ମାୟାଧର ।*

'ଚରମ' ଅଷ୍ଟମପୁଷ୍ପ-ଚତୁର୍ଥ ପାଖୁଡ଼ା - (୪୧) ଏକଚତ୍ୱାରିଂଶତମ ସଂଖ୍ୟା ଅନୁସୃତିରୁ ....

## ମୁଁ... କୌମଦକୀ ମାୟା କହୁଛି :

## ବୈଷ୍ଣବୀମାୟା

**ପୂର୍ବ ସଂଖ୍ୟାରେ** ମୋର ସ୍ଥିତି, ସୃଷ୍ଟି ଓ ଦେବଲୋକ, ତପଲୋକରେ ଭୂମିକା ସଂପର୍କରେ ସୂଚନା ଦେଇସାରିବା ପରେ **ମର୍ତ୍ତ୍ୟଲୋକରେ** ମୋର କର୍ତ୍ତବ୍ୟ ଜଣାଉଥିଲି । ମାତ୍ର ତାହା ସେଥିରେ ଅସଂପୂର୍ଣ୍ଣ ଥିଲା । ଏହି ସଂଖ୍ୟାରେ ସେ ସଂପର୍କରେ ଆଉ କିଛି ରହସ୍ୟ ଉନ୍ମୋଚନ କରୁଛି -

୯. ମାନବ (ନର,ନାରୀ) ଶରୀରର ଶିଶୁ ଅବସ୍ଥାରେ ମୁଁ ଦୃଢ଼ଭାବରେ ବୃତ୍ତି ହୋଇ ନାଦଗର୍ଦ୍ଦଣ କୋଷକୁ ଆବୃତ କରି ରଖିଥାଏ । ପିଣ୍ଡର (ଶରୀରର) ସ୍ୱାଭାବିକ କ୍ରିୟାଦ୍ୱାରା ବର୍ଦ୍ଧିତ ହେଲେ ଯେଉଁ ମାୟା କୋଷରେ ମୁଁ ସୂକ୍ଷ୍ମରେ

ଉପସ୍ଥିତ ଥାଏ, ସେହି କୋଷ ଏକ ଛତ୍ରର ଆକାର ଧାରଣ କରେ । ଏହି ଛତ୍ର ଆକାର କୋଷର ନିମ୍ନ ଭାଗ ବକ୍ର ହୋଇ ମସ୍ତିଷ୍କକୁ ଆବୃତ୍ତ କରି ରଖିଥାଏ । ମୋର ମାୟା ପ୍ରଭାବରୁ ନାଦଗର୍ଦ୍ଧଣ ଆଚ୍ଛାଦିତ ହୋଇ ମସ୍ତିଷ୍କକୁ ଆବୃତ୍ତ କରିଦେବା ଫଳରେ ଶିଶୁର ରାବ (ସ୍ୱର) ଗୋଟିଏ ମାତ୍ର 'କୁଆଁ' ଭାବ ରହିଥାଏ । ସେହି ଅବସ୍ଥାରେ ମୋର ମାୟା ଗୋଲାକାର ଆକୃତି ବିନ୍ଦୁରେ ରୂପାନ୍ତରିତ ହୋଇ ଲାଲବର୍ଣ୍ଣ ଧାରଣ କରେ ଓ ମସ୍ତିଷ୍କରେ ସଂଜ୍ଞାକୁ ଲାଲବର୍ଣ୍ଣ କରି ତାହାକୁ ସଂପୂର୍ଣ୍ଣ ଢାଙ୍କିଦିଏ । ମାୟା ବିନ୍ଦୁଗୁଡିକ ମସ୍ତିଷ୍କର ସଂଜ୍ଞାକୁ ଢାଙ୍କିବା ପରେ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସମସ୍ତ ଶିରାପ୍ରଶିରାରେ ମିଶିଯାଏ । ଏହି ଶକ୍ତି ପ୍ରଭାବରୁ ଶିଶୁର ବାକ୍‌ଶକ୍ତି ରହେନାହିଁ । ତେଣୁ ସେ କଥା କହିପାରେ ନାହିଁ । ବୟସର ବୃଦ୍ଧି ହେଲେ ମୋର ମାୟା ମସ୍ତିଷ୍କକୁ ହୃଦୟ ସହିତ ସ୍ୱୟଂଚାଳିତ ଭାବରେ ସଂଚାଳନ କରିବାର ସାମର୍ଥ୍ୟ ପ୍ରଦାନକରେ । ତାହାଦ୍ୱାରା ବୃତ୍ତି ଛାୟାଧାରଣକରି ସଂଚାଳିତ ହୋଇଥାଏ । ଉକ୍ତ ସଂଯୋଗ ଓ ସଂଚାଳନ କ୍ରିୟା ବ୍ରହ୍ମଙ୍କ ଆଜ୍ଞା ବହନ କରି ନାଦଗର୍ଦ୍ଧଣ କୋଷରେ ପ୍ରତିବିମ୍ବିତ ହୁଏ । ପୂର୍ବରୁ ଆଲୋଚନା କରାଯାଇଛି ଯେ, ନାଦଗର୍ଦ୍ଧଣ କୋଷର ମୂଳାଧାରରୁ ପଞ୍ଚ ପ୍ରାଣବାୟୁ ସୃଷ୍ଟି ହୋଇ ପିଣ୍ଡକୁ ସ୍ୱର ଆକାରରେ ନିୟନ୍ତ୍ରଣ କରେ । ହୃଦୟରୁ ମସ୍ତିଷ୍କ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥିବା ସ୍ୱତଃ ସଂଚାଳନ କ୍ରିୟା ନାଦଗର୍ଦ୍ଧଣରେ ପରିସ୍ଫୁଟ ହେବାମାତ୍ରେ ପୂର୍ବରୁ ସତେଜ ହୋଇ ରହିଥିବା ଏହି କୋଷ ବିଭିନ୍ନ ପ୍ରକାରର ବାହ୍ୟଶବ୍ଦକୁ ଗ୍ରହଣ କରି ଶିଶୁର କାନପର୍ଯ୍ୟନ୍ତ ବିସ୍ତାରିତ କରିଦିଏ ଏବଂ ପହଞ୍ଚିଥିବା ଶବ୍ଦକୁ ସ୍ମୃତିରେ ରଖି ସେହି ଶବ୍ଦ ନିଜେ କହିବାପାଇଁ ଅଭ୍ୟାସ କରିବାର ସୂକ୍ଷ୍ମଶକ୍ତି ବିକିରଣ କରିଦିଏ । ସେହି ସମୟରେ ମୁଁ ନିଜେ ଅଭ୍ୟାସ କ୍ରିୟାରେ ସଂଯୁକ୍ତହୋଇ ଶିଶୁକୁ ବାରମ୍ବାର ଅଭ୍ୟାସ ଓ ଚେଷ୍ଟାକରିବା ପାଇଁ ପ୍ରେରଣା ଯୋଗାଏ । ଶରୀରର ସମସ୍ତ ଚଳନି କର୍ମକୁ ଅଭ୍ୟାସ ମାଧ୍ୟମରେ ଗୃହୀତ କରାଇବା ପାଇଁ ମୋତେ ପରମବ୍ରହ୍ମଙ୍କର ଆଜ୍ଞା ଓ ଆଦେଶ ମିଳିଥାଏ ।

ମୁଁ ସେହି ଆଦେଶବଳରେ ଶରୀରକୁ ମୋର ମାୟାଶକ୍ତି ଦ୍ୱାରା ବନ୍ଧନ କରିଦିଏ । ତେଣୁ ବୟସ ବୃଦ୍ଧି ସଂଗେ ସଂଗେ ବ୍ୟକ୍ତି ସ୍ୱୟଂଚାଳିତ ପ୍ରକ୍ରିୟାରେ ତା'ର ଶରୀର, ଅଙ୍ଗଅବୟବ ଚାଳନକୁ ଅଭ୍ୟାସ ଦ୍ୱାରା ସନ୍ତୁଳିତ କରିବାପାଇଁ ସକ୍ଷମ ହୋଇଯାଏ ଏବଂ ଧୀରେ ଧୀରେ ଅଭ୍ୟସ୍ତ ହୋଇଯାଏ । ଯେତେବେଳେ ବାହ୍ୟର ସମସ୍ତ କର୍ମକୁ ନିଜେ ଅନୁରୂପ ଭାବରେ ଗ୍ରହଣ କରିବାକୁ ଅଭ୍ୟାସରତ ଥାଏ, ସେତେବେଳେ ସେହି କର୍ମ ସୂକ୍ଷ୍ମ ଭାବରେ ପ୍ରବାହିତ ହୋଇ ନାଦଗର୍ଦ୍ଧଣ କୋଷକୁ ସମ୍ବାଦ ପହଞ୍ଚାଇ ଦିଏ । ଉକ୍ତ ସୂକ୍ଷ୍ମ ସମ୍ବାଦ ସରବରାହ କ୍ରିୟା ମଧ୍ୟ ମୋରି ମାୟାଦ୍ୱାରା ସଂଗଠିତ ହୁଏ । ନାଦଗର୍ଦ୍ଧଣ ଏହି କ୍ରିୟା ଓ କର୍ମକୁ ସତର୍କତା ସହ ତୀକ୍ଷ୍ଣଭାବରେ ଲୟ କରି ରହିଥାଏ । ଶରୀର ମଧ୍ୟରେ ଯେଉଁ ଭାବ ଉଚ୍ଛୃଙ୍ଖଳ ହେଉଛି ତାହାକୁ ସଂଯମ କରିବା ପାଇଁ ନାଦଗର୍ଦ୍ଧଣ ମୋ ଠାରୁ ସହାୟତା ଲୋଡ଼େ । ସେହି ସମୟରେ ବୈଷ୍ଣବୀଙ୍କର ସପ୍ତମ ଭାବାଂଶ ''ଘୃତାରୀ ମାୟା'' ସହିତ ମୁଁ ସୂକ୍ଷ୍ମରେ ଯୁକ୍ତହୋଇ ବ୍ୟକ୍ତିକୁ ସଂଯମ ଆଚରଣ ରକ୍ଷାକରିବା ପାଇଁ ସହାୟ ହୁଏ । (ପରବର୍ତ୍ତୀ ପର୍ଯ୍ୟାୟରେ 'ଘୃତାରୀ ମାୟା'ର ବିସ୍ତୃତ ଆଲୋଚନା ହେବ ।)

୧୦. ପିଣ୍ଡମଣ୍ଡଳରୁ କାରଣ ଜଗତର ସ୍ଥୂଳଶରୀର ହେବାପର୍ଯ୍ୟନ୍ତ ଧବଳବର୍ଣ୍ଣର ଜ୍ୟୋତିଦ୍ୱାରା ସୂର୍ଯ୍ୟଙ୍କର ସହସ୍ର ଅଂଶୁରେ ମୁଁ କିରଣ ବିକିରଣ କରୁଥାଏ । ଏହି କିରଣ ରେଣୁରେ ଆଚ୍ଛାଦିତ ହୋଇଥିବା ସୌରଶକ୍ତିକୁ ମୁଁ ହିଁ ବର୍ଣ୍ଣ ଯୋଗାଇଥାଏ । ମୋ ଦ୍ୱାରା ପ୍ରଦତ୍ତ ଉକ୍ତ ବର୍ଣ୍ଣଦ୍ୱାରା ସୂର୍ଯ୍ୟଙ୍କ ଅଂଶୁ ବ୍ରହ୍ମଙ୍କ ୧୦୮ ପାବଚ୍ଛ ରେଣୁ ନେଇ ପ୍ରତ୍ୟେକ ଅଂଶୁର ବର୍ଣ୍ଣକୁ ପରିବର୍ତ୍ତନ କରି ହରିଦ୍ରାବର୍ଣ୍ଣ କରିଦିଏ । ଏହାପରେ ମୋ ଇଙ୍ଗିତରେ ମନିଷୀମାନେ ବର୍ଣ୍ଣ ବିକିରଣ କରିଦିଅନ୍ତି । ଏହି ପ୍ରକ୍ରିୟାରେ ମୋ ମାୟାଦ୍ୱାରା ପ୍ରଥମେ ସପ୍ତରଙ୍ଗ ସୃଷ୍ଟି ହୋଇ ପର୍ଯ୍ୟାୟକ୍ରମେ ବିସ୍ତାରିତ ହୋଇଅଛି ।

୧୧. ମୋର ମାୟାଂଶ ଦ୍ରିଛକି ଆକୃତି ଧାରଣକରି ନାଦଗର୍ଦ୍ଧଣ କୋଷ ଓ କୁଣ୍ଡଳିନୀକୁ ଶକ୍ତକରି ଘୋଡ଼ାଇ ରଖିଥାଏ । ଏପରି ଆବୃତ୍ତ କରିବାର କାରଣ ହେଉଛି ଯେ, ପିଣ୍ଡମଧ୍ୟରେ ଆତ୍ମା ଶିୟମଞ୍ଜିର ଆକୃତି ନେଇ ରହିଅଛି । ଏହାକୁ

ବ୍ରହ୍ମସରା ମାୟା ଗୈରିକବର୍ଣ୍ଣର ବଳୟଦ୍ୱାରା ଆଦର ସହିତ ଜଗି ରହିଅଛି ଠିକ୍ ଯେପରି ମାଆ ତା'ର ପୁଅକୁ (ପିଲାକୁ) ନିଜର ପଣତକାନିରେ ଯତ୍ନର ସହକାରେ ଘୋଡ଼ାଇ ସୁରକ୍ଷାପ୍ରଦାନ କରିଥାଏ । ମୁଁ ଯେତେବେଳେ ପିଣ୍ଡରେ ପ୍ରବେଶ କରେ ସେତେବେଳେ ଏହି ମାୟା ମୋତେ ଦେଖିପାରେ ଏବଂ ଏହାର ସୁରକ୍ଷା ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଦିଏ । ତେଣୁ ବ୍ରହ୍ମଙ୍କ ଆଜ୍ଞାନୁକ୍ରମେ ମୁଁ ଏହାର ଚତୁଃପାର୍ଶ୍ୱରେ ମୋର ମାୟାବଳୟକୁ ବିସ୍ତାରିତ କରି ଶକ୍ତଭାବରେ ଢାଙ୍କିଦିଏ ଓ ସେହିବଳୟ ମଧ୍ୟରେ ନିଜେ ଛପିକରି ରହିଯାଏ । ଏହାପରେ ସମୟ ଓ ପର୍ଯ୍ୟାୟ ଅନୁସାରେ ବ୍ରହ୍ମଙ୍କ ଆଦେଶ ଅନୁସାରେ ପିଣ୍ଡର ସମସ୍ତ ଅଙ୍ଗଅବୟବକୁ ସଂଚାଳନ କରେ । ଯେତେବେଳେ ସଂଚାଳନକ୍ରିୟା ବଳବତ୍ତର ହୋଇ ଦୃଢ଼ରୁ ଦୃଢ଼ତର ହୁଏ, ସେତେବେଳେ ମୁଁ ବ୍ୟକ୍ତିର ମନକୁ ନିଜ ନିୟନ୍ତ୍ରଣକୁ ଆଣି ମନମଧ୍ୟରେ ବିଭିନ୍ନ ପ୍ରକାରର ଅନୁମାନ, କଳ୍ପନା ଆଦି ସୃଷ୍ଟି କରି ତାହାକୁ ମୋହିତ କରି ପ୍ରଥମ ଅବସ୍ଥାରୁ ହିଁ ବ୍ରହ୍ମଙ୍କ ନିକଟବର୍ତ୍ତୀ କରାଇବା ପାଇଁ ପରୀକ୍ଷା ଜାଲ ବିଛାଇଦିଏ । ଯଦି ବ୍ୟକ୍ତି ପିଣ୍ଡସ୍ଥ ଅନ୍ୟାନ୍ୟ ମାୟାଶକ୍ତି ଓ ସେମାନଙ୍କଦ୍ୱାରା ପରିଚାଳିତ ଜୀବକୋଷ, ସ୍ନାୟୁକୋଷକୁ ଗୁରୁ ନିର୍ଦ୍ଦେଶିତ ପଥରେ ଗତିଶୀଳ କରାଇ ମୋର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଏ, ତେବେ ତା'ର ମନରେ ସୃଷ୍ଟି ହୋଇଥିବା ଅନୁମାନ, କଳ୍ପନାସମୂହକୁ ମୁଁ ମୋର ସାତ୍ତ୍ୱିକ ମାୟା ପ୍ରଭାବରେ ସତ୍ତ୍ୱଗୁଣ ସହିତ ମିଳିତ କରାଇ ଦେଇ ବିବେକ କେନ୍ଦ୍ର ମାଧ୍ୟମରେ ସିଦ୍ଧି ପ୍ରଦାନ କରାଇଦିଏ । ଯାହାଫଳରେ ସେ ''ଦୃଢ଼ତା, ପ୍ରତିଜ୍ଞାବଦ୍ଧତା'' ପ୍ରାପ୍ତ ହୋଇ ମୋର ମାୟାବଳୟ ଅତିକ୍ରମ କରିଯିବାକୁ ସକ୍ଷମ ହୁଏ ଏବଂ ବ୍ରହ୍ମଙ୍କ ନିକଟବର୍ତ୍ତୀ ହୋଇଯାଏ । ତା ନହେଲେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମୋ ମାୟାରେ ବଶୀଭୂତ ହୋଇ ବାରମ୍ବାର ଜନ୍ମନେବାକୁ ବାଧ୍ୟ ହୁଏ ।

୧୨. ସୃଷ୍ଟିର ବିଭିନ୍ନ ଫଳ, ପୁଷ୍ପରେ ମଧ୍ୟ ମୋର ମାୟା ପୂର୍ଣ୍ଣଭାବରେ ବିକଶିତ ହୁଏ । ଫୁଲ ବା ଫଳର ଉତ୍ପତ୍ତି ସମୟରୁ ପକ୍ୱ ଅବସ୍ଥା ପର୍ଯ୍ୟନ୍ତ ଏବଂ ଅପରିପକ୍ୱ ଅବସ୍ଥାରେ ମଉଳି ଝଡ଼ିପଡ଼ିବା ଠାରୁ ପକ୍ୱତା ପ୍ରାପ୍ତି ପରେ ଆପେ ଡେମ୍ଫରୁ ଖସି ପଡ଼ିବା ଆଦି ସମସ୍ତ କାର୍ଯ୍ୟ ମୁଁ ହିଁ ସୂକ୍ଷ୍ମରେ ସଂପାଦନ କରିଥାଏ । ବ୍ରହ୍ମଙ୍କ ଆଜ୍ଞାନୁଯାୟୀ ଭିନ୍ନଭିନ୍ନ ପୁଷ୍ପ ଓ ପ୍ରକାର ପ୍ରକାର ଫଳ ମଧ୍ୟରେ ବର୍ଣ୍ଣ (ରଙ୍ଗ) ମୁଁ ଭରି ଦେଇଥାଏ ।

୧୩. ସେହିପରି ସମସ୍ତ ପଶୁପକ୍ଷୀଙ୍କ ଶରୀରରେ ସୂକ୍ଷ୍ମରେ ଉପସ୍ଥିତ ରହି ଉପର ବର୍ଣ୍ଣିତ ପ୍ରଣାଳୀରେ ବ୍ରହ୍ମାଜ୍ଞା ପାଳନ କରି ସେମାନଙ୍କର ସ୍ୱର, ବର୍ଣ୍ଣ ଓ ବିବର୍ତ୍ତନକୁ ସଂପୂର୍ଣ୍ଣ ଭାବରେ ନିଜ ନିୟନ୍ତ୍ରଣରେ ରଖି ପରିଚାଳନା କରିଥାଏ । ମୋର ଏହି କ୍ରିୟା ସେମାନଙ୍କର ଜନ୍ମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିଥାଏ ।

***

କାଳ ସରିଲାଣି ଅକାଳ ଆସେ,
ସୋଲ ବୁଡ଼ିଲାଣି ପାହାଡ଼ ଭାସେ ॥
ନ ଯା'ରେ ଦୂରେଇ ରହିଥା ପାଶେ,
ମନରେ ଚରମ ପ୍ରାପତି ଆଶେ ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କେତେ ଅଳିଅଳେ ପିଣ୍ଡକୁ ଝୁଲାଉ
ମାୟାର ଝୁଲଣୀ ପରେ ।
ଯେଉଁ ଡ଼ାଳଟିରେ ବାନ୍ଧିଅଛୁ ଦୋଳି
କାଳ ତାକୁ ଚୋଟ ମାରେ ।

ବେଳଥାଉ ଧନ ଦୋଳିକୁ ଛାଡିଆ
କୋଳ ମୁଁ ରଖିଛି ଖାଲି ।
କୋଳେ ଧରି ତୋତେ ବ୍ରହ୍ମାଣ୍ଡ ବୁଲାଇ
ଜ୍ଞାନ ନେତ୍ର ଦେବି ଖୋଲି ॥

କଅଁଳିଆ ମନ ନେଇ ନିଷ୍ପାପ, ନିଷ୍କଳଙ୍କ ଶିଶୁଟି ତା'ର ଦରୋଟି ହସ, ଛଳନାଶୂନ୍ୟ ଆଚରଣରେ ସମସ୍ତଙ୍କ ମନ ଜିଣିନିଏ । କିନ୍ତୁ କେତେଦିନ ଏହି ସୁଖ ? ସେ କ'ଣ ଜାଣିଛି ଯେ, ତା'ର ଭାଗ୍ୟପଟରେ ବିଧାତା ସୃଷ୍ଟିଚକ୍ରର ଶାଣିତଧାରରେ କିପରି କର୍ମଫଳଭୋଗର ସୁନ୍ଦର ଛବିଟିଏ ଖୋଦେଇ କରି ଦେଇଛି ? କିମ୍ବା ଏହି ରହସ୍ୟ ଭେଦ କରିବା ବେଳକୁ ଶରୀର, ମନ ଆଉ ତା ବୋଲ ମାନିବା ଅବସ୍ଥାରେ ନ ଥିବେ । ମାତ୍ର ଜନ୍ମଦାତ୍ରୀ ଜନନୀ ଓ ଜନ୍ମଦାତା ପିତା ଯଦି ସେମାନଙ୍କ ନିଜ ପିଲାଦିନର ଚପଳତାକୁ ସ୍ମରଣକୁ ଆଣି ତାଙ୍କର ଅଳିଅଳ ସନ୍ତାନଟିକୁ ପ୍ରଥମ ଅବସ୍ଥାରୁ ସତ୍‌ପଥରେ ପରିଚାଳିତ କରାଇ ସୁଚରିତ୍ର ଗଠନକୁ ଅଭ୍ୟାସ କରାଇ ଦିଅନ୍ତେ, ତେବେ ତାଙ୍କର କୁଳ ପ୍ରଦୀପଟି ପରିଣତ ବୟସରେ ପହଞ୍ଚିବା ବେଳକୁ ସମସ୍ତ କର୍ମଫଳବନ୍ଧନ ଛିନ୍ନକରି ବ୍ରହ୍ମଜ୍ଞାନଜ୍ୟୋତି ତେଜରେ ଅନିର୍ବାଣ ଶିଖାଟିଏ ହୋଇ ନିଜର କୁଳ ଉଦ୍ଧାର କରିବା ସହିତ ଜଗତକୁ ଜ୍ଞାନାଲୋକ ବିତରଣ କରି ମହାତ୍ମା, ମହାପୁରୁଷର ଆସନରେ ଚିରବନ୍ଦିତ, ପୂଜିତ ହୋଇ ରହିଯାଆନ୍ତା । ତେଣୁ ଉପଯୁକ୍ତ ଦିଗ୍‌ଦର୍ଶନ ନ ଦେଇ କେବଳ ମମତାର ସୂତ୍ର ଦ୍ୱାରା ସନ୍ତାନକୁ ବନ୍ଧନ କରିବାଦ୍ୱାରା ପିତା,ମାତା ଶିଶୁଟିର ବାସ୍ତବରେ ମଙ୍ଗଳ କରୁଛନ୍ତି କି ଅମଙ୍ଗଳ କରୁଛନ୍ତି, ତାହା ସେମାନେ ନିଜର ଆତ୍ମସମୀକ୍ଷା କରି ସେହି ଅନୁଯାୟୀ ଯତ୍ନଶୀଳ ହେବା ଉଚିତ । ପରମକାରୁଣିକ ଠାକୁରେ ସେହି ଚେତନା ଦେବା ଲକ୍ଷ୍ୟରେ ଏହି ଗ୍ରନ୍ଥକୁ ଧାରାବାହିକ ଭାବରେ ଆଶୀର୍ବାଦ ଦେଇ ଚାଲିଛନ୍ତି । ତାଙ୍କରି ନିର୍ଦ୍ଦେଶରେ ସୁପିତା ଓ ସୁମାତାଙ୍କ ପ୍ରେରଣାରେ ଯେଉଁ କେତେଜଣ ମହାପୁରୁଷ ଆସନରେ ଆସୀନ ହୋଇ ଧରିତ୍ରୀକୁ ଆଲୋକିତ କରିଛନ୍ତି, ସେମାନଙ୍କର ଆତ୍ମଜୀବନୀ (ଜନ୍ମରୁ ଶେଷ ପର୍ଯ୍ୟନ୍ତ) ଗଳ୍ପ ଆକାରରେ ପ୍ରକାଶିତ ହେଉଅଛି । ଆଶା ଅନେକ ଯେ, ଉକ୍ତ ଉଦାହରଣ ବର୍ତ୍ତମାନ ସମାଜର ପ୍ରତ୍ୟେକଙ୍କୁ ପ୍ରେରଣା ଯୋଗାଇ ମଙ୍ଗଳମୟଙ୍କ ମଙ୍ଗଳଇଚ୍ଛା ପୂର୍ଣ୍ଣ କରାଇବାରେ ସମର୍ଥ ହେବ ।

'ଚରମ' ଅଷ୍ଟମପୁଷ୍ପ-ଚତୁର୍ଥପାଖୁଡ଼ା - ୪୧ (ଏକଚତ୍ୱାରିଂଶତମ) ସଂଖ୍ୟା ଅନୁସୃତିରୁ ....

## ବିସ୍ମୟ ଶ୍ରଦ୍ଧାନନ୍ଦ

ପୂର୍ବ ସଂଖ୍ୟାରେ ଶବର ଶିଶୁ 'ଶର' ଚାଲି ଶିଖିଥିଲା ଏବଂ ଶୈଶବ ପର୍ଯ୍ୟାୟ ଆରମ୍ଭ କରିଥିଲା । ଆସନ୍ତୁ ପରବର୍ତ୍ତୀ କ୍ରମରେ 'ଶର'ର ଦ୍ୱିତୀୟ ଅବସ୍ଥା ଲକ୍ଷ୍ୟକରିବା ।

ସମୟର ରଥଚକ ଆଗକୁ ଗଡ଼ିଚାଲିଲା । ଧୀରେ ଧୀରେ ଶର ତା'ର ବାଲ୍ୟସୁଲଭ ଚପଳତାରେ ନାଚି ଉଠିଲା । ପଲ୍ଲୀର ସ୍ୱାଭାବିକ ଚଳନି ସହିତ ଅଭ୍ୟାସ ସୂତ୍ରରେ ନିଜକୁ ଜଡ଼ିତ କରିଚାଲିଲା । ଦୈନନ୍ଦିନ ଜୀବିକା ନିର୍ବାହ

କରିବା ଉଦ୍ଦେଶ୍ୟରେ ବାପା, ମା' ଜଙ୍ଗଲକୁ ଚାଲିଯାଆନ୍ତି । ଘରେ ଏକୁଟିଆ ରହିଯାଏ 'ଶର' । ତେଣୁ ପଲ୍ଲୀର ଅନ୍ୟ ସମବୟସ୍କ ପିଲାମାନଙ୍କ ସହ ଖେଳକୁଦରେ ସମୟ ଅତିବାହିତ କରିଦିଏ । କ୍ରମେ କ୍ରମେ ତାହାର ଏହି ଅଭ୍ୟାସ ଏପରି ଏକ ଅବସ୍ଥାରେ ପହଞ୍ଚିଗଲା, ଯେଉଁଠି କେବଳ ବିଶୃଙ୍ଖଳିତ ଦୁଷ୍ଟାମି ପ୍ରାଧାନ୍ୟ ଲାଭ କଲା । କୌଣସି ବିଷୟ ପ୍ରତି ନିଷ୍ଠା, ଆଗ୍ରହ ରହିଲା ନାହିଁ । ଶୈଶବରେ ମା'ଙ୍କ ହାତଧରି ମାଧବଙ୍କ ନିକଟକୁ ଯିବାର ଅଭ୍ୟାସ ମଧ୍ୟ ଲୋପ ପାଇଗଲା । ମାଧବଙ୍କ ପ୍ରତି ଆସକ୍ତି, ଭକ୍ତିଭାବ ସତେ ଯେପରି ତା ନିକଟରୁ ଦୂର ହୋଇଗଲା । ଏକମାତ୍ର ଦୁଲାଳର ଏତାଦୃଶ ଅବାଞ୍ଛିତ ପ୍ରବୃତ୍ତି ଦେଖି ବାପା, ମା'-ଦୁଃଖରେ ଭାଙ୍ଗିପଡ଼ିଲେ । ମାଧବଙ୍କ ପାଦତଳେ ଶରଣଯାଇ ଅନେକ କାନ୍ଦିଲେ, ଅଳିକଲେ ''ହେ ମାଧବ ! କାନ୍ଦି କାନ୍ଦି ଆମ୍ଭ ବିସର୍ଜନ ଦେଉଥିବା ସମୟରେ ଶ୍ରଦ୍ଧା କରି ଯେଉଁ ଧନଟିଏ ଦେଲୁ, ଆଜି ସେ ଯେଉଁ ଅବସ୍ଥାକୁ ଯାଉଛି, ସେଥିରେ ତୋର ବାନା ଟେକ ରହିବ ତ ?

ପୁଅ ଯେତେ ଦୁଷ୍ଟ ହେଲେ ମଧ୍ୟ ମା'ର କୋଳ ଓ ପଣତକାନିର ଓଢ଼ଣୀତଳେ ସେ ସବୁ ଭୁଲିଯାଏ । ମା' ମାଧବୀ ଚିନ୍ତାକଲେ, ପ୍ରତିଦିନ ସେ ସକାଳୁ ସଞ୍ଜଯାଏ ଜଙ୍ଗଲ ଚାଲିଯାଉଛନ୍ତି । ଦିନସାରା ମା'ର ମମତାରୁ ଶର ବଞ୍ଚିତ ହୋଇଯାଉଛି । ଏହି ଅଭାବରୁ ପୁଅ ତାଙ୍କର ବିଶୃଙ୍ଖଳ ହୋଇଯାଉଛି କି ? ତେଣୁ ମନରେ ମାଧବଙ୍କୁ ପ୍ରଣତି ଜଣାଇ ଦିନେ ସ୍ୱାମୀ ସଉରାକୁ କହିଲେ, ''ଆଜିଠାରୁ ମୁଁ ଜଙ୍ଗଲ ଯିବିନାହିଁ । ଯେତିକି ପାରିବ, ତୁମେ ନିଜେ ଏକା ଯାଅ । ସେତିକିରେ ଯେତିକି ହେବ, ଆମେ ଚଳିଯିବାକୁ ଚେଷ୍ଟାକରିବା କାରଣ ଆମେଦୁହେଁ ଏକତ୍ର ଚାଲିଯିବାପରେ 'ଶର' ବେସାହାରା ହୋଇଯାଉଛି । ତେଣୁ ପଲ୍ଲୀର ଅନ୍ୟ ପିଲାମାନଙ୍କର ସଂସ୍ପର୍ଶରେ ଆସି ନଷ୍ଟଗତିକୁ ପ୍ରବେଶ କରୁଛି । ସେଥିପାଇଁ ଆଜିଠାରୁ ମୁଁ ଘରେ ରହି ଆମର ଆଖି 'ଶର'କୁ ଭଲମଣିଷ କରିବାର ଚେଷ୍ଟା କରିବି ।'' ସଉରା ମଧ୍ୟ ଏକଥା ଚିନ୍ତା କରି ଆନନ୍ଦରେ ହଁ ଭରିଲା । ସେହିଦିନୁ ମା' ମାଧବୀଙ୍କର ଜଙ୍ଗଲଯାତ୍ରା ସମାପ୍ତ ହୋଇଗଲା ।

ଅନ୍ୟଦିନମାନଙ୍କ ପରି ସକାଳ ହେବାମାତ୍ରେ ମନ ନ ଥାଇ ମଧ୍ୟ କେବଳ ଅଭ୍ୟାସର ବଶବର୍ତ୍ତୀ ହୋଇ ମା'ଙ୍କ ସଂଗରେ 'ଶର' ମାଧବଙ୍କ ନିକଟକୁ ଗଲା । ମନ କିନ୍ତୁ ଖୁବ୍ ଚଞ୍ଚଳ । କେତେବେଳେ ମା' ଜଙ୍ଗଲ ବାହାରିଯିବେ । ସେ ତା'ର ନିତ୍ୟନୈମିତ୍ତିକ ଖେଳ ଆରମ୍ଭ କରିବ । କିନ୍ତୁ ମାଧବଙ୍କ ନିକଟରୁ ମା' ତାକୁ ଛାଡିଦେଇ ଆଉ ଜଙ୍ଗଲକୁ ଗଲେ ନାହିଁ । ପୁଅକୁ ସଂଗରେ ଧରି ନିଜର କୁଡିଆକୁ ଫେରି ଆସିଲେ । ଆଶ୍ଚର୍ଯ୍ୟ ହୋଇ 'ଶର' ପଚାରିଲା, 'ମା! ତୁମେ ଆଜି ଜଙ୍ଗଲ ଯିବ ନାହିଁ ।'' ଗମ୍ଭୀର ହୋଇ ମା' କହିଲେ, ''ନା' ଆଜି ନୁହେଁ କି କେବେ ବି ନୁହେଁ । ମୁଁ ଆଉ ଜଙ୍ଗଲ ଯିବି ନାହିଁ । ବାପା ଏକା ଜଙ୍ଗଲ ଯିବେ ।'' ଅବୋଧ 'ଶର' କିନ୍ତୁ ବୁଝିପାରିଲା ନାହିଁ । 'ହଉ' କହିଦେଇ ଖେଳିବାକୁ ଚାଲିଗଲା । ମା'ମଧ୍ୟ ତା'ର ଗତିରୋଧ କଲେ ନାହିଁ । କିଛି ସମୟ ପରେ ମା' ଯାଇ ତାକୁ ଡାକିଲେ, 'ଆ ଧନ ! ଖାଇବୁ ।' ପ୍ରତିଦିନ ମା' ଖାଇବାକୁ ଦେଇଦିଅନ୍ତି । ଆଉ କିଛି ଖାଦ୍ୟ ରଖିଦେଇ ଖାଇବାପାଇଁ କହି ଜଙ୍ଗଲକୁ ଚାଲିଯାଆନ୍ତି । ଆଜି ମା' ନିଜେ ଯେତେବେଳେ ଡ଼ାକିଦେଲେ 'ଶର' ଆନନ୍ଦରେ ମା'ର କୋଳକୁ ଡେଇଁ ପଡିଲା । ଆନନ୍ଦରେ ମା' ମଧ୍ୟ କାନ୍ଦି ପକାଇଲେ । ଧନ୍ୟରେ ମା'ର ମମତା ! କୋଳରେ ବସାଇ ମା' ପ୍ରଥମେ ଦୁଇଟି ସ୍ଥାନରେ ଖାଦ୍ୟ ରଖିଲେ । ପ୍ରଥମ ଖାଦ୍ୟପାତ୍ରକୁ ପ୍ରଣାମ କରି ଦ୍ୱିତୀୟ ପାତ୍ରରୁ ଖୁଆଇ ଦେଲେ । 'ଶର' ମନରେ ଆପେ ପ୍ରଶ୍ନ ସୃଷ୍ଟି ହୋଇଗଲା । କହିଲା, ମା ! ତୁମେ ଖାଇବ ନାହିଁ ?' ମା କହିଲେ, ''ନା, ମୁଁ ଖାଇବି ନାହିଁ ।'' ''ତେବେ ଏଠାରେ ଆଉ କାହାପାଇଁ ଖାଦ୍ୟ ରଖିଲ ମା?'' ପଚାରିଲା ଶର । ମା' କହିଲେ, 'ତୁ ଖାଇ ସାରିଦେ । ମୁଁ ବୁଝାଇ ଦେବି ।' ସୁନାପିଲାଟି ପରି ଶର ତା'ର ଖାଦ୍ୟ ଶେଷ କରିଦେଲା । କିନ୍ତୁ ପ୍ରଥମ ଖାଦ୍ୟ ପାତ୍ର ବିଷୟରେ ବୁଝିବାପାଇଁ ଜିଦ୍‌ଧରି ବସିଲା । ମା' ତାକୁ ବୁଝାଇବାକୁ ଯାଇ କହିଲେ, 'ଏ ପ୍ରଥମ ପାତ୍ର ଖାଦ୍ୟ ଆମ ମାଧବଙ୍କର । ଆମର ପରମ୍ପରା ଅନୁସାରେ ଆମେ ଖାଇବା ପାଇଁ ଯାହା ପ୍ରସ୍ତୁତ କରୁ, ଖାଇବା ପୂର୍ବରୁ ପ୍ରଥମେ

ମାଧବଙ୍କୁ ସମର୍ପଣ କରୁଁ । ତା ପରେ ଆମେ ତାହାକୁ ତାଙ୍କର ପ୍ରସାଦ ମନେକରି ଖାଇଥାଉ । ସ୍ତବ୍ଧଚକିତ ହୋଇ ଶର ମା'ଙ୍କୁ ଚାହିଁ ରହିଲା । କିଛି ବୁଝିପାରିଲା ନାହିଁ । ଇତସ୍ତତଃ ହୋଇ ଏଣେତେଣେ ଚାହିଁବାକୁ ଲାଗିଲା । ମା' ପଚାରିଲେ, 'କ'ଣ ହେଲା ? କ'ଣ ଖୋଜୁଛୁ ?'' ଶର କହିଲା, 'ମା' ! ତୁମେ ମୋତେ ଖୁଆଇ ଦେଲ, ମୁଁ ଖାଇଦେଲି । ମାତ୍ର ମାଧବ କାହିଁ ? ସେ ତ ଏ ଯାଏଁ ଆସି ତା ପାଇଁ ତୁମେ ରଖିଥିବା ଖାଦ୍ୟ ଖାଉନାହିଁ ? କେତେବେଳେ ସେ ଆସିବ ?'' ବିଚରା ମା' ଏଥରକ ବହୁ ଅସୁବିଧାରେ ପଡିଗଲେ । କି ଉତ୍ତର ଦେଇ ପୁଅକୁ ସନ୍ତୁଷ୍ଟ କରିବେ, ସ୍ଥିର କରି ପାରିଲେ ନାହିଁ । ମନେ ମନେ ବ୍ୟାକୁଳ ହୋଇ ମାଧବଙ୍କୁ ଚିନ୍ତା କରି କହିଲେ, 'ହେ ମାଧବ ! କ'ଣ କହିବି ? ମୋତେ କହି ଦେ ପ୍ରଭୁ !'' ସରଳତା, ନିଷ୍କପଟତା, ଛଳନାଶୂନ୍ୟତା ଆଦି ଦିବ୍ୟଗୁଣାବଳୀ ଯେଉଁଠାରେ ବିଦ୍ୟମାନ ଥାଏ, ଭକ୍ତବତ୍ସଳ ଭାବଗ୍ରାହୀ ସେହିଠାରେ ହିଁ ଉପସ୍ଥିତ ଥାଆନ୍ତି । ତେଣୁ ନିରୀହା ସରଳପ୍ରାଣା ମାଧବୀ ପାଇଁ ତା ବ୍ୟତିକ୍ରମ କାହିଁକି ହେବ ? ସତେ ଯେପରି ଉତ୍ତର ସେ ମାଧବୀକୁ ଅନ୍ତରରେ ଥାଇ କହିଦେଲେ । ମା' କହିଲେ, ''ଧନରେ ! ମାଧବ କ'ଣ ଦେଖି ହୁଅନ୍ତି ? ସେ ସମସ୍ତଙ୍କ ନିକଟରେ, ସମସ୍ତଙ୍କ ଦେହ ଭିତରେ ସବୁବେଳେ ଉପସ୍ଥିତ ରହି ସମସ୍ତଙ୍କୁ ଦେଖନ୍ତି, କିନ୍ତୁ ତାଙ୍କୁ କେହି ଦେଖିପାରନ୍ତି ନାହିଁ । ସେ ସମସ୍ତଙ୍କ କଥା ଶୁଣିପାରନ୍ତି, ତାଙ୍କ କଥା କେହି ଶୁଣିପାରନ୍ତି ନାହିଁ । ସେ ସମସ୍ତଙ୍କ ମନକଥା ଜାଣିପାରନ୍ତି । ମାତ୍ର ତାଙ୍କ କଥା କେହି ଜାଣିପାରନ୍ତି ନାହିଁ । ତେଣୁ ତାଙ୍କୁ ଶ୍ରଦ୍ଧା, ଭକ୍ତି, ବିଶ୍ୱାସର ସହିତ ଯଦି ତାଙ୍କୁ ଖାଦ୍ୟ ସମର୍ପଣ କରାଯାଏ, ତେବେ ସେ ତାକୁ ସେହିକ୍ଷଣି ଗ୍ରହଣ କରନ୍ତି । କିନ୍ତୁ ଆମମାନଙ୍କପରି ତାଙ୍କର ଶରୀର ନ ଥିବାରୁ ଖାଦ୍ୟ ଖାଇପାରନ୍ତି ନାହିଁ । ତାଙ୍କୁ ଟେକି ଦେବା ପରେ ସେ ତାକୁ ଖାଇଛନ୍ତି ବୋଲି ମନରେ ଧାରଣା କରାଯାଏ ଏବଂ ସେହି ଖାଦ୍ୟକୁ ତାଙ୍କର ପ୍ରସାଦ ଭାବରେ ଗ୍ରହଣ କରି ଖିଆଯାଏ ।'' ମା'ଙ୍କର ଏ ଉତ୍ତର କିନ୍ତୁ ଶରକୁ ସନ୍ତୁଷ୍ଟ କରିପାରିଲା ନାହିଁ । ସେ ନିର୍ବୋଧ ପରି କେବଳ ମା'ଙ୍କୁ ଚାହିଁ ରହିଲା । ତା'ର ଚାହାଣି ମା'ଙ୍କୁ ସଙ୍କେତ ଦେଉଥିଲା ଯେ, ସେ ମା'ଙ୍କ କଥା କିଛି ବୁଝିପାରୁ ନାହିଁ । ପୁଅର ନୀରବତା ଏବଂ ପ୍ରଶ୍ନପୂର୍ଣ୍ଣ ଚାହାଣିରେ ବ୍ୟତିବ୍ୟସ୍ତ ହୋଇ ମା' କ'ଣ କରିବେ, କ'ଣ କହିବେ କିଛି ଭାବିପାରୁ ନ ଥିଲେ । କେବଳ ମନେ ମନେ ଚିନ୍ତାକରୁଥିଲେ, ''ହେ ମାଧବ ! କେବଳ ତୁ ହିଁ ଭରସା ।''

କ୍ରମଶଃ....



କାଳ ଗତି ଅତି କୁଟିଳ
ବିକଟାଳ ତା ମୁଖ ।
ଆଣି ଦିଏ ଦୁଃଖ ଅମାପ
ହରି ସକଳ ସୁଖ ।।
ଯା' ମନ ଯେପରି ତା' ପାଇଁ
କାଳ ସେପରି ଫଳ ।
ଯାଚିଦିଏ ଯେହୁ ନଗ୍ରହେ
ଜୀବନ ତା' ନିଷ୍ଫଳ ।।



# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଅବତାର

ଯେଉଁ ସ୍ଥାନରେ ଲୋକମାନେ ତାଙ୍କର (ଠାକୁରଙ୍କର) ପୁଣ୍ୟନାମ କୀର୍ତ୍ତନ କରନ୍ତି, ସେହି ସ୍ଥାନ ପବିତ୍ର, ଆଉ ଯେଉଁ ବ୍ୟକ୍ତି ତାଙ୍କର ନାମ ମନନ କରନ୍ତି,ସେ ଆହୁରି କେତେ ପବିତ୍ର ସତେ ! ଯେଉଁ ବ୍ୟକ୍ତିଙ୍କ ପାଖରୁ ଆଧ୍ୟାତ୍ମିକ ଆଲୋକ ଆମେ ପ୍ରାପ୍ତ ହେଉଁ, ତାଙ୍କ ପାଖକୁ କେତେ ଭକ୍ତିର ସହିତ ଅଗ୍ରସର ହେବା ଉଚିତ । ଏପରି ଶ୍ରେଷ୍ଠ ଧର୍ମାଚାର୍ଯ୍ୟଙ୍କର ସଂଖ୍ୟା ଅତି କମ୍, ଏହା ସତ୍ୟ, କିନ୍ତୁ ଜଗତ ସଂପୂର୍ଣ୍ଣ ଭାବରେ ଏହି ସବୁ ଆଚାର୍ଯ୍ୟ ବିରହିତ ହୁଏ ନାହିଁ । ଯେଉଁ ମୁହୂର୍ତ୍ତରେ ପୃଥିବୀ ସଂପୂର୍ଣ୍ଣ ଆଚାର୍ଯ୍ୟଶୂନ୍ୟ ହୁଏ, ସେହି ମୁହୂର୍ତ୍ତରେ ହିଁ ତାହା ଏକ ଭୟଙ୍କର ନରକକୁଣ୍ଡରେ ପରିଣତ ହୁଏ ଓ ବିନାଶ ପଥରେ ପ୍ରଧାବିତ ହୁଏ । ଆଚାର୍ଯ୍ୟମାନେ ହିଁ ମାନବ ଜାତିର ସୁନ୍ଦରତମ ପ୍ରକାଶସ୍ୱରୂପ ଏବଂ 'ଅହେତୁକ ଦୟାସିନ୍ଧୁ' ।

ଶ୍ରୀକୃଷ୍ଣ ଶ୍ରୀମଦ୍‌ଭାଗବତ (୧୧/୧୭/୨୭)ରେ କହିଅଛନ୍ତି - 'ଆଚାର୍ଯ୍ୟଂ ମାଂ ବିଜାନିୟାଦ୍' - ଅର୍ଥାତ୍ 'ମୋତେ ଆଚାର୍ଯ୍ୟ ବୋଲି ଜାଣ' । ତାତ୍ପର୍ଯ୍ୟ ହେଉଛି, ସାଧାରଣ ଗୁରୁଶ୍ରେଣୀ ଅପେକ୍ଷା ଉନ୍ନତତର ଆଉ ଏକ ଶ୍ରେଣୀର ଗୁରୁ ଅଛନ୍ତି - ସେମାନେ ହିଁ ଈଶ୍ୱରଙ୍କ ଅବତାରଗଣ । ଏମାନେ ସ୍ପର୍ଶଦ୍ୱାରା, ଏପରିକି କେବଳମାତ୍ର ଇଚ୍ଛାଦ୍ୱାରା ଅନ୍ୟମାନଙ୍କ ଭିତରେ ଭଗବଦ୍ ଭାବ ସଞ୍ଚାର କରାଇ ଦେଇପାରନ୍ତି । ସେମାନଙ୍କ ଇଚ୍ଛାରେ ଅତ୍ୟନ୍ତ ଦୁଶ୍ଚରିତ୍ର ବ୍ୟକ୍ତି ମଧ୍ୟ ମୁହୂର୍ତ୍ତକ ମଧ୍ୟରେ ସାଧୁରେ ପରିଣତ ହୋଇ ଯାଆନ୍ତି । ଏମାନେ ଗୁରୁଙ୍କର ମଧ୍ୟ ଗୁରୁ, ମନୁଷ୍ୟମାନଙ୍କ ଭିତରେ ଭଗବାନଙ୍କର ଶ୍ରେଷ୍ଠ ଅଭିବ୍ୟକ୍ତି, ଆମ୍ଭେମାନେ ସେମାନଙ୍କ ଭିତର ଦେଇ ଭଗବାନଙ୍କୁ ଦେଖି ପାରୁଁ, ଏହା ବ୍ୟତୀତ ଅନ୍ୟ ସହଜ ଉପାୟ ନାହିଁ । ମନୁଷ୍ୟମାନେ ସେମାନଙ୍କୁ ପ୍ରାର୍ଥନା ଉପାସନା ନ କରି ରହିପାରନ୍ତି ନାହିଁ, ବାସ୍ତବିକ ଏହି ଆଚାର୍ଯ୍ୟଗଣଙ୍କୁ ଉପାସନା କରିବାକୁ ଆମ୍ଭେମାନେ ବାଧ୍ୟ ।

ଏହି ସମସ୍ତ ନରରୂପଧାରୀ ଈଶ୍ୱର ବ୍ୟତୀତ ଭଗବାନଙ୍କୁ ଦର୍ଶନ କରିବାର ଆଉ ଅନ୍ୟ କୌଣସି ଉପାୟ ଆମ୍ଭମାନଙ୍କର ନାହିଁ । ଆମେ ଯଦି ଅନ୍ୟ କୌଣସି ରୂପରେ ତାଙ୍କୁ ଦେଖିବାକୁ ଇଚ୍ଛା କରୁଁ, ତେବେ ଆମେ ଗୋଟିଏ କିମ୍ଭୂତକିମାକାର ବସ୍ତୁ ଗଠନ କରୁଁ ଏବଂ ତାକୁ ହିଁ ପ୍ରକୃତ ଈଶ୍ୱର ବୋଲି ମନେ କରୁଁ । ଏ ପ୍ରସଙ୍ଗରେ ଗଳ୍ପଟିଏ ଅଛି, ଶୁଣ: ଜଣେ ଅନାଡ଼ୀକୁ ଶିବ ଠାକୁରଙ୍କର ମୂର୍ତ୍ତି ଗଢ଼ିବାକୁ କୁହାଗଲା । ଅନେକ ଦିନ ଚେଷ୍ଟା କରି ସେ ଗୋଟିଏ ମାଙ୍କଡ଼ର ମୂର୍ତ୍ତି ଗଢ଼ିଥିଲା । ସେହିପରି ଭଗବାନଙ୍କୁ ନିର୍ଗୁଣ ପୂର୍ଣ୍ଣ ସ୍ୱରୂପରେ ଯେତେବେଳେ ଆମେ ଭାବି ବସୁଁ , ସେତେବେଳେ ଆମେ ଶୋଚନୀୟ ଭାବରେ ବିଫଳ ହେଉଁ, କାରଣ ଯେତେ ଦିନ ପର୍ଯ୍ୟନ୍ତ ଆମେ ମଣିଷ, ସେତେ ଦିନ ତାଙ୍କୁ ମନୁଷ୍ୟ ଛଡ଼ା ଅନ୍ୟ ଭାବରେ କେବେବି ଭାବି ପାରିବୁ ନାହିଁ । ଅବଶ୍ୟ ଏପରି ସମୟ ଆସିବ, ଯେତେବେଳେ ଆମେ ମନୁଷ୍ୟ ପ୍ରକୃତି ଅତିକ୍ରମ କରି ତାଙ୍କର (ଠାକୁରଙ୍କର) ସ୍ୱରୂପ ବୋଧ କରିବାକୁ ସମର୍ଥ ହୋଇପାରିବା । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ସୀମାବଦ୍ଧ ମଣିଷ ହୋଇ ରହିଥିବା, ସେତେଦିନ ମନୁଷ୍ୟ ମଧ୍ୟରେ ଓ ମନୁଷ୍ୟ ରୂପରେ ହିଁ ତାଙ୍କୁ ପୂଜାଉପାସନା କରିବାକୁ ହେବ ।

ଯାହା କୁହନା କାହିଁକି, ଯେତେ ବି ଚେଷ୍ଟା କରନା କାହିଁକି, ଭଗବାନଙ୍କୁ ମାନବଭାବ ବ୍ୟତୀତ ଅନ୍ୟ କୌଣସି ଭାବରେ ତୁମେ ଚିନ୍ତା କରି ପାରିବ ନାହିଁ । ଈଶ୍ୱର ସମ୍ବନ୍ଧରେ ବା ଜଗତର ଅନ୍ୟାନ୍ୟ ବସ୍ତୁ ସମ୍ବନ୍ଧରେ ତୁମେ ହୁଏତ ଖୁବ୍ ଯୁକ୍ତି ସମନ୍ୱିତ ବକ୍ତୃତା ଦେଇ ପାରିବ, ଖୁବ୍ ଯୁକ୍ତିବାଦୀ ହୋଇପାରିବ ଏବଂ ଭଗବାନଙ୍କର ଏହି ସବୁ ମନୁଷ୍ୟ ଅବତାର କଥା ଯେ ସବୁ ଭ୍ରମାତ୍ମକ ତାହା ତୁମ ନିଜର ସନ୍ତୋଷଜନକ ଭାବରେ ପ୍ରମାଣ କରି ପାରିବ, କିନ୍ତୁ ସହଜ ବୁଦ୍ଧିରେ କ'ଣ ବୋଲି ତାହା ଥରେ ମାତ୍ର ପରୀକ୍ଷା କରି ଦେଖାଯାଉ । ଏହି ପ୍ରକାର ଅସାଧାରଣ ବୁଦ୍ଧି ବୃତ୍ତିର ପଛରେ କ'ଣ ଅଛି ? କିଛି ହିଁ ନାହିଁ - ଶୂନ୍ୟ, କେବଳ ଶୂନ୍ୟ, ଅଛି କେବଳ କେତେକ ବାକ୍ୟ ଆଡ଼ମ୍ବର । ତା'ପରେ ଯେତେବେଳେ ଦେଖିବ, କୌଣସି ଲୋକ ଏପରି ଅବତାର ପୂଜା ବିରୋଧରେ ମହାଯୁକ୍ତିତର୍କ ସହିତ ବକ୍ତୃତା ଦେଉଛି, ତା'କୁ ଧରି ପ୍ରଶ୍ନ କର - ଈଶ୍ୱର ସମ୍ବନ୍ଧରେ ତୁମ ନିଜର ଧାରଣା କ'ଣ ? **'ସର୍ବଶକ୍ତିମତ୍ତା'**, **'ସର୍ବବ୍ୟାପିତା'** ଓ ଏପରି ଶବ୍ଦ ଗୁଡ଼ିକ ଦ୍ୱାରା ତୁମେ କ'ଣ ବୁଝ ? ଦେଖିବ, ସେ ଗୁଡ଼ିକର ବନାନ ବ୍ୟତୀତ ସେ ଆଉ ଅଧିକ କିଛି ବୁଝେନା । ଏସବୁ ଶବ୍ଦ ଶୁଣିବା ଦ୍ୱାରା ତା'ମନରେ କୌଣସି ଅର୍ଥର ବୋଧ ମଧ୍ୟ ହୁଏ ନାହିଁ, ସେପରି କୌଣସି ସ୍ପଷ୍ଟ ଭାବ ଦ୍ୱାରା ସେ ଏହି ଶବ୍ଦଗୁଡ଼ିକ ବ୍ୟକ୍ତ କରିପାରେ ନାହିଁ, ଏଗୁଡ଼ିକ ତା'ର ମାନବୀୟ ପ୍ରକୃତି ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହି ପ୍ରସଙ୍ଗରେ ପଥଚାରୀ ସାଧାରଣ ଲୋକଟିଏ, ଯିଏ ଖଣ୍ଡିଏ ବହି ସୁଦ୍ଧା ପଢ଼ିନାହିଁ, ତା'ସହିତ ଏହି ପଣ୍ଡିତମନ୍ୟ ବାକ୍ୟ ସର୍ବସ୍ୱ ବ୍ୟକ୍ତିଟିର କୌଣସି ପ୍ରଭେଦ ହିଁ ନାହିଁ । ତେବେ ସେହି ସାଧାରଣ ପଥିକଟି ଶାନ୍ତ ପ୍ରକୃତିର, ଜଗତର ଶାନ୍ତିଭଗ୍ନ କରେ ନାହିଁ, ଆଉ ଏହି ବକ୍ତା ସମାଜରେ ଅଶାନ୍ତି ଓ ଦୁଃଖ ହିଁ ସୃଷ୍ଟି କରେ । ବାସ୍ତବିକ ପ୍ରତ୍ୟକ୍ଷାନୁଭୂତିରେ ହିଁ ଧର୍ମ ପ୍ରତିଷ୍ଠିତ, ସୁତରାଂ ଶୂନ୍ୟଗର୍ଭ (ଫମ୍ପା) ବକ୍ତୃତା ଓ ପ୍ରତ୍ୟକ୍ଷାନୁଭୂତି ମଧ୍ୟରେ ଆମ୍ଭମାନଙ୍କୁ ବିଶେଷ ପ୍ରଭେଦ ଲକ୍ଷ୍ୟ କରିବାକୁ ହେବ । ଆତ୍ମାର ଗଭୀରତମ ପ୍ରଦେଶରେ ଆମେ ଯାହା ଅନୁଭବ କରୁଁ, ତାହାକୁ ହିଁ ପ୍ରତ୍ୟକ୍ଷାନୁଭୂତି କୁହାଯାଏ । ଏହି ବିଷୟରେ ସହଜଜ୍ଞାନ ଯେତେ ଦୁର୍ଲଭ, ଆଉ କୌଣସିଟିରେ ସେତେ ଦୁର୍ଲଭ ନୁହେଁ ।

ଆମ୍ଭମାନଙ୍କର ବର୍ତ୍ତମାନ ପ୍ରକୃତି ଯେପରି, ତହିଁରେ ଆମ୍ଭେମାନେ ସୀମାବଦ୍ଧ, ଭଗବାନଙ୍କୁ ମନୁଷ୍ୟ ରୂପରେ ଦେଖିବାକୁ ଆମେ ବାଧ୍ୟ । ମନେକର, ମଇଁଷି ମାନଙ୍କର ଭଗବାନଙ୍କୁ ପୂଜା କରିବାର ଇଚ୍ଛା ଜାଗ୍ରତ ହେଲା । ସେମାନଙ୍କର ସ୍ୱଭାବ ଅନୁଯାୟୀ ସେମାନେ ଭଗବାନଙ୍କୁ ଗୋଟିଏ ବୃହଦ୍ ମହିଷ ରୂପରେ ଦେଖିବେ । ମତ୍ସ୍ୟ ଯଦି ଭଗବାନଙ୍କର ପୂଜା କରିବାକୁ ଇଚ୍ଛା କରେ, ତେବେ ତା'କୁ ଭାବିବାକୁ ହେବ ଯେ, ଭଗବାନ ଗୋଟିଏ ବୃହଦ୍ ମତ୍ସ୍ୟ । ମନୁଷ୍ୟମାନଙ୍କୁ ମଧ୍ୟ ଭାବିବାକୁ ହେବଯେ ଭଗବାନ ମନୁଷ୍ୟ । ଏହିସବୁ ସୀମାବଦ୍ଧ ବିଭିନ୍ନ ଧାରଣା କଦାପି ବିକୃତ କଳ୍ପନା ସମ୍ଭୂତ ନୁହେଁ । ମନୁଷ୍ୟ, ମହିଷ, ମତ୍ସ୍ୟ-ଏଗୁଡ଼ିକ ଯେପରି ଭିନ୍ନ ଭିନ୍ନ ପାତ୍ର ସ୍ୱରୂପ, ସବୁଗୁଡ଼ିକ ଭଗବଦ୍ ସମୁଦ୍ରରେ ନିଜନିଜର ଧାରଣ ଶକ୍ତି ଓ ଆକୃତି ଅନୁସାରେ ଜଳପୂର୍ଣ୍ଣ ହୋଇଛି । ମନୁଷ୍ୟ ପାଖରେ ଏ ଜଳ ମନୁଷ୍ୟର ଆକାର ଆକୃତି ଧାରଣ କଲା, ମହିଷ ନିକଟରେ ମହିଷର ଆକାର ଓ ମତ୍ସ୍ୟ ନିକଟରେ ମତ୍ସ୍ୟ ଆକୃତି ଧାରଣ କରିଅଛି । କିନ୍ତୁ ପ୍ରତ୍ୟେକ ପାତ୍ରରେ ସେହି ଏକ ଈଶ୍ୱର ସମୁଦ୍ରର ଜଳ ରହିଛି । ନିଜ ମନର ପ୍ରକୃତି ଓ ଶକ୍ତି ଅନୁଯାୟୀ ଯଦି କେହି ଈଶ୍ୱର ସମ୍ବନ୍ଧରେ କୌଣସି ଧାରଣା କରେ, ଆମେ ତା'କୁ ଦୋଷ ଦେଇପାରିବୁ ନାହିଁ । ସୁତରାଂ ଈଶ୍ୱର (ଠାକୁର)ଙ୍କୁ ମନୁଷ୍ୟରୂପରେ ପୂଜା ଉପାସନା କରିବା ବ୍ୟତୀତ ଆମ୍ଭମାନଙ୍କର ଆଉ ଅନ୍ୟ କୌଣସି ପଥ ହିଁ ନାହିଁ ।

ଦୁଇ ପ୍ରକାର ଲୋକ ଭଗବାନ (ଠାକୁର)ଙ୍କୁ ମନୁଷ୍ୟ ରୂପରେ ବିଶ୍ୱାସ କରନ୍ତି ନାହିଁ କି ପୂଜା ଉପାସନା ମଧ୍ୟ କରନ୍ତି ନାହିଁ । ପ୍ରଥମ ପ୍ରକାରର ମନୁଷ୍ୟମାନେ ହେଉଛନ୍ତି ନରପଶୁ । ଏମାନଙ୍କର କୌଣସି ପ୍ରକାର ଧର୍ମଜ୍ଞାନ ହିଁ

ନାହିଁ, ନ ଥାଏ । ଦ୍ୱିତୀୟ ପ୍ରକାର ହେଉଛନ୍ତି, ପରମହଂସଗଣ, ଯେଉଁମାନେ ମନୁଷ୍ୟ ସୁଲଭ ସମସ୍ତ ଦୁର୍ବଳତା ଅତିକ୍ରମ କରି ମାନବପ୍ରକୃତିର ସୀମା ବାହାରକୁ ଚାଲିଯାଇଛନ୍ତି । ସମଗ୍ର ପ୍ରକୃତି ହିଁ ସେମାନଙ୍କର ଆତ୍ମ ସ୍ୱରୂପ ହୋଇଯାଇଅଛି । ସେମାନେ କେବଳ ଭଗବାନ (ଠାକୁର)ଙ୍କୁ ତାଙ୍କ ସ୍ୱରୂପରେ ପୂଜା ଉପାସନା କରିପାରନ୍ତି । ଅନ୍ୟ ସବୁ ବିଷୟରେ ଯେପରି, ଏଠାରେ ମଧ୍ୟ ସେହିପରି-ଦୁଇଟି ଚରମ ବିପରୀତଭାବ ଏକାଭଳି ଦେଖାଯାଏ । ଅତିଶୟ ଅଜ୍ଞାନ ଓ ପରମଜ୍ଞାନୀ - ଏ ଦୁଇ ମଧ୍ୟରୁ କେହି ହେଲେ ଉପାସନା କରନ୍ତି ନାହିଁ । ନରପଶୁମାନେ ଅଜ୍ଞାନ ବୋଲି ଉପାସନା କରନ୍ତି ନାହିଁ । ଜୀବନ୍ମୁକ୍ତ ପୁରୁଷମାନେ ସର୍ବଦା ଆତ୍ମା ମଧ୍ୟରେ ପରମାତ୍ମାଙ୍କୁ ଅନୁଭବ କରୁଛନ୍ତି ବୋଲି ସେମାନଙ୍କର ଆଉ ଅନ୍ୟତ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା-ଉପାସନାର ପ୍ରୟୋଜନ ହୁଏ ନାହିଁ ।

ଯେଉଁ ବ୍ୟକ୍ତି ଏହି ଦୁଇ ଚୂଡ଼ାନ୍ତ ଭାବର ମଧ୍ୟବର୍ତ୍ତୀ, ଅଥଚ କହେ - ମୁଁ ଭଗବାନ (ଠାକୁର)ଙ୍କୁ ମନୁଷ୍ୟ ରୂପରେ ଉପାସନା କରିବାକୁ ଇଚ୍ଛା କରେ ନାହିଁ, ବିଶେଷ ଯତ୍ନର ସହିତ ସେହି ବ୍ୟକ୍ତିର ଦେଖାଶୁଣା କରିବା ଆବଶ୍ୟକ ହୁଏ । କଠୋରତର ଭାଷା ପ୍ରୟୋଗ ନ କରି କହିବାକୁ ହୁଏ ଯେ, ସେ ପ୍ରଳାପ କରୁଛି, ସେ ଭୁଲ କରୁଛି, ତା'ର ଧର୍ମ-ବିକୃତ-ମସ୍ତିଷ୍କ ଓ ସେ ବୁଦ୍ଧିହୀନ ପାଷାଣ୍ଡ । ସେଭଳି ବ୍ୟକ୍ତି ହୁଏତ ଘନ ହତାଶା ମଧ୍ୟରେ ବାଟବଣା ହୋଇ ନିରାଶ ହୋଇଛି, ନତୁବା ସେ ସାମାଜିକ ଜୀବନରେ ସ୍ନେହମମତା, ପ୍ରେମପ୍ରୀତିର ସ୍ପର୍ଶ ହିଁ ପାଇପାରିନାହିଁ ।

ଭଗବାନ(ଠାକୁର) ମନୁଷ୍ୟର ଦୁର୍ବଳତା କେଉଁଠି ବୁଝନ୍ତି ଏବଂ ମନୁଷ୍ୟର ହିତ ଅର୍ଥରେ ମନୁଷ୍ୟ ରୂପରେ ଅବତୀର୍ଣ୍ଣ ହୁଅନ୍ତି । ଆଚାର୍ଯ୍ୟଶଙ୍କର ଭାଷ୍ୟ ବେଦାନ୍ତ ସୂତ୍ର (୧/୧/୨୦) ଅନୁଯାୟୀ - 'ସ୍ୟାଦ୍ ପରମେଶ୍ୱରସ୍ୟ ଅପି ଇଚ୍ଛାବଶାନ୍ମାୟାମୟଂ ରୂପଂ ସାଧକାନୁଗ୍ରହାର୍ଥମ୍ ।' ଶ୍ରୀମଦ୍ ଭଗବଦ୍ ଗୀତା (୪/୭-୮) ଅନୁସାରେ - 'ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ନିଜେ ନିଜକୁ ସୃଜନ କରେ । ସାଧୁମାନଙ୍କର ରକ୍ଷା, ପାପୀମାନଙ୍କର ଦୁଷ୍କୃତିନାଶ ଓ ଧର୍ମ ସଂସ୍ଥାପନ ପାଇଁ ମୁଁ ଯୁଗେଯୁଗେ ଜନ୍ମ ଗ୍ରହଣ କରେ ।' ସେହିପରି ଗୀତାର ନବମ ଅଧ୍ୟାୟର ଏକାଦଶ (୧୧ଶ) ଶ୍ଳୋକରେ ଅଛି - 'ମୁଁ ଜଗତର ଈଶ୍ୱର-ମୋର ପ୍ରକୃତ ସ୍ୱରୂପ ନ ଜାଣି ଅଜ୍ଞ ବ୍ୟକ୍ତିମାନେ ମନୁଷ୍ୟରୂପଧାରୀ ମୋତେ ଅବଜ୍ଞା ଓ ଉପହାସ କରନ୍ତି ।'

ଅବତାର ସମ୍ବନ୍ଧରେ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏହି କଥାହିଁ ଘୋଷଣା କରିଅଛନ୍ତି । ପରମହଂସ ରାମକୃଷ୍ଣଦେବ କହୁଥିଲେ : 'ଯେତେବେଳେ ପ୍ରବଳ ବନ୍ୟା ଆସେ, ସେତେବେଳେ ସବୁ ଛୋଟଛୋଟ ନଦୀ ଓ ଖଣା ସଂପୂର୍ଣ୍ଣ ଜଳପୂର୍ଣ୍ଣ ହୋଇଯାଏ, ସେହିପରି ଯେତେବେଳେ ପୃଥିବୀକୁ ଅବତାର ପୁରୁଷ ଓହ୍ଲେଇ ଆସନ୍ତି, ସେତେବେଳେ ଆଧାତ୍ମିକ ତରଙ୍ଗ ଜଗତକୁ ଭସାଇ ନେଇଯାଏ, ସାଧାରଣ ମନୁଷ୍ୟମାନେ ମଧ୍ୟ ସେତେବେଳେ ହାଓ୍ୱାରେ ଧର୍ମଭାବ ଅନୁଭବ କରନ୍ତି । ଆଜି ଏପରି ଗୋଟିଏ ଅବହାଓ୍ୱା କ'ଣ ପରିଲକ୍ଷିତ ହେଉନାହିଁ ? ଘରେ ଘରେ, ଗ୍ରାମେ ଗ୍ରାମେ, ପଲ୍ଲୀରେ, ସହରରେ, ନଗରରେ ସର୍ବତ୍ର ଯାଗଯଜ୍ଞ, ପୂଜାପାଠ, ଧର୍ମସଭା ଓ ପ୍ରବଚନ ର ଲହରୀ ଖେଳୁଛି । ଏପରିକି ବେତାର ଓ ଦୂରଦର୍ଶନ ମାଧ୍ୟମରେ ଧର୍ମପ୍ରବଚନାଦିର ପ୍ରସାରଣ ଯଥେଷ୍ଟ ଗୁରୁତ୍ୱ ଲାଭ କରିଥିବାର ଲକ୍ଷ୍ୟ କରାଯାଉଅଛି । ଠାଏଁ ଠାଏଁ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଦେବ ଦେବୀ ମନ୍ଦିର ମାନ ନିର୍ମାଣ କରାଯାଇ ବିଗ୍ରହ ପ୍ରତିଷ୍ଠା କରାଯାଉଛି, ନିତ୍ୟନୈମିତ୍ତିକ ପୂଜାପାଠ ମଧ୍ୟ ରୀତିମତ ଚାଲିଛି ॥

# ଜିଜ୍ଞାସା : ଜିଜ୍ଞାସୁ

**ଈଶ୍ୱରଙ୍କୁ ବୁଝିବା ଓ ତାଙ୍କର ଲୀଳାକୁ ଅନୁଭବ କରିବାର ଏକମାତ୍ର ଉପାୟ । ଉପାଦେୟ କଥାବସ୍ତୁ ହିଁ ପ୍ରଶ୍ନ ଓ ଉତ୍ତର । ସବୁର ସେ କର୍ତ୍ତା ସୂତ୍ରଧର, ସୃଷ୍ଟିକାରୀ, ସେ ପ୍ରଶ୍ନ ସେହିଁ ଉତ୍ତର ''ଚରମ''ର ଉକ୍ତ ସ୍ତମ୍ଭରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗ ଆଲୋଚନା କ୍ରମାଙ୍କ ମାଧ୍ୟମରେ ତତ୍ତ୍ୱ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ଠାକୁର ଯାହା ଶ୍ରୀମୁଖ ନିସୃତ କରିଛନ୍ତି । ତାହାର କଥାବସ୍ତୁ ହିଁ ଜିଜ୍ଞାସା ଓ ଜିଜ୍ଞାସୁ ।**

ଶ୍ରୀ ଠାକୁର : ତା'ହେଲେ ଦୁଇଟି ମିଠାରୁ ନିତ୍ୟ କିଏ ? ଆଉ ଅନିତ୍ୟ କିଏ ?

ଜିଜ୍ଞାସୁ : ଯିଏ ନଷ୍ଟ ହେଲା ତାହା ଅନିତ୍ୟ । ଆଜି ଅଛି କାଲିକି ନାହିଁ । ଆଉ ଯିଏ ରହିଲା ତାହା ନିତ୍ୟ ମିଠା ।

ଶ୍ରୀ ଠାକୁର : ତାହେଲେ ଯେଉଁ ପଦାର୍ଥ ନିତ୍ୟ ନୁହେଁ, ତାହାକୁ ନିତ୍ୟ ମନେ କରିବା, ମରଣଶୀଳ ଦୁନିଆକୁ ଅମର ବୋଲି ଭାବିବା ତଥା ଏହି ସଂପୂର୍ଣ୍ଣ ଜଗତ ଓ ତାହାର ସମସ୍ତ ସଂପଦ ଅନିତ୍ୟ ଅଟେ । ଯାହା ଆଜି ଅଛି ପୁଣି କାଲିକି ନାହିଁ । ଯାହାର ଉତ୍ପତ୍ତି ଓ ବିନାଶ ଅଛି ତାହାକୁ ନିତ୍ୟ ମନେ କରିବା । ଏହି ତତ୍ତ୍ୱକୁ ଅନିତ୍ୟରେ ନିତ୍ୟଜ୍ଞାନ ବୋଲି କୁହାଯାଉଛି । ଏହି ଜ୍ଞାନକୁ ଅବିଦ୍ୟା ବୋଲି ବୁଝ । ଅବିଦ୍ୟାରୂପି ମିଥ୍ୟା ଜ୍ଞାନ ବା ଜଡ଼ଜ୍ଞାନରେ ଜୀବ ବନ୍ଧନ ହୋଇ ପଶୁତ୍ୱ ଦିଗକୁ ଟାଣି ହୋଇଯାଇଥାଏ । ପଶୁମାନଙ୍କର ଯେଉଁଭଳି ଚାରୋଟି ପାଦ ଅଛି, ଉକ୍ତ ଅବିଦ୍ୟାର ମଧ୍ୟ ସେହିପରି ଚାରୋଟି ପାଦ ଅଛି ।

ଜିଜ୍ଞାସୁ : ପ୍ରଭୁ ! ଦୟାକରି ଅବିଦ୍ୟାରୂପି ଜଡ଼ଜ୍ଞାନ ବା ପଶୁଜ୍ଞାନର ଚାରୋଟି ପାଦ ବିଷୟରେ ବୁଝାଇବାକୁ ପ୍ରାର୍ଥନା କରୁଛି ।

ଶ୍ରୀ ଠାକୁର : ଯାହାଠାରେ ଯେଉଁ ଧର୍ମ ନାହିଁ ସେଥିରେ ତାହାର ବିଦ୍ୟମାନତା ଅନୁଭବ କରିବା ଏହା ହେଉଛି ପ୍ରଥମ ପାଦ ।

ଜିଜ୍ଞାସୁ : ଟିକେ ସରଳ କରନ୍ତୁ ।

ଶ୍ରୀ ଠାକୁର : ସରଳ କ'ଣ କରିବି ? ତମେ ସବୁକ୍ଷେତ୍ରରେ ସବୁ ସମୟରେ ଏହି ଜ୍ଞାନଟି ଅଙ୍ଗେ ଲିଭାଉଛ । ଏହି ଜ୍ଞାନ ପଦାରେ ପଡ଼ିଛି । ଯିଏ ଯାହା ନୁହେଁ ନିଜକୁ ସେଇଆ ମନେକରି ଛାତିରେ ହାତ ବାଡଉଛି । ତମେ ପହିଲମାନ ନୁହଁ । ପହିଲମାନର ଅଭିନୟ କରୁଛ । ଜଣେ ଅଜ୍ଞାନ ନିଜକୁ ଜ୍ଞାନୀ ମନେ କରିବା, ମାନ ନ ଥାଇ ମାନିର ଭାବ ପୋଷଣ କରିବା ଇତ୍ୟାଦି । ମଣିଷ ଭିତରେ ଏହି ପ୍ରକାରର ଯେଉଁ ଜଡ଼ବାଦ ସୃଷ୍ଟି ହେଉଛି ତହିଁରୁ ଜଡ଼ଜ୍ଞାନ ଓ ଜଡ଼ଚେତନ ଏହା ହେଉଛି କ୍ଳେଶର ଗୋଟିଏ ପାଦ ।

ଜିଜ୍ଞାସୁ : ଆଉ ଦ୍ୱିତୀୟ ପାଦଟି ?

ଶ୍ରୀ ଠାକୁର : ଆଚ୍ଛା ମୋତେ ଗୋଟିଏ କଥା କୁହ । ତମେ ଯେଉଁ ଦେହଟି ନେଇ ଏଠାରେ ବସିଛ ତାହା ପବିତ୍ର ନା ଅପବିତ୍ର ? ଏହି ଦେହର ମୂଳତତ୍ତ୍ୱ କ'ଣ ?

ଜିଜ୍ଞାସୁ : ପ୍ରଭୁ କୁହନ୍ତୁ ମୁଁ ତ ଏଠି ଧୋଇ ଧାଇ ଚିକଣ ଚାକଣ ହୋଇ ସଦାଚାରରେ ବସିଛି । ନିଜକୁ ପବିତ୍ର ମନେ କରୁଛି । ଏହି ପ୍ରକାର ଧାରଣା ନେଇ ମୁଁ ବସିଛି । ଆପଣ କ'ଣ କହୁଛନ୍ତି ?

ଶ୍ରୀ ଠାକୁର : ଦେଖ ! ତୁମେ ଯେଉଁ ଦେହକୁ ଶୌଚ ମନେ କରୁଛ ସେହି ଦେହ କ'ଣ ଜନ୍ମରୁ ଶୌଚ ? ନା ତମେ ଗାଧୋଇ ପାଧୋଇ ଶୌଚ ହୋଇଛ ?

ଜିଜ୍ଞାସୁ : ନାଁ ଆଜ୍ଞା । ଏହି ଶରୀର ଖାଉଛି, ପିଉଛି, ମଳ, ମୂତ୍ର, କଫ, ରକ୍ତ, ବାତ, ବୀର୍ଯ୍ୟ ଧାରଣ କରିଛି ଓ ତ୍ୟାଗ କରୁଛି । ତେଣୁ ଆମେ ଏହି ଦୁର୍ଗନ୍ଧ ପଦାର୍ଥଯୁକ୍ତ ଅପବିତ୍ର ଶରୀରକୁ ପବିତ୍ର କହିବା ଭୁଲ୍ ହୋଇଯିବ ।

ଶ୍ରୀ ଠାକୁର : ତା'ହେଲେ ଅପବିତ୍ର ପଦାର୍ଥକୁ କ'ଣ ପବିତ୍ର ମନେ କଲେ ତାହା ପବିତ୍ର ହୋଇଯିବ ।

ଜିଜ୍ଞାସୁ : ନାଁ ଆଜ୍ଞା ।

ଶ୍ରୀ ଠାକୁର : ସେହିପରି ଅନ୍ୟାୟ, ଚୋରି, ହିଂସା, ପ୍ରଭୃତି ଦ୍ୱାରା ଉପାର୍ଜିତ ଧନ ଅପବିତ୍ର ମନେହେଲେ ମଧ୍ୟ ତାହାକୁ ପବିତ୍ର ମନେ କରିବ । ଅଧର୍ମ, ପାପ, ଅବିଶ୍ୱାସ, କୂଟ, କପଟ, ଈର୍ଷା, ହିଂସା, ଦ୍ୱନ୍ଦ୍ୱ ପ୍ରଭୃତିରେ ରଞ୍ଜିତ ହୋଇଥିବା ଅନ୍ତଃକରଣ ଅପବିତ୍ର ହେଲେବି ତାହାକୁ ପବିତ୍ର ମନେ କରିବା ଦ୍ୱିତୀୟ ପାଦ ଅଟେ ।

ଜିଜ୍ଞାସୁ : ପ୍ରଭୁ ! ତୃତୀୟ ପାଦର ବର୍ଣ୍ଣନା କିପରି ?

ଶ୍ରୀ ଠାକୁର : ଦୁନିଆରେ ଦେଖୁଛ ମା' ପିଲାଟିଏ ଜନ୍ମ କରୁଛି ଦୁଃଖରେ ନାଁ ସୁଖରେ ? କେତେ କଷ୍ଟ ସହି ମା'ଟି ଦୁଃଖକୁ ସୁଖ ମନେ କରି ପିଲାଟିଏ ଜନ୍ମ ଦେଇ ସୁଖ ଉଦ୍ଦେଶ୍ୟରେ ମାତୃତ୍ୱ ଅର୍ଜନ କରୁଛି । ପାଉଛି କ'ଣ ? ନାଁ ଦୁଃଖ ପାଉଛି ? ନାଁ ସୁଖ ପାଉଛି ? ଦାୟିତ୍ୱ ବଢୁଛି ନା କମୁଛି ? ଜଞ୍ଜାଳ ବଢୁଛି ନା କମୁଛି ? ଯେଉଁ ଭାବନେଇ ମା'ଟିଏ ମା'ହେଲା ଦୁନିଆ କ'ଣ ତାକୁ ସେହି ଭାବରେ ଗ୍ରହଣ କଲା ? ନା ଯାତନା ଦେଲା ? ଅଙ୍ଗେ ଲିଭାଇଥିବା ମା' ମାନେ ଏକଥା ବୁଝି ପାରିବେ । ଆଉ ତୁମେ ତ ବାପା !

ଜିଜ୍ଞାସୁ : ତା' ହେଲେ ଏପରି ପ୍ରଭୁ ହେଉଛି କାହିଁକି ? ଗୋଟିଏ ଉଦ୍ଦେଶ୍ୟରେ ସଂସାର କରୁଥିବା ବେଳେ ଅନ୍ୟ ପ୍ରକାରର ଫଳ ଫଳୁଛି କାହିଁକି ? ଏଥିପାଇଁ ଦାୟୀ କିଏ ?

ଶ୍ରୀ ଠାକୁର : ଏଥିପାଇଁ ଦୁଃଖକୁ ସୁଖ ମନେ କରିବାର ଭାବଧାରା ଓ ବିଚାରଧାରା ଦାୟୀ । ଏହା ହେଉଛି ଦୁଃଖରେ ସୁଖ ଜ୍ଞାନ । ସଂସାରର ସମସ୍ତ ବିଷୟ ଅନିତ୍ୟ ବିନାଶଶୀଳ ଓ ଦୁଃଖରୂପ ଜାଣି ସେଗୁଡ଼ିକୁ ସୁଖ ମନେ କରିବାକୁ ତୃତୀୟ ପାଦ ବୋଲି ବୁଝ ।

ଜିଜ୍ଞାସୁ : ପ୍ରଭୁ ! ଏ ସଂସାରରେ କ'ଣ ସୁଖ ନାହିଁ ? ଖାଲି ଦୁଃଖ ?

ଶ୍ରୀ ଠାକୁର : ଆମେ କ'ଣ ଖାଲି ଦୁଃଖ ବୋଲି କହୁଛୁ । ଦୁନିଆରେ ଏହି ପ୍ରକାରର ଦୁଃଖର କଥା ଅଛି ବୋଲି କହିଲୁ । ସୁଖର କଥା ମଧ୍ୟ ଅଛି । ଖାଲି ଏତିକି ମନେରଖ ଦୁନିଆଁ ଦୁଃଖ ଆଉ ସୁଖର ମିଶ୍ରିତ ଫଳ । ଦୁନିଆଁ ବା ଦେହ ଖାଲି ଦୁଃଖ ନୁହେଁ କି ସୁଖ ନୁହେଁ । ଏଣୁ ଦେହ ଏକ ଅନିର୍ବଚନୀୟ ତତ୍ତ୍ୱ ବୋଲି ବୁଝ ।

ଜିଜ୍ଞାସୁ : ଏପରି ବୁଝିଲେ ଆମମାନଙ୍କର କ'ଣ ହେବ ?

ଶ୍ରୀ ଠାକୁର : କେବଳ ଭ୍ରାନ୍ତି ନାଶ ହେବ ।

ଜିଜ୍ଞାସୁ : ଭ୍ରାନ୍ତି ନାଶ ହେଲେ ଦୁନିଆଁ କ'ଣ ବଦଳିଯିବ ?

ଶ୍ରୀ ଠାକୁର : ଯାହାର ଭ୍ରାନ୍ତି ନାଶ ହେବ ସେ ହିଁ ବଦଳିବ । ଦୁନିଆଁ କାହିଁକି ବଦଳିବ । ଦୁନିଆ କ'ଣ ତୁମର ? ଯାହାର ଦୁନିଆ ବଦଳାଇବାର କ୍ଷମତା ସେ ତାହାର ଦୁନିଆଁ ବଳାଇବ ।

ଜିଜ୍ଞାସୁ : ପ୍ରଭୁ ! କୃପାକରି ବର୍ତ୍ତମାନ ଚତୁର୍ଥ ପାଦ କଥା କୁହନ୍ତୁ ?

ଶ୍ରୀ ଠାକୁର : ଜଡ଼ଜ୍ଞାନକୁ ଆତ୍ମଜ୍ଞାନ ମନେ କରିବା ଚତୁର୍ଥ ପାଦ ।

ଜିଜ୍ଞାସୁ : କିପରି ?

ଶ୍ରୀ ଠାକୁର : ଦେହ, ଇନ୍ଦ୍ରିୟ ଓ ଚିତ୍ତ ଏ ସମସ୍ତ ଅନାତ୍ମା । ଏମାନଙ୍କୁ ଆତ୍ମା ମନେ କରିବା ।


ଜିଜ୍ଞାସୁ : ଜଡ଼ ତତ୍ତ୍ୱ ତ ଅନାତ୍ମା । କିନ୍ତୁ ଚେତନ ଜ୍ଞାନରୂପରେ ପ୍ରତୀୟମାନ ହୁଏ କିପରି ଓ କାହିଁକି ?

ଶ୍ରୀ ଠାକୁର : ଆକାଶରେ ସୂର୍ଯ୍ୟ ଅଛନ୍ତି । ଗୋଟିଏ ଜଡ଼ପଦାର୍ଥ ଦର୍ପଣକୁ ସୂର୍ଯ୍ୟଙ୍କ ସମ୍ମୁଖ ଭାଗରେ ରଖିଲେ ଯେପରି ସୂର୍ଯ୍ୟଙ୍କର ପ୍ରତିବିମ୍ବ ଦର୍ପଣ ଉପରେ ପ୍ରତିବିମ୍ବିତ ହୋଇ ଦର୍ପଣ ସୂର୍ଯ୍ୟ ତୁଲ୍ୟ ଦେଖାଯାଇଥାଏ । ଏଠାରେ ଦର୍ପଣ କ'ଣ ସୂର୍ଯ୍ୟ କି ?

ଜିଜ୍ଞାସୁ : ନାଁ, ଆଜ୍ଞା ?

ଶ୍ରୀ ଠାକୁର : ଠିକ୍ ଏହି ନ୍ୟାୟରେ ଜଡ଼ ପ୍ରକୃତିରେ ଆତ୍ମାଭାବ ଆରୋପ ହେବାରୁ ଜଡ଼ଚିତ୍ତ ଓ ଆତ୍ମା ମଧ୍ୟରେ ଅଭିନ୍ନତା ପ୍ରକଟ ହେବାକୁ ଲାଗେ । ଚିତ୍ତ ଓ ଚୈତନ୍ୟଙ୍କର ଯେଉଁ ଭେଦଜ୍ଞାନ ଅଛି ତାହା ଏଠାରେ ଅସଙ୍ଗ ପୁରୁଷ ଓ ଚିତ୍ତର ପରସ୍ପର ଦ୍ୱିଧାରୋପ ହେବାରୁ ଭେଦଜ୍ଞାନ ନ ରହି ଅଭେଦ ଜ୍ଞାନର ପ୍ରତୀତ ହୋଇଥାଏ । ଏହି ଅଭେଦ ଜ୍ଞାନରୁ ଅବିଦ୍ୟାରୂପ ଅସ୍ମିତା ଉତ୍ପନ୍ନ ହୋଇ ଆତ୍ମଜ୍ଞାନକୁ ଆବଦ୍ଧ କରିଥାଏ । ଏହା ହେଉଛି ଚତୁର୍ଥ ପାଦ ।

# ସନ୍ତବାମୀ ଯୁଗେ ଯୁଗେ ରତ୍ନବେଦୀ



*ଲୀଳାମୟ ହରି ମାନବଲୀଳା ରଚନା ପୂର୍ବରୁ ମାତୃଗର୍ଭରେ ବିବିଧ ରୂପରେ ସୂକ୍ଷ୍ମାତିସୂକ୍ଷ୍ମ ଅପରୂପ ଲୀଳା ସଂଦର୍ଶନ କରାଇ ଜନମାନସକୁ ଚକିତ ଓ ଉଦ୍‌ବେଳିତ କରାନ୍ତି । ତାହା ଜନନୀ ବୁଝିପାରେନା । ଜଠର ଜରାୟୁର ଭାବ ପ୍ରତ୍ୟେକଙ୍କୁ ଚେତନଶୀଳ କରାଇବା କ୍ରମରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ସନ୍ତବାମୀ ଯୁଗେ ଯୁଗେ କ୍ରମଣିକାରେ ଜନନୀ, ଜଠର, ଜରାୟୁ ସ୍ତମ୍ଭରେ ଏକ ଚତ୍ୱାରିଂଶତମ ୪୧ ସଂଖ୍ୟାର ଅନୁସୃତିରୁ କିଛି ଅଂଶର ସ୍ୱଚ୍ଛ ଓ ସଂକ୍ଷିପ୍ତ ଆଭାସ ପ୍ରଦାନ ପୂର୍ବକ ସ୍ୱହସ୍ତରେ ଉଲ୍ଲେଖ କରିଥିବା ପ୍ରସଙ୍ଗରେ ଅବତାରଣା କରିଛନ୍ତି । ଯାହା ପାଠକ/ପାଠିକାଙ୍କ ମନରେ ଆଗାମୀ କଥାବସ୍ତୁକୁ ଆସ୍ୱାଦନ କରିବାର ଖୋରାକ ବହନ କରିବ ।*

ଏହି ଅବସ୍ଥାରେ ମାଆ ସବୁବେଳେ ଶୋଇବାକୁ ଚାହେଁ, ଘରର କ୍ଷାତି ଜନକୁ ଅଧିକ ବିରକ୍ତ ହୁଏ । ସୁସ୍ଥ ଶରୀର ପାଇଁ ଚିକିତ୍ସକର ଆବଶ୍ୟକ ପଡେ । ଜନନୀର ଚିହ୍ନାର କର୍ମ ଦେଖାଗଲେ ''ମାୟାକକ୍ଷ''ର ଥିବା ଜରାୟୁ, ଜଠର ନିଳବର୍ଣ୍ଣର ମାୟାଜ୍ୟୋତି ଗୁଡିକ ଖଦ୍ୟୋତିକା ଚାରିଆଡେ ଘୁରିବୁଲନ୍ତି । ''ମାୟାକକ୍ଷ''ର ସ୍ୱଦୀୟା ଅଂଶୁର ଆତ୍ମା ମାତାପିତାଙ୍କ ସଂଯୋଗ କର୍ମ ନେଇ ଯୋନି ଧାରଣ କରନ୍ତି । ଯୋନି ଧାରଣର ଭ୍ରୂଣ ବିନ୍ଦୁସ୍ଥାପନାରୁ ଗର୍ଭ ପୂର୍ଣ୍ଣାଙ୍ଗ ଧାରଣ ପର୍ଯ୍ୟନ୍ତ ବାରଟି କର୍ମ ରହୁଛି । ଏହି କର୍ମ ମଧ୍ୟରେ 'ସୁନାଇକ୍ଷୁ' କ୍ରିୟା ମଧ୍ୟ ଅଛି । ସୁନାଅକ୍ଷି କ୍ରିୟା ଆଶୀଷ କର୍ମରେ ବୃକ୍ଷଟି ନିର୍ମାଣ ହୋଇଛି । 'ଓଁ' କାର ତତ୍ତ୍ୱ ଅନୁଯାୟୀ ଆଦିଅନାଦିଙ୍କ ଆଶିଷ କର୍ମରେ ଓଲଟବୃକ୍ଷ କରାଯାଏ । ବୃକ୍ଷଟିର ଡାଳମାନ ଉପରକୁ ରହିଲା, ହସ୍ତ ମସ୍ତିଷ୍କ ମର୍ତ୍ତିକାରେ, ମହସୁନା କକ୍ଷ 'ଜନନୀ ଜଠର ଜରାୟୁ'କୁ କେକିୟ ଯାନ ଚମକ ଦ୍ୱ ଝୁଲାଇ ରଖିଛି । ଅନେକ ବ୍ରହ୍ମାଣ୍ଡ ଝୁଲୁଥାଏ । ବ୍ରହ୍ମାଣ୍ଡ ମାୟାକକ୍ଷ ଲୋମ କୂପ, ଏହାଦ୍ୱାରା ମାଳ ମାଳ ହୋଇ ''ଜରାୟୁ''ମାନ ଝୁଲୁଥାଏ । ଜନନୀର ଜରାୟୁ ଗୁଚ୍ଛରେ ଯେଉଁ ମାଳମାନ ଝୁଲୁଅଛି, ସେହି ମାଳମାନଙ୍କରେ ଲୋମକୂପ ଦୋହଲୁ ଅଛି ।



# କଲ୍ୟାଣ ଦେଲି ତୋତେ

''ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ତୋ ଲୋମ କୂପେ ବିରାଜଇ ॥'' ପରମେଶ୍ୱରଙ୍କ ସଂପର୍କରେ ଆଲୋଚିତ ଅନେକ ସ୍ୱରୂପ ମଧ୍ୟରେ ଭାଗବତର ଏହି ବିଶାଳ ସତ୍ୟ ଓ ତତ୍ତ୍ୱ ପ୍ରମାଣ କରୁଛି ଯେ, ସେ ସର୍ବବ୍ୟାପକ । ତାଙ୍କ ସ୍ୱରୂପର କଳ୍ପନା ମଧ୍ୟ କରିହେବ ନାହିଁ । ଯେଉଁ ବ୍ୟକ୍ତିତ୍ୱ କୋଟି କୋଟି ବ୍ରହ୍ମାଣ୍ଡର ହର୍ତ୍ତା, କର୍ତ୍ତା, ବିଧାତା ଅଟନ୍ତି, ତାଙ୍କୁ ପୁଣି କେଉଁ କଲ୍ୟାଣ ପାଇଁ ଅଳି କରାଯାଇପାରେ ? ଜ୍ଞାନୀ, ଯୋଗୀ, ଭକ୍ତ, ଦେବ, ଗନ୍ଧର୍ବ ଆଦି ସମସ୍ତେ ତାଙ୍କରି ଇଚ୍ଛାରେ ସୃଷ୍ଟି ହୋଇଛନ୍ତି ଏବଂ ତାଙ୍କରି ଆଜ୍ଞାରେ ପରିଚାଳିତ ହେଉଛନ୍ତି । ତେଣୁ ଜୀବସଭାର କେଉଁ ବିଭବ ମଙ୍ଗଳଦାୟକ, ତାହା କ'ଣ ତାଙ୍କୁ ଅଜଣା ଅଛି ? ସେହି କାରଣରୁ ତ ସେ ନିଜେ ଆଜି ସ୍ଥୂଳତନୁରେ ଧରାପୃଷ୍ଠରେ ଉପସ୍ଥିତ ରହି ତାଙ୍କରି ଅମୃତଭରା ସୃଷ୍ଟିକୁ ସରସ, ସୁନ୍ଦର, ଜ୍ଞାନମୟ, ଚୈତନ୍ୟମୟ କରିବାପାଇଁ ଅଶେଷ କଲ୍ୟାଣର ଧାରା ପ୍ରବାହିତ କରିଚାଲିଛନ୍ତି । ସେହି ଧାରାର କିଛି ଅଂଶ ହେଉଛି 'ଚରମ'ର ଧାରାବାହିକ ଏହି ସ୍ତମ୍ଭ ।

କୋଟିକଳ୍ପ ତପ ଫଳରେ ତୁମକୁ
ପାଇଛି ସ୍ଥୂଳ ଶରୀରେ ।
ସ୍ଥୂଳେ ସୂକ୍ଷ୍ମ ଖେଳ ବୁଝିପାରୁ ନାହିଁ
ବୁଡିରହିଛୁ ଅନ୍ଧାରେ ॥

ଭଲ ମନ୍ଦ ପାପପୁଣ୍ୟ ନ ବିଚାରି
ଶରଣ ଦେଇଛୁ ଯାଚି ।
ହେ କଲ୍ୟାଣମୟ ମଧୁମୟ ତୁମେ
ଅମୃତ ଦିଅହେ ସିଞ୍ଚି ॥

ତୁମରି ରୂପକୁ ମନେ ଚିନ୍ତୁଥିବି
ଭଜୁଥିବି ନାମ ନିତି ।
ଏତିକି କରୁଣାକର କୃପାପତି
ତୁମଠାରେ ରହୁ ମତି ।

# କଲ୍ୟାଣ ଦେଲି ତୋତେ

'ଚରମ'ରେ ପୁତ୍ରମୋର ଧର୍ମଜ୍ଞାନ ପକ୍ଷୀ,
ଆନନ୍ଦ ଲଭୁଛି ତୋର ନିଷ୍ଠା ପକ୍ଷ ଦେଖି ।୧।

ଯେତେ ଉଡ଼ିଲେ ବି କେବେ ଅବଶ ନ ହେବୁ,
ନେଇ ବା ନ ନେଇ କେହି ଜ୍ଞାନ ବାଣ୍ଟି ଯିବୁ ।୨।

କାଳର ଗତିରେ ସିନା ଆଜି ତୁ ଅଲୋଡ଼ା,
ଅଜ୍ଞାନ ପ୍ରଭାବେ ଜ୍ଞାନୀବୋଲି କହେ ମଡ଼ା ।୩।

ଆସୁଛି ସେ ବେଳ ବାବୁ ଥୟକର ମନ,
ବାଉଳା ହୋଇ ଖୋଜିବେ ତୋର ପକ୍ଷଧନ ।୪।

ମନେଗୁଣ ଗତଥର 'ବାୟୁ'ରେ ତୋ ପିଣ୍ଡ,
କିପରି ଯୁକ୍ତ କରୁଛି ଭାବରେ ବ୍ରହ୍ମାଣ୍ଡ ।୫।

ବାୟୁ ଚାଳନାରେ ପିଣ୍ଡଅଗ୍ନି ପ୍ରଜ୍ୱଳିତ ।
ସେ ଅଗ୍ନିରେ ସିଦ୍ଧ ହୁଏ ଖାଦ୍ୟ ହୋଇ ଘୃତ ।୬।

ତେଜରୁ ପାଚକ ରସ ବିନ୍ଦୁ ବିନ୍ଦୁ ହୋଇ,
ପିଣ୍ଡପତି ଆଜ୍ଞାଦ୍ୱାରା ସଦା ଝରୁଥାଇ ।୭।

ସେହି ରସ ଖାଦ୍ୟସହ ଆପେ ମିଶିଯାଏ,
ଅଗ୍ନିରେ ଦହନ ପରେ ହଜମ ଯେ ହୁଏ ।୮।

ଯେତେବେଳେ ଏହି କାର୍ଯ୍ୟ ଆପେ ଚାଲୁଥାଏ,
ଜଳ, ଅଗ୍ନି ପ୍ରଭାବରେ ବାୟୁ ସୃଷ୍ଟି ହୁଏ ।୯।

ବାୟୁକୁ ଧାରଣ କରି ବାୟୁ କେନ୍ଦ୍ର ତୋଳେ,
ନିଷ୍କାସନ ପଥ ଦେଇ ବାହାରକୁ ଚଳେ ।୧୦।

ପିଣ୍ଡର କ୍ଷମତା ସ୍ନାୟୁ ଧାରଣର ମତେ,
ଗତି କରୁଥାଏ ତାକୁ ନଥାଏ ପରତେ ।୧୧।

କାହାପାଇଁ ମୁଖଦ୍ୱାରେ ହୁଅଇ ନିର୍ଗତ,
ସେବେଳେ ସେ ଊର୍ଦ୍ଧ୍ୱବାୟୁ ନାମେ ପରିଚିତ ।୧୨।

ଅନେକ ଏହି ବାୟୁକୁ ହେକ୍କୁଟି କହନ୍ତି,
ଅସଂଯତ ହେଲେ ବେଗେ ସୃଷ୍ଟି କରେ ବାନ୍ତି ।୧୩।

ଅନ୍ୟର ଶରୀରେ ସେହି ହୋଇ ନିୟନ୍ତ୍ରିତ,
ନିମ୍ନଗତି ନେଇ ମଳଦ୍ୱାରରେ ନିର୍ଗତ ।୧୪।

ଊର୍ଦ୍ଧ୍ୱ ଅବା ନିମ୍ନ ହେଉ ନୁହଁଇ କୁଶଳ,
ବାୟୁ ଜମା ପିଣ୍ଡ କେବେ ନୁହଁ ପରିମଳ ।୧୫।

ଅଭକ୍ଷ ଭକ୍ଷିଲେ ପାଚନ ଯେ ବିଳମ୍ବିତ,
ଜଠର କୁପିତ ହୋଇ ବାୟୁ ଅପ୍ରମିତ ।୧୬।

ଲଘୁପାକ ଖାଦ୍ୟ ଖାଇ ନିୟମ ଜଗିଲେ,
ଖାଦ୍ୟ ସହ ତିନିଭାଗ ଜଳପାନ କଲେ ।୧୭।

ପ୍ରାଣାୟାମ ସୂତ୍ରଧରି ବାୟୁ ସଂଚାଳନ,
କରୁଥିଲେ ନିୟମରେ ଶୃଙ୍ଖଳିତ ମନ ।୧୮।

ମନଟି ସଂଯମ ହେଲେ ବାୟୁ ହୁଏ ଶାନ୍ତ,
ଶରୀର ସଦା ବିହରେ ହୋଇ ପୂର୍ଣ୍ଣ ସୁସ୍ଥ ।୧୯।

ବାୟୁକୋଷ ଶୂନ୍ୟମଧ୍ୟୁ ଆଣିଲେ ପ୍ରଶ୍ୱାସ
ନିର୍ଗତ ନାସାଦ୍ୱାରରେ କହନ୍ତି ବିଶ୍ୱାସ ।୨୦।

ସଂକ୍ଷେପରେ ଏହା ବାୟୁ ଚାଳନ, ଧାରଣ,
ଅସଂଯମେ ଏ କଲ୍ୟାଣ ହେବ ଅକାରଣ ।୨୧।

ତେଣୁ ରେ ମୋ ଧନମଣି ସାବଧାନ ହୁଅ,
ଗୁରୁଗୁପ୍ତ ଜ୍ଞାନ ନେଇ ବାୟୁକୁ ଚଳାଅ ।୨୨।

॥ ଇତି ॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

୧. କୃତ୍ତିକା ନକ୍ଷତ୍ରରେ ଜନ୍ମ ନେଇଥିଲେ, ଯକ୍ଷ ଧନ ପ୍ରାପ୍ତ ହୁଏ ।

୨. ବସ୍ତୁ ପ୍ରାପ୍ତି ବା ଦ୍ରବ୍ୟପ୍ରାପ୍ତିରେ ଜୀବର କର୍ମହାନି ଘଟେ । ରାଶି କର୍ମଫଳ ଉନ୍ନତି ପାଇଁ ଯଦି ରାଶିକୁ ପ୍ରାପ୍ତ ଦ୍ରବ୍ୟ ବା ବସ୍ତୁ ଶୁଦ୍ଧ ନ ଥାଏ, ତେବେ ତାହା ରାଶିର କର୍ମହାନି କରାଏ । ଏପ୍ରକାର ପ୍ରାପ୍ତି ବାସ୍ତବକର୍ମର ବାସ୍ତବ ଫଳ ନୁହେଁ ।

୩. ରୋଗ, ଶୋକ, ଦୁଃଖ, ଯନ୍ତ୍ରଣା ଇତ୍ୟାଦି ଜୀବର ରହିଛି ଓ ରହିବ । ପ୍ରାରବ୍ଧ କର୍ମଫଳକୁ ଭୋଗ କରିବାକୁ ପଡ଼ିବ ।

୪. ଅସାବଧାନତାରୁ ସୃଷ୍ଟ ବିପଦକୁ ଯୋଗାଯୋଗ କୁହାଯାଇ ପାରିବ ନାହିଁ । ସତର୍କତା ଅବଲମ୍ବନ କରି ଯଦି ଜୀବ ବିପଦରେ ପଡ଼େ, ତାହାକୁ ଜୀବର ଯୋଗାଯୋଗ ଥିଲା ବୋଲି କୁହାଯାଇପାରେ ।

୫. ସୃଷ୍ଟିର ଆରମ୍ଭ ଓ ଶେଷ ଗୋଳିଆ । ମଧ୍ୟଭାଗ ସଦାଚାର ଓ ଶେଷଭାଗ ଅତି କଳୁଷିତ । ମହାପ୍ରଳୟ ଆସି ସୃଷ୍ଟି ବିଲୀନ ହେଲେ ଯାଇ ନୂତନ ସୃଷ୍ଟି ହୁଏ ।

୬. ପ୍ରତ୍ୟେକ ଶରୀରର କର୍ମନେଇ ଫଳ ରହିଛି । ତେଣୁ କର୍ମ ଅନୁସାରେ ଫଳଭୋଗ ପ୍ରତ୍ୟେକଙ୍କର ସମାନ ନୁହେଁ ।

୭. ଗୁରୁଥିବା ସମୟରେ ଯେଉଁ ଶିଷ୍ୟର ମୃତ୍ୟୁ ହୁଏ, ତା'ର ଉଚ୍ଚକୋଟୀର ମୁକ୍ତି ହୁଏ ।

୮. ଜୀବକୁ ଦହଗଞ୍ଜ କରି ଯିଏ ଅନ୍ୟାୟରେ ମାରିଥାଏ, ମରିଥିବା ଜୀବର ଅତୃପ୍ତ ଆତ୍ମା ମାରିଥିବା ଜୀବର ବଂଶଧରମାନଙ୍କୁ ସେମାନଙ୍କର ଶୁଭକର୍ମଫଳକୁ କାଟି ଐଶ୍ୱର୍ଯ୍ୟହାନି ଘଟାଇ ବହୁ ଅସୁବିଧାରେ ପକାଏ । ମାରିଥିବା ଜୀବର ବଂଶଧରମାନେ ହତ୍ୟାକାଣ୍ଡ ଘଟିଥିବା ଚକଡ଼ା/ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ବସବାସ କଲେ, ଉନ୍ନତି ପଥରେ ଯାଇ ପାରିବେ ।

୯. ମୁକ୍ତି ସାତପ୍ରକାର : (୧) ସାରୂପ୍ୟ, (୨) ସାଯୁଜ୍ୟ, (୩) ସାଲୋକ୍ୟ, (୪) ସାରୋପିତ, (୫) ସାଲୋକୀୟ, (୬) ଆରୋପ୍ୟ ଓ (୭) ଆରୋହଣ୍ୟ ।

୧୦. ଆଧ୍ୟାତ୍ମିକ କର୍ମଯୋଗସୂତ୍ର ଯେଉଳି ବିଭିନ୍ନ ଶାସ୍ତ୍ରରେ ଦିଆଯାଇଛି, ସେଭଳି ନ କରି ଏଠାରେ ଦିଆଯାଉଥିବା ପଦ୍ଧତି ବା ଧାରାରେ କର୍ମଯୋଗ ଅଭ୍ୟାସ କଲେ, ଶୀଘ୍ର ଫଳପ୍ରାପ୍ତି ସମ୍ଭବ ହେବ ।

୧୧. ସାମୁହିକ ମନ୍ତ୍ରରେ ଜୀବର କେବଳ ସଂସ୍କାର ହେବ । ଆଉ ଅଧିକ କିଛି ହୋଇ ନ ପାରେ ।

୧୨. ନିର୍ବନ୍ଧୀ, ନିସ୍ପୃହ ଓ ଇଷ୍ଟସିଦ୍ଧି : ଏହି ତିନିପ୍ରକାର ମୋକ୍ଷକାମୀ ପୁରୁଷମାନଙ୍କୁ ତତ୍ତ୍ୱଜ୍ଞାନୀ କୁହାଯାଏ ।

୧୩. ବାଲ୍ୟ ଓ କୈଶୋର ଅବସ୍ଥାରେ ବ୍ରହ୍ମଚର୍ଯ୍ୟ, ଯୌବନକାଳରେ ଗୃହସ୍ଥାଶ୍ରମ, ପ୍ରୌଢ଼ାବସ୍ଥାରେ ବାନପ୍ରସ୍ଥ ହୋଇ ଶେଷରେ ସନ୍ନ୍ୟାସ ଗ୍ରହଣ କରାଯାଏ । ପାହାଚ ପରେ ପାହାଚ ଉଠିବା ଭଳି । ସନ୍ନ୍ୟାସ ଅବଲମ୍ବନ କରି ତତ୍ତ୍ୱଜ୍ଞାନ ପାଇଁ ସାଧନା କରାଯାଏ ।

୧୪. ଗଛ ଚଢ଼ିବାକୁ ହେଲେ, ପ୍ରଥମରୁ ଶିଖ ଉପରକୁ ଉଠି ହୁଏ ନାହିଁ । ଗଛ ଚଢ଼ିବାର ଅଭ୍ୟାସ କରୁଁ କରୁଁ ସମୟକ୍ରମେ ଶିଖ ଉପରକୁ ଉଠିହୁଏ । ତେଣୁ, ସଂସାରୀମାନେ ସଂସାର କର୍ମ ଭିତରେ ନାନା ଚେଷ୍ଟା ଓ ଯତ୍ନ ସହକାରେ ତତ୍ତ୍ୱମାର୍ଗକୁ ଗତି କରି ପାରନ୍ତି ।

୧୫. ମାନବ ଜୀବନ କ୍ଷଣସ୍ଥାୟୀ । ତତ୍ତ୍ୱ ଓ ଭକ୍ତି ସାଧନାର ପଥ ବହୁତ ଲମ୍ବା । ସୀମିତ ଜୀବନ କାଳରେ ଅସୀମ ସାଧନାର ପଥ ଅତିକ୍ରମ କରିବା ସମ୍ଭବ ହୋଇ ନ ପାରେ । ପାହାଚ ପରେ ପାହାଚ, ଆଶ୍ରମ ପରେ ଆଶ୍ରମ ଅତିକ୍ରମ କରୁକରୁ ଗତିପଥରେ ମୃତ୍ୟୁ ଉପନୀତ ହେଲେ, ତତ୍ତ୍ୱ ବା ଭକ୍ତିଜ୍ଞାନ ଅଲଭ୍ୟ ହୋଇ ରହିଯାଏ । ତେଣୁ, ଯୌବନର ପ୍ରାରମ୍ଭରୁ ବା ତହିଁର ପୂର୍ବ ଅବସ୍ଥାରୁ ତତ୍ତ୍ୱ ଅନୁସନ୍ଧାନରେ ଲାଗି ପଡ଼ିବା ସର୍ବାପେକ୍ଷା ଶ୍ରେୟ ଅଟେ ।

୧୬. ଧର୍ମ ଆଚରଣ କଲେ, ମୁକ୍ତି ମିଳେ ନାହିଁ । କାରଣ, ଧର୍ମର ଫଳଭୋଗ ପରେ ବ୍ୟକ୍ତି ପୁଣି ପୂର୍ବ ଅବସ୍ଥାକୁ ଫେରିଆସେ ।

୧୭. ଅର୍ଥ ହିଁ ସକଳ ଅନର୍ଥର କାରଣ । ଧନ ସମ୍ପତ୍ତି ହିଁ ଦୁଃଖର କାରଣ । ଧନ ଉପାର୍ଜନରେ ମାନବ ଜୀବନର ଅମୂଲ୍ୟ ସମୟ ନଷ୍ଟ ହୁଏ । ଧନର ନିରାପତ୍ତା ରକ୍ଷା ପାଇଁ ଜୀବନଟା ଆତଙ୍କ ଭିତରେ ଗତି କରେ । ଧନ ମୃତ୍ୟୁ ମୁଖରୁ ରକ୍ଷା କରିପାରେ ନାହିଁ

୧୮. ନିରନ୍ତର ସେବ୍ୟମାନ କାମଜନିତ ତୃପ୍ତି କ୍ଷଣସ୍ଥାୟୀ । ଯେଉଁ ଦେହର ସନ୍ତୋଷ ପାଇଁ ମଣିଷ ନାନା ପ୍ରକାର ଭୋଗ ବିଳାସରେ ଲାଳାୟିତ ହୁଏ, ସେହି ଦେହ ଦାରୁଣ ଯନ୍ତ୍ରଣାର ଜାଲରେ ଛନ୍ଦି ହୋଇ ଶେଷରେ ମରଣର ଶରଣ ପଶିଥାଏ ।

୧୯. ମୋକ୍ଷ ହିଁ ଏକମାତ୍ର ଉତ୍ତମ ପୁରୁଷାର୍ଥ । କିନ୍ତୁ ମୋକ୍ଷ ପ୍ରାପ୍ତିର ଉପାୟ ଜାଣିଲେ ଯେ ମୋକ୍ଷ ମିଳିଯିବ, ତାହା ନୁହେଁ । ଉପାୟଟା ହେଉଛି କେବଳ ବାଟ । ବାଟ ଜାଣିଥିବା ଲୋକ ପୃଥିବୀରେ ଅନେକ ଅଛନ୍ତି, ମାତ୍ର ସେ ବାଟରେ ଯିବାଲୋକ କେତେ ଜଣ ଅଛନ୍ତି ? କହୁନ ??

୨୦. କର୍ମଯୋଗ ଦ୍ୱାରା ସମସ୍ତ ଭାଗ୍ୟଫଳକୁ ଏଡ଼ାଇ ଦେଇ ହୁଏ ।

୨୧. ଚେଲା କାହାକୁ କହିବା ? ଚେତନ ପାଇଲେ, ଚେଲା । ଜୀବ ଭିତରେ ଥିବା ଚେତନ ହେଉଛି ଜଡ଼ ଚେତନ ।।

୨୨. କର୍ମଫଳ ଭିତରେ ବିକଶିତ କର୍ମଫଳ ଏବଂ ପ୍ରକାଶିତ ରଖାଯାଇଛି । ଉଦାହରଣ ସ୍ୱରୂପ ଗଛଟିଏ ଲଗାଇବା ଓ ତା'ର ରକ୍ଷଣାବେକ୍ଷଣ କରି ଯତ୍ନନେବାର ଦାୟିତ୍ୱ ଜୀବ ହାତରେ, କିନ୍ତୁ ଫଳ ଜୀବ ହାତରେ ଅଛି କି ??

୨୩. ବର୍ତ୍ତମାନ କାଳରେ ଶରୀର ସବୁ କଳୁଷିତ ହୋଇଯାଇଛି । ଏସବୁ କଳୁଷିତ ଶରୀର ସଂପ୍ରଦାୟ ଭିତରକୁ ଆସିଯିବାରୁ ସଂପ୍ରଦାୟ ସବୁ ମଧ୍ୟ କଳୁଷିତ ହୋଇ ଯାଉଛି ।

୨୪. ବିଶ୍ୱାସ ଓ ଭକ୍ତି ହିଁ କର୍ମଯୋଗ । ଭାଗବତରେ ଅଛି ପରା !

'ଭକତି କର୍ମ ଜ୍ଞାନ ଘେନି ।
ଏମନ୍ତ ଯୋଗ ମାର୍ଗ ତିନି ।।'

୨୫. ଭଗବଦ୍ ଶକ୍ତି ଦ୍ୱାରା ଜୀବ ଶରୀର ବନ୍ଧା ରହିଛି । ଜୀବ ତାହା ଜାଣିପାରୁନାହିଁ । କାରଣ, ତା' ଭିତରେ 'ମୁଁ' କାର ସଦାଜାଗ୍ରତ ହୋଇ ରହିଛି ।

ଗୁରୁ ଚରଣ ସଦା ଗୁଣ ।
ଭାବକୁ ଡୋର କର ଟାଣ ।।

ନୀଳଚକ୍ର
ଚରମର ସଂକେତ

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ
# ଓ
# ବାରୁଣୀ ତୀର୍ଥ

## ଇନ୍ଦୁପୁର

୧୪୦୯ ସାଲ ବୈଶାଖ ଦି୩୦ନ ଗାନ୍ଧାରୀ ଏକାଦଶୀ ବୁଧବାର ଠାରୁ
ଜ୍ୟେଷ୍ଠ ଦି୩ନ ଚନ୍ଦନ ପୂର୍ଣ୍ଣିମା ରବିବାର ୨୦୦୨ ମଇ ୨୬ ତାରିଖ ପର୍ଯ୍ୟନ୍ତ ।

ଓଁ ପର୍ଯ୍ୟଙ୍କୀ କୃତନାଗନାୟକଫଣା ଶ୍ରେଣୀ ମଣିନାଂ ଗଣେ,
ସଂକ୍ରାନ୍ତ ପ୍ରତିବିମ୍ବ ସଙ୍କଳନୟା ବିଭ୍ରଦ୍ ବପୁର୍ବିକ୍ରୀୟାମ୍ ।
ପାଦାମ୍ଭୋ ରୁହ ଧାରି ବାରିଧି ସୁତାମକ୍ଷାଣାଂ ଦିଦୃକ୍ଷୁଃ ଶତୈଃ,
କାୟବ୍ୟୁହମିବାଚରନ୍ନୁ ପଚିତାକୂତୋ କେଶବଃ ପାତୁବଃ ॥

ଧ୍ୟେୟଂ ସଦା ପରିଭବଘ୍ନମଭିଷ୍ଟ ଦୋହଂ
ତୀର୍ଥାସ୍ପଦଂ ଶିବ ବିରଞ୍ଚିନୁତଂ ଶରଣ୍ୟଂ
ଭୃତ୍ୟାର୍ତିହଂ ପ୍ରଣତପାଳ ଭବାବ୍ଧିପୋତଂ
ବନ୍ଦେ ସୁକାନ୍ତି ସୁତ ତେ ଚରଣାରବିନ୍ଦଂ ।
ତ୍ୟକ୍ତ୍ୱାସୁଦୁସ୍ତ୍ୟଜ ସୁରେପ୍‌ସିତ ରାଜ୍ୟଲକ୍ଷ୍ମୀଂ
ଧର୍ମିଷ୍ଠ ଆର୍ଯ୍ୟ ବଚସା ଯଦଗାଦରଣ୍ୟଂ,
ମାୟାମୃଗଂ ଦୟିତ୍ୱୟେପ୍‌ସିତ ମନ୍ୱଧାବଦ୍
ବନ୍ଦେ ସୁକାନ୍ତି ସୁତ ତେ ଚରଣାରବିନ୍ଦଂ ।

ବାରୁଣୀତୀର୍ଥ କଇବଲ୍ୟ ପୀଠମ୍, ସ୍ୱୟଂପଲ୍ଲିତଂ ପରମପୁରୁଷମ,
ସ୍ମରାମି ପ୍ରଭୁ ! ତବକୃପାବିନ୍ଦୁ, ଜ୍ଞାନରୂପଂ ତ୍ୱାଂ ପ୍ରଣମାମ୍ୟହମ୍ ।
ହେ କେଶବ ! ହେ ଯଦୁନାଥ ସୁତ ! ତ୍ୱମସ୍ୟ ବିଶ୍ୱସ୍ୟ ପରଂନିଧାନଂ,
ହେ ବ୍ରହ୍ମରୂପ ! ହରଦୁଃଖରାଶୀନ୍, ତ୍ରାହି ଦୀନମାଂ ଶରଣଂ ବ୍ରଜାମି ॥

ଧନ୍ୟ ସେ ପରମପୁରୁଷ, ପରମାତ୍ମା, ପରମେଶ୍ୱରଙ୍କ ଅପୂର୍ବ ଲୀଳା । ତାଙ୍କ ନିଜର ଯେପରି ଆଦ୍ୟ ନାହିଁ, ଅନ୍ତ ନାହିଁ, ସେହିପରି ତାଙ୍କ ଇଚ୍ଛାକୃତ ଲୀଳାର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ନାହିଁ, ସୀମା ନାହିଁ, ସଂଜ୍ଞା ମଧ୍ୟ ନାହିଁ । ବ୍ରହ୍ମାଣ୍ଡ ସୃଷ୍ଟି ଆରମ୍ଭରୁ ଅହରହ ନିରବଚ୍ଛିନ୍ନ ଭାବରେ ଗାନକରି ମଧ୍ୟ ବେଦ, ବେଦାନ୍ତ, ଉପନିଷଦ, ପୁରାଣ ତାଙ୍କ ସ୍ୱରୂପ ଓ ଲୀଳାର ପ୍ରକୃତ ସଂଜ୍ଞା, ପରିସୀମା, କାରଣ ନିରୂପଣ କରି ପାରିନାହାନ୍ତି । ତେଣୁ ସେହି ଅଚିନ୍ତ୍ୟ, ଅବର୍ଣ୍ଣନୀୟ, କଳ୍ପନାତୀତ, ବ୍ରହ୍ମାଣ୍ଡନାଥଙ୍କ ରୂପ, ଗୁଣ, ଗାଥା କୀର୍ତ୍ତନ ଅପୂର୍ଣ୍ଣାଙ୍ଗ, ଅସରନ୍ତି ହୋଇ ରହିଅଛି ଏବଂ ଅକଳନ ହୋଇ ରହିଥିବ । ଲୀଳାମୟଙ୍କ ଅବୋଧ ଲୀଳାସମ୍ଭାର ମଧ୍ୟରେ ସବୁଠାରୁ କମନୀୟ, ମଧୁର, ପ୍ରେମମୟ, ଭକ୍ତିରସଯୁକ୍ତ ତଥା କାଳଜୟୀ ସ୍ୱଅଙ୍ଗ ସମ୍ଭୂତ ପ୍ରକୃତି ସ୍ୱରୂପ ଲୀଳା ଯିଏ ଥରେ ବିଶ୍ୱାସରେ ଶ୍ରବଣ କରେ, କରାଏ, ସିଏ ତତ୍‌କ୍ଷଣାତ୍ ନିଜର ସ୍ଥିତି ହରାଇ ଆତ୍ମବିସ୍ମୃତ ହୋଇଯାଏ । ସେହି ଲୀଳା ପର୍ଯ୍ୟାୟର ଏକ ମୁଖ୍ୟ ଅଂଶ- 'ତୀର୍ଥସ୍ଥାନ' । ନିଜଦ୍ୱାରା ସୃଷ୍ଟ ମାୟାର ପ୍ରଭାବରେ ମରଜଗତର ଜୀବ ଯେତେବେଳେ ପାପକର୍ମଫଳରେ ଜଡ଼ିତ ହୋଇ ବ୍ରହ୍ମସ୍ଥିତିରୁ ଦୂରେଇଯାଏ, ସେତେବେଳେ ସେହି ପଥରୁ ନିସ୍ତାର ପାଇ ଚୈତନ୍ୟ ପ୍ରାପ୍ତି ସହ ଜନ୍ମମୃତ୍ୟୁଯୁକ୍ତ କାଳଚକ୍ରରୁ ଉଦ୍ଧାର ହେବାପାଇଁ ପରମକାରୁଣିକ ଏକ ବିଚିତ୍ର ତଥା ସହଜ ଉପାୟ ସୃଷ୍ଟି କରିଦେଇଛନ୍ତି । ତନ୍ମଧ୍ୟରୁ କିଛି ଅଂଶ ଆଜିର ଆଲୋଚ୍ୟ ବିଷୟବସ୍ତୁ ଅଟେ ।

ଅବ୍ୟକ୍ତ ବ୍ରହ୍ମ ଅରୂପାନନ୍ଦ ସୃଷ୍ଟି ନିର୍ମାଣ ଓ ନିଜକୁ ସର୍ବବ୍ୟାପକ ଅବସ୍ଥାରେ ସେହି ସୃଷ୍ଟିରେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ନେଇ ସ୍ୱଇଚ୍ଛାରେ ପ୍ରଥମେ ଦ୍ୱିଭୁଜଯୁକ୍ତ ହୋଇ ଅପୂର୍ବକାନ୍ତି ଗ୍ରହଣ କରି ପୁରୁଷ ରୂପରେ ପ୍ରକାଶିତ ହେଲେ । ଏହି ଅନାଦି ପୁରୁଷଙ୍କ ନାମ 'କୃଷ୍ଣ' । ଏପରି ନାମକରଣର ତାତ୍ପର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଜ୍ଞାନୀମାନେ ପୁରାଣ ମାଧ୍ୟମରେ କହିଛନ୍ତି କୃଷ୍ଣ=କୃଷ୍+ଣ । 'କୃଷ' ଶବ୍ଦର ଅର୍ଥ=ବ୍ରହ୍ମଭକ୍ତି । 'ଣ' କାର=ତାହାଙ୍କ (ପରଂବ୍ରହ୍ମଙ୍କର) ଦାସୀ ବା ସେବିକା । ପୁନଶ୍ଚ 'କୃଷ୍ଣ' ଶବ୍ଦ ସର୍ବବାଚକ ସେହି ନିରାମୟ ପରଂବ୍ରହ୍ମ ହୋଇଥିବାରୁ ତାଙ୍କ ନାମ 'କୃଷ୍ଣ' ଅଟେ । ଏହି ନିରାମୟ ପରମପୁରୁଷ 'କୃଷ୍ଣ' ନାମ କେବଳ ଗୋଲୋକାଧିପତି ନିତ୍ୟକୃଷ୍ଣଙ୍କୁ ହିଁ ପରିଚିତ କରାଉଅଛି । ସେହି ଲୀଳାନାୟକଙ୍କ ଦ୍ୱାପରମର୍ତ୍ତ୍ୟାବତରିତ 'କୃଷ୍ଣ' ନାମ ପରବର୍ତ୍ତୀ ପର୍ଯ୍ୟାୟର ଅଂଶୀୟ ଯୁଗଲୀଳା ଚରିତ ଅଟେ । ଉକ୍ତ ଆଲୋଚିତ ଗୋଲୋକଧାମ କିପରି କେଉଁଠୁ ଉଦ୍ଭବ ହେଲା ?

ପରମପୁରୁଷ, ଅନାଦି, ରାସେଶ୍ୱର କୃଷ୍ଣ, ତାଙ୍କର ଇଚ୍ଛାମତେ ତାଙ୍କରି ଶରୀରରେ ଧାରଣ କରିଥିବା 'ଣ' କାର ଯୁକ୍ତ ସେବିକା ଶକ୍ତି ବା ଭାବକୁ ସ୍ଥୂଳରେ ରୂପାନ୍ତରିତ କରି ନିଜର ବାମଭାଗରୁ ଅତି କମନୀୟ ଅନିନ୍ଦ୍ୟସୁନ୍ଦରୀ ରୂପନେଇ ପ୍ରକୃତି ରୂପ ଧାରଣ କରି ପ୍ରକାଶିତ ହେଲେ । ଏହି ବାମାଙ୍ଗୀଙ୍କ ନାମ 'ପ୍ରକୃତି' ହେବାର କାରଣ ଜ୍ଞାନୀପୁତ୍ରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ନିଜସ୍ୱ ସାଧନ ଅନୁଭବରେ ବର୍ଣ୍ଣନା କରିଛନ୍ତି । ଯଥା: ପ୍ରକୃତି=ପ୍ର+କୃ+ତି । ପ୍ର=ପ୍ରକୃଷ୍ଟ=ସତ୍ତ୍ୱଗୁଣ । କୃ=ରଜୋଗୁଣ । ତି=ତମଗୁଣ । ପୁନରାୟ-ପ୍ର=ପ୍ରକୃଷ୍ଟ=ଉତ୍ତମ; କୃତି=ସୃଷ୍ଟି । ତେଣୁ ତ୍ରିଗୁଣଯୁକ୍ତ ଅତିସୁନ୍ଦର ସୃଷ୍ଟି ହୋଇଥିବାରୁ ତାଙ୍କର ନାମ ପ୍ରକୃତି । ପ୍ରକୃତିଙ୍କ ସୃଷ୍ଟିପରେ ପୁରୁଷ ଶ୍ରେଷ୍ଠ ନିଜର ଅପୂର୍ବ ଲୀଳା ସଂଯୋଜନାରେ ତାଙ୍କ ସହିତ ଅନେକ କାଳ ପର୍ଯ୍ୟନ୍ତ ଆଦିରସ ନିତ୍ୟ

ରାହାସରେ ମଗ୍ନ ହୋଇରହିଲେ । ଆଦି ଓ ଅନାଦିଙ୍କର ଉକ୍ତ ନିତ୍ୟରାହାସର ଅନ୍ତକାଳରେ ଶୁଭଲଗ୍ନ ଦେଖି ପୁରୁଷ ବା ଅନାଦି ପ୍ରକୃତି ବା ଆଦିଙ୍କଠାରେ ସୃଷ୍ଟିବୀଜ ନିବେଶିତ କଲେ । ସେହି ସନ୍ଧି ମୁହୂର୍ତ୍ତରେ ଉଭୟ ଅଂଗ ଖେଦଯୁକ୍ତ ହୋଇ ତହିଁରୁ ଅବାରିତ ଗତିରେ ଶ୍ରମଜଳ ବା ସ୍ୱେଦଧାରା ନିର୍ଗତ ହେବାକୁ ଲାଗିଲା ଏବଂ ଉଭୟଙ୍କ ଠାରୁ ଅତ୍ୟନ୍ତ କ୍ଷିପ୍ରଗତିରେ ନିଶ୍ୱାସ, ପ୍ରଶ୍ୱାସ ପ୍ରବାହିତ ହେଲା । ଶ୍ରୀଅଙ୍ଗରୁ ନିର୍ଗତ ଜଳରାଶି ବିରାଟରୂପ ଧାରଣ କରି ଶୂନ୍ୟମଣ୍ଡଳରେ ଏକ ନିର୍ଦ୍ଦିଷ୍ଟ ଅଂଶକୁ ଆଚ୍ଛାଦିତ କଲା । ଏହି ଜଳମଣ୍ଡଳର ନାମ 'ବିଶ୍ୱଗୋଲୋକ' ଅଟେ । ପୁନଶ୍ଚ ଶ୍ୱାସ, ପ୍ରଶ୍ୱାସ ହୋଇ ପ୍ରବାହିତ ହୋଇଥିବା ବେଗର ନାମ 'ବାୟୁ' ବା 'ପବନ' ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ଜଳମଣ୍ଡଳ ଗୋଲୋକର ଅଧିଷ୍ଠାତା ଭାବରେ ପୁରୁଷଙ୍କ (କୃଷ୍ଣଙ୍କ) ଦକ୍ଷିଣ ଭାଗରୁ ଏକ ସୁନ୍ଦର ତେଜୋମୟ ପୁରୁଷ ଉଦ୍ଭବ ହେଲେ । ତାଙ୍କର ନାମ ବରୁଣ । ପୁରୁଷଙ୍କ ବାମ ଅଂଗରୁ ପ୍ରକୃତିଙ୍କ ସୃଷ୍ଟି । ସେହି କ୍ରମରେ ବରୁଣଙ୍କ ବାମଅଙ୍ଗରୁ ପ୍ରକୃତିଙ୍କ ପ୍ରଧାନ ଅଂଶରେ ଏକ ଶକ୍ତିମୟୀ, ଅପରୂପାସୁନ୍ଦରୀ ଦେବୀ ଆବିର୍ଭୂତା ହେଲେ । ତାଙ୍କର ନାମ 'ବାରୁଣୀ' । ସୃଷ୍ଟିତତ୍ତ୍ୱର ଆଧାରରେ ପର୍ଯ୍ୟାୟକ୍ରମେ ମର୍ତ୍ତ୍ୟଭୂମି ଓ ଜୀବଜଗତ ସୃଷ୍ଟି ହେଲେ । ଗୋଲୋକରେ ଆଦି ଓ ଅନାଦିଙ୍କ ଅଂଶରୁ ସମ୍ଭୂତ ଜଳରାଶି ରୁଦ୍ରରୂପ ଧାରଣ କରି ସମୁଦ୍ର ନାମରେ ମର୍ତ୍ତ୍ୟମଣ୍ଡଳରେ ପ୍ରତିଷ୍ଠିତ ହେଲେ ଏବଂ ବରୁଣ, ବାରୁଣୀଙ୍କ ସୂକ୍ଷ୍ମସତ୍ତା ବହନ କରି ମହାବ୍ରହ୍ମଙ୍କ ଆଜ୍ଞା ପାଳନରେ ବ୍ରତୀ ହୋଇ ରହିଲେ । ସଂକ୍ଷେପରେ ଏହାହିଁ ବାରୁଣୀଙ୍କ ଜନ୍ମ ଓ ସ୍ଥିତି ରହସ୍ୟ ।

ଗୋଲୋକଧାମ ସୃଷ୍ଟିର ଦ୍ୱିତୀୟ ପର୍ଯ୍ୟାୟରେ ଗୋଲୋକାଧିପତି ସ୍ୱୟଂ ନିଜ ପୁରୁଷଭାଗକୁ ତିନିଭାଗ କରି ଚତୁର୍ଭୁଜଧାରୀ ବିଷ୍ଣୁ, ଦ୍ୱିଭୁଜଯୁକ୍ତ ମହାଦେବ ଓ ଚତୁର୍ଭୁଜ ବ୍ରହ୍ମା ରୂପକୁ ରୂପାନ୍ତରିତ କଲେ । ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ବୈକୁଣ୍ଠ, ମହାଦେବଙ୍କର କୈଳାସ ଓ ବ୍ରହ୍ମାଙ୍କ ପାଇଁ ବ୍ରହ୍ମମଣ୍ଡଳ ସୃଷ୍ଟି ହୋଇଗଲା । ଅପରପାର୍ଶ୍ୱରେ ପ୍ରକୃତି ପଞ୍ଚଭାଗରେ ବିଭକ୍ତ ହୋଇ ପଞ୍ଚ ମହାଦେବୀ ରୂପରେ ଆବିର୍ଭୂତା ହେଲେ । ଯଥା : ଦୁର୍ଗା (ପାର୍ବତୀ), ଲକ୍ଷ୍ମୀ, ସରସ୍ୱତୀ, ସାବିତ୍ରୀ ଓ ରାଧା । କୃଷ୍ଣ ଅନ୍ୟରୂପ ବିଷ୍ଣୁଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ମହାଦେବଙ୍କ ସହ ଦୁର୍ଗା (ପାର୍ବତୀ), ବ୍ରହ୍ମାଙ୍କ ସହ ସାବିତ୍ରୀ ଦେବୀ ପତ୍ନୀରୂପେ ଯୁକ୍ତ ହୋଇ ସ୍ୱ ସ୍ୱ ମଣ୍ଡଳରେ ପ୍ରତିଷ୍ଠିତ ହେଲେ । ପଞ୍ଚମ ଶକ୍ତି ରାଧା ଗୋଲୋକରେ ସୌଭାଗ୍ୟବତୀ ନାମରେ କୃଷ୍ଣଙ୍କ ହୃଦୟେଶ୍ୱରୀ ହୋଇ ବିରାଜିତ ହେଲେ ।

ତୃତୀୟ ପର୍ଯ୍ୟାୟରେ ମର୍ତ୍ତ୍ୟଭୂମି ନିର୍ମାଣ ହେଲା ଓ ଆବଶ୍ୟକତା ଅନୁଯାୟୀ ପୁରୁଷଙ୍କ ଅଂଗରୁ ଦେବତା ଓ ପ୍ରକୃତିଙ୍କ ଅଂଶରୁ ଦେବୀମାନେ ସୃଷ୍ଟି ହେଲେ । ସେହି କ୍ରମାନୁସରିତ ଦେବତା ଓ ଦେବୀଙ୍କ ସମ୍ପର୍କରେ ପୂର୍ଣ୍ଣ ଚିତ୍ର ଉକ୍ତ କ୍ଷୁଦ୍ର ପତ୍ରିକାରେ ପ୍ରଦାନ କରିବା ସମ୍ଭବ ନୁହେଁ । ଏହିପତ୍ରିକା କେବଳ ପ୍ରକୃତି ସମ୍ବନ୍ଧିତ ହୋଇଥିବାରୁ ସଂକ୍ଷେପରେ କେବଳ ପ୍ରକୃତି ବିଭାଗ ଉପରେ ଆଲୋକପାତ କରାଯାଉଅଛି । ପ୍ରକୃତିଙ୍କର ପ୍ରଧାନ ଅଂଶ ସମ୍ଭୂତା ଦେବୀମାନଙ୍କ ମଧ୍ୟରେ ମନ୍ଦାକିନୀ (ଗଙ୍ଗା), ମନସା, ଷଷ୍ଠୀ, ମଙ୍ଗଳଚଣ୍ଡୀ, କମଳଲୋଚନ କାଳୀ ଓ ପୃଥିବୀ ଆବିର୍ଭୂତା ହେଲେ । ଏମାନେ ସୃଷ୍ଟିର ଲାଳନ ପାଳନ ପାଇଁ ଭିନ୍ନ ଭିନ୍ନ ଶକ୍ତିଯୁକ୍ତା ହେଲେ ମଧ୍ୟ ସମସ୍ତେ କୃଷ୍ଣ (ବିଷ୍ଣୁ) ସେବିକା, ଅନୁଗତା ହୋଇ ରହିଲେ । ଏମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଦେବୀ ମନ୍ଦାକିନୀଙ୍କର ସୃଷ୍ଟି ରହସ୍ୟ ଅତି କମନୀୟ ଓ ମଧୁର ଅଟେ ।

କାର୍ତ୍ତିକ ପୂର୍ଣ୍ଣିମାର ରାହାସ ଉତ୍ସବ । ସମସ୍ତ ଦେବାଦେବୀ ନିତ୍ୟ ରାଧାକୃଷ୍ଣଙ୍କର ରାସ ଦର୍ଶନ ଓ ଉପଭୋଗ କରିବା ପାଇଁ ଗୋଲୋକଧାମକୁ ଗଲେ । ସେଠାରେ ସମସ୍ତେ ଏକମୁଖ ହୋଇ କୃଷ୍ଣ ଚରିତ ଗାନକରି ସ୍ତୁତି, ପ୍ରାର୍ଥନା କରିବାକୁ ଲାଗିଲେ । ପର୍ଯ୍ୟାୟକ୍ରମେ ଅତ୍ୟନ୍ତ ଭାବାବେଶ ହୋଇ କୃଷ୍ଣ ପ୍ରେମରେ ବିମୋହିତ ହେବାଦ୍ୱାରା ସମସ୍ତେ ମୂର୍ଚ୍ଛିତ ହୋଇଗଲେ । ଚେତନା ପ୍ରାପ୍ତି ପରେ ଦେଖିଲେ ରାସମଣ୍ଡଳରେ ରାଧା-କୃଷ୍ଣ ନାହାଁନ୍ତି । ସମସ୍ତସ୍ଥଳ ଜଳରେ

ଆବୃତ ହୋଇଛି । ତାହା ଦେଖି ସମସ୍ତେ ବିହ୍ୱଳିତ ହୋଇ କୃଷ୍ଣ ବିରହରେ କ୍ରନ୍ଦନ କଲେ । ବେଦପତି ବ୍ରହ୍ମା ଧ୍ୟାନସୂତ୍ରରେ ଲକ୍ଷ୍ୟ କରି ଜାଣିଲେ ରାଧାକୃଷ୍ଣ ଦ୍ରବୀଭୂତ ହୋଇ ଜଳର ଆକାର ଧାରଣ କରିଛନ୍ତି । ତେଣୁ ସର୍ବ ଦେବାଦେବୀଙ୍କୁ ଏକଚିତ୍ତ, ଏକମନରେ ରାଧାକୃଷ୍ଣଙ୍କୁ ସ୍ତୁତି କରିବାପାଇଁ ଉପଦେଶ ଦେଲେ । ଏହିପରି ସ୍ତୁତି କରୁଥିବା ସମୟରେ ଶୂନ୍ୟବାଣୀ ହେଲା, ''ହେ ଦେବଗଣ ! ମୁଁ ସର୍ବମୟ ଅଟେ । ଶକ୍ତି ମୋର ଅର୍ଦ୍ଧରୂପ ଦେହ । ଆମ୍ଭ ଦୁହିଁଙ୍କର ଭେଦ କିଛି ନାହିଁ । ବର୍ତ୍ତମାନ ଆମେ ଦୁହେଁ ପୁନଶ୍ଚ ଏକାକାର ହୋଇ ଜଳର ଆକାର ଧାରଣ କରିଛୁ । ଯଦି ମୋତେ ଦର୍ଶନ କରିବାକୁ ଇଚ୍ଛା କରୁଛ, ତେବେ ଆଜ୍ଞା ପାଳନ କରି ଶିବ 'ସୁନ୍ଦର ଦେବାଙ୍ଗ ଶାସ୍ତ୍ର' ସଂକଳନ କରନ୍ତୁ । ସେଥିରେ ମୋତେ ସଂଯୁକ୍ତ କରି ସର୍ବମନ୍ତ୍ର, ସ୍ତୋତ୍ର, କବଚ, ଧ୍ୟାନ, ପୂଜାବିଧି ନିବେଶିତ କରନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁମାନେ ଏହି ଶାସ୍ତ୍ର ଅନ୍ତର୍ଗତ ବିଧାନରେ ଆରାଧନା କରିବେ, କେବଳ ସେହିମାନେ ମୋତେ ପ୍ରାପ୍ତ ହେବେ ।'' ସେହି ଶୂନ୍ୟବାଣୀରେ ସ୍ତମ୍ଭୀଭୂତ ହୋଇ ଦେବମଣ୍ଡଳୀ ପୁନଃ ପୁନଃ ପ୍ରାର୍ଥନା କଲେ । ଆଜ୍ଞା ଅନୁସାରେ ଶିବ ସେହିଠାରେ ରାଧାକୃଷ୍ଣଙ୍କ ଦ୍ରବ୍ୟଜଳ ହସ୍ତରେ ଧାରଣ କରି 'ସୁନ୍ଦର ଦେବାଙ୍ଗ ଶାସ୍ତ୍ର' ସଂକଳନର ପ୍ରତିଜ୍ଞା କଲେ । ପ୍ରତିଜ୍ଞାରେ ସନ୍ତୁଷ୍ଟ ହୋଇ ପରମେଶ ପୁନଶ୍ଚ 'ରାଧାକୃଷ୍ଣ' ଯୁଗଳଅଙ୍ଗ ହୋଇ ଦେବାଦେବୀଙ୍କୁ ଦର୍ଶନ ଦେଲେ । ଯୁଗଳଅଙ୍ଗ ଦ୍ରବୀଭୂତ ହୋଇଥିବା ଦ୍ରବ୍ୟଜଳରୁ ଏକଦେବୀ ସୃଷ୍ଟି ହୋଇ 'ମନ୍ଦାକିନୀ' (ଗଙ୍ଗା) ନାମ ଧାରଣ କଲେ ଏବଂ ସେହିଜଳକୁ ଲୀଳାମୟକୃଷ୍ଣ ସ୍ଥାନେ ସ୍ଥାନେ ଗୁପ୍ତରେ ଗୁପ୍ତ ସଲିଳା ଭାବରେ ରଖାଇ ପୁଣ୍ୟତୀର୍ଥ ନାମରେ ପ୍ରତିଷ୍ଠା କରାଇଲେ । ଏହାହିଁ ମନ୍ଦାକିନୀ ବା ଗଂଗାଙ୍କ ଜନ୍ମ ରହସ୍ୟ । ଏ ସମସ୍ତ ବିଷୟବସ୍ତୁ ସୃଷ୍ଟି (ମର୍ତ୍ତ୍ୟଭୂମି) ନିର୍ମାଣର ପୂର୍ବ ଅବସ୍ଥା । ତେବେ ମନ୍ଦାକିନୀ (ଗଙ୍ଗା), ସରସ୍ୱତୀ ଆଦି ଦେବୀମାନେ ଯେଉଁ ପରିସ୍ଥିତିରେ ମର୍ତ୍ତ୍ୟରେ ନଦୀରୂପ ଧାରଣ କଲେ ତାହା ଏକ ନିତ୍ୟ ନୂତନ, ଅମୃତମୟ ଅମରକାହାଣୀ ।

ବୈକୁଣ୍ଠର ଏକ ଅନିର୍ବଚନୀୟ, ଅବିସ୍ମରଣୀୟ ମଧୁର ମୁହୂର୍ତ୍ତ । ବୈକୁଣ୍ଠାଧିପତି ବିଷ୍ଣୁ ତିନିଦେବୀ ଗଙ୍ଗା, ସରସ୍ୱତୀ ଓ ଲକ୍ଷ୍ମୀଙ୍କ ସହ ଆନନ୍ଦ ଲଗ୍ନରେ ଉପସ୍ଥିତ ଅଛନ୍ତି । ଏହି ସମୟରେ ସତ୍ତ୍ୱଗୁଣ ସଂପନ୍ନା ଗଙ୍ଗା ପ୍ରୀତିରସ ମୂର୍ଚ୍ଛନାରେ ବିମୋହିତ ହୋଇ ପ୍ରଭୁଙ୍କୁ ଆବେଗଭରା ଚାହାଣୀରେ ବାରମ୍ବାର ଇସାରା ଦେଲେ । ମାତା ଲକ୍ଷ୍ମୀ ଏହା ନିରୀକ୍ଷଣ କରି ମଧ୍ୟ ସ୍ୱଭାବ କମନୀୟତାରେ ନୀରବ ରହିଲେ । ମାତ୍ର ସରସ୍ୱତୀ ସପତ୍ନୀର ଭାବରେ ଏହି ଦୃଶ୍ୟକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଅତି କଟୁ, କର୍କଶ ଭାଷାରେ ପ୍ରଭୁଙ୍କୁ ଓ ଗଙ୍ଗାଙ୍କୁ ଭର୍ତ୍ସନା କଲେ । ଏହି ପରିସ୍ଥିତିକୁ ହୃଦୟଙ୍ଗମ କରି ଲୀଳାନାୟକ ବିଷ୍ଣୁ ସେ ସ୍ଥାନ ପରିତ୍ୟାଗ କରି ସଭାଗୃହକୁ ଚାଲିଗଲେ । ତା' ପରେ ବାସ୍ତବେ ବ୍ରହ୍ମଲୀଳା ଆରମ୍ଭ ହୋଇଗଲା । ସରସ୍ୱତୀଙ୍କ କୋପ ସୀମା ଲଙ୍ଘନ କଲା । ତାଙ୍କର ଏତାଦୃଶ କ୍ରୋଧିତ ଅବସ୍ଥାକୁ ଦେଖି ସର୍ବଂସହା ମାତା ଲକ୍ଷ୍ମୀ ତାଙ୍କୁ ବୁଝାଇ କ୍ରୋଧରୁ ନିବୃତ୍ତ ହେବା ପାଇଁ ଚେଷ୍ଟା କଲେ । କିନ୍ତୁ ଶାନ୍ତ ହେବା ପରିବର୍ତ୍ତେ ସରସ୍ୱତୀ ଜ୍ଞାନଶୂନ୍ୟା ହୋଇ ଗଙ୍ଗାଙ୍କୁ ସମର୍ଥନ କରିବା ଦୋଷକୁ ଚିତ୍ରଣ କରି ଲକ୍ଷ୍ମୀଙ୍କୁ ଅଭିଶାପ ଦେଲେ, 'ତୁ ମର୍ତ୍ତ୍ୟକୁ ବୃକ୍ଷରୂପ ଓ ନଦୀରୂପ ହୋଇ ଗମନ କର' । ଏଥିରେ କିନ୍ତୁ ଲକ୍ଷ୍ମୀ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ପ୍ରତି ଅଭିଶାପ ମଧ୍ୟ ଦେଲେ ନାହିଁ । ବରଂ ପୁନଃ ପୁନଃ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ମାତ୍ର ସରସ୍ୱତୀ ହଠାତ୍ କ୍ରୋଧର ସମସ୍ତ ସୀମା ଅତିକ୍ରମ କରି ଗଙ୍ଗାଙ୍କୁ ଆକ୍ରମଣ କରିବାପାଇଁ ଉଦ୍ୟତ ହେଲେ । ଏ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ସମସ୍ତ ସହ୍ୟ କରି ଯାଉଥିବା ଶାନ୍ତମୂର୍ତ୍ତି ଗଙ୍ଗା ତାଙ୍କର ସଂଯମ ହରାଇ ସରସ୍ୱତୀଙ୍କୁ ନଦୀରୂପେ ମର୍ତ୍ତ୍ୟକୁ ଯାଇ ସମସ୍ତ ପାପୀଙ୍କ ପାପ ଧାରଣ କରିବା ପାଇଁ ଅଭିଶାପ ଦେଇଦେଲେ । ସରସ୍ୱତୀ ମଧ୍ୟ ଗଙ୍ଗାଙ୍କୁ ନଦୀ ହେବାପାଇଁ ପ୍ରତିଅଭିଶାପ ଦେଇଦେଲେ । ଏହିପରି ମହାବ୍ରହ୍ମଙ୍କ ଗୁପ୍ତଲୀଳାର ପ୍ରଭାବରେ ତିନିଦେବୀ ପରସ୍ପର ଦ୍ୱାରା ଅଭିଶପ୍ତ ହୋଇ ମର୍ତ୍ତ୍ୟକୁ ନଦୀରୂପରେ ଗମନ କରିବାର

କ୍ଷେତ୍ର ପ୍ରସ୍ତୁତ ହୋଇଗଲା । ଏହିଠାରେ ବ୍ରହ୍ମଙ୍କ ଅଭିନବ ଲୀଳାକୁ ଗମ୍ଭୀର ଭାବରେ ଲକ୍ଷ୍ୟ କରାଯାଉ । ତିନିଦେବୀ ନଦୀରୂପ ଧାରଣ କରି ମର୍ତ୍ତ୍ୟାଗମନ କରିବାର ଗୁପ୍ତ ରହସ୍ୟ କ'ଣ ହୋଇପାରେ ? ପୂର୍ବରୁ ଆଲୋଚନା କରାଯାଇଅଛି ଗୋଲୋକାଧିପତି କୃଷ୍ଣ ମାତା ରାଧାଙ୍କ ସହ ଯୁଗଳଅଙ୍ଗକୁ ଦ୍ରବୀଭୂତ କରାଇ ଦ୍ରବ୍ୟରୂପ ଜଳର ଆକାର ଧାରଣ କରିଥିଲେ । ତେଣୁ ଜଳ ହିଁ ପୂର୍ଣ୍ଣବ୍ରହ୍ମଙ୍କର ଏକ ଅନନ୍ୟ ଦ୍ରବ୍ୟରୂପ । ସୁତରାଂ ମର୍ତ୍ତ୍ୟଭୂମିରେ ବିଚରଣ କରୁଥିବା ଜୀବଜଗତ ଏହି ପୂର୍ଣ୍ଣବ୍ରହ୍ମ ସ୍ୱରୂପା ଜଳ ସ୍ପର୍ଶ କରି ସ୍ନାନ ପାନ କରି ମହାପୁଣ୍ୟ ଅର୍ଜନ କରିବା ସଙ୍ଗେ ସଙ୍ଗେ ସଂସାର କର୍ମଜନିତ ସମସ୍ତ କଳୁଷରୁ ଅନାୟାସରେ ମୁକ୍ତ ହୋଇପାରିବେ । ସେଥିପାଇଁ ନିଜ ମାୟାରେ ତିନିଦେବୀଙ୍କୁ ବିମୋହିତ କରି ଏକ ନାଟକର ସୂତ୍ରପାତ କଲେ ଏବଂ ମର୍ତ୍ତ୍ୟ ଜୀବଜଗତ ପାଇଁ ଆଶିଷର ଧାରା ପ୍ରବାହିତ କରାଇଦେଲେ । ନାଟକ ସମାପ୍ତି ପରେ କିଛି ନ ଜାଣିଲା ପରି ପାରିଷଦବର୍ଗଙ୍କ ସହ ବିଷ୍ଣୁ ତିନିଦେବୀଙ୍କ ନିକଟକୁ ଫେରି ଆସିଲେ । ସ୍ୱଭାବ ଜନିତ ସୁଲଭରେ ସରସ୍ୱତୀଙ୍କୁ ଆଲିଙ୍ଗନ କରି ଶାନ୍ତ କରାଇ ଦେଲେ ଏବଂ ପରସ୍ପରର ଅଭିଶାପ ଓ ପ୍ରତିଅଭିଶାପକୁ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦେଇଦେଲେ । ଗଙ୍ଗାଙ୍କୁ ଶିବଙ୍କ ସହ ଓ ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ସହିତ ଯୁକ୍ତ ହେବାକୁ ଆଦେଶ ପ୍ରଦାନ କଲେ । ସମସ୍ତ ଘଟଣ, ଅଘଟଣରୁ ନିଜକୁ ସଂପୂର୍ଣ୍ଣ ରୂପେ ଅନାସକ୍ତ ରଖି ପୂର୍ଣ୍ଣ ସଂଯମ ରକ୍ଷା କରିଥିବାରୁ ଲକ୍ଷ୍ମୀଙ୍କୁ ନିଜ ପାଖରେ ରହିବାର ଆଜ୍ଞା ମିଳିଲା । ପ୍ରଭୁଙ୍କର ଉକ୍ତ କଠୋର ନିର୍ଦ୍ଦେଶ ଶୁଣିବା ପରେ ତିନିଦେବୀ ନିଜ ନିଜର ଦୋଷ ସ୍ୱୀକାର କରି ପରସ୍ପରକୁ ଆଲିଙ୍ଗନ କଲେ ଓ କ୍ରନ୍ଦନ କରି ଶାପମୁକ୍ତ ହୋଇ ପୁନଶ୍ଚ ସ୍ୱାମୀଙ୍କ ସହ ଯୁକ୍ତ ହେବାକୁ ପ୍ରାର୍ଥନା କଲେ । ମାତ୍ର ଇଚ୍ଛାମୟ ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ଶେଷରେ ତାଙ୍କର ଅତିପ୍ରିୟା ଲକ୍ଷ୍ମୀ ଅତି ଆକୁଳ ହୋଇ ସ୍ତୁତି, ପ୍ରାର୍ଥନା କଲେ । ତାଙ୍କରି ସ୍ତୁତିରେ ସନ୍ତୁଷ୍ଟ ହୋଇ ଜଗତପତି କହିଲେ- ''ଅଭିଶାପ ଖଣ୍ଡନ ହୋଇପାରିବ ନାହିଁ । ତେଣୁ ପ୍ରତ୍ୟେକ ଅଂଶୀୟ କଳାରେ ତିନିଭାଗ ହୁଅନ୍ତୁ । ଲକ୍ଷ୍ମୀ ଏକ ଅଂଶରେ ମୋ ସହିତ ସଦା ବିରାଜିତ ହେବେ । ଆଉ ଏକ ଅଂଶରେ ନଦୀରୂପ ହୋଇ ପଦ୍ମାବତୀ ନାମରେ ମର୍ତ୍ତ୍ୟରେ ପ୍ରବାହିତ ହେବେ । ତୃତୀୟ ଅଂଶରେ ମର୍ତ୍ତ୍ୟରେ ଧର୍ମଧ୍ୱଜ ଦୁହିତା ହୋଇ ତୁଳସୀ ନାମରେ ବୃକ୍ଷ ରୂପ ଧାରଣ କରିବେ । ଶାପ ଭୋଗର ଅନ୍ତିମ ସମୟରେ ମୋରି ଅଂଶରୁ ଜନ୍ମଲାଭ କରିଥିବା ଶଙ୍ଖଚୂଡ ନିଶାଚରକୁ ବିବାହକରି ତା'ର ପତ୍ନୀରୂପରେ ସମୟ କଟାଇବେ । ତାହାର କିଛି କାଳପରେ ଶଙ୍ଖଚୂଡ଼ ଅଂଶୀୟ କଳାକୁ ଧରି ମୋରି ଅଙ୍ଗରେ ଲୀନ ହେବ । ସେତିକିବେଳେ ପୁନର୍ବାର ପୂର୍ଣ୍ଣକଳା ନେଇ ଲକ୍ଷ୍ମୀ ବୈକୁଣ୍ଠକୁ ଫେରି ଆସିବେ । ସରସ୍ୱତୀ ଅର୍ଦ୍ଧଅଂଶ ନେଇ ବ୍ରହ୍ମାଙ୍କ ନିକଟରେ ରହିବେ । ଅବଶିଷ୍ଟ ଅର୍ଦ୍ଧାଂଶ ଦୁଇଭାଗ ହୋଇ ଏକ ଅଂଶ ମୋ ନିକଟରେ ଓ ଅନ୍ୟ ଅଂଶରେ ପୁଣ୍ୟତୋୟା ନଦୀରୂପ ଧାରଣ କରି ମର୍ତ୍ତ୍ୟରେ ପ୍ରବାହିତ ହେବେ । ତାଙ୍କର ଜଳାଧାର ସର୍ବପାପନାଶକ ଓ ସର୍ବଜ୍ଞାନ ସିଦ୍ଧି ପ୍ରଦାୟକ ହେବ । ଗଙ୍ଗା ମଧ୍ୟ ତିନିଅଂଶ ଧାରଣ କରି ଅର୍ଦ୍ଧାଂଶ ଶିବଙ୍କ ନିକଟରେ, ଅବଶିଷ୍ଟ ଅର୍ଦ୍ଧାଂଶରୁ ଏକଅଂଶ ବୈକୁଣ୍ଠରେ ଓ ଦ୍ୱିତୀୟ ଅଂଶ ନଦୀରୂପରେ ମର୍ତ୍ତ୍ୟରେ ବହିଯିବେ । କଳିଯୁଗ ପାଞ୍ଚ ସହସ୍ର ବର୍ଷ ଭୋଗ ହେବାପରେ ସେମାନେ (ଗଙ୍ଗା ଓ ସରସ୍ୱତୀ) ପୂର୍ଣ୍ଣକଳା ପ୍ରାପ୍ତ ହୋଇ ବୈକୁଣ୍ଠକୁ ଫେରିଆସିବେ ।''

ସ୍ୱାମୀଙ୍କ ଶ୍ରୀମୁଖରୁ ନିଜ ଶାପମୁକ୍ତର ବଚନ ପାଇ ତିନିଦେବୀ ଆନନ୍ଦିତା ହେଲେ ଏବଂ ପୁନଃ ପ୍ରାର୍ଥନା କଲେ । 'ସ୍ୱାମୀ ! ଯେଉଁ ଅଂଶୀୟ କଳା ନେଇ ପୁଣ୍ୟଭୂମି ମର୍ତ୍ତ୍ୟକୁ ଯିବୁ ସେଠାରେ ଆପଣଙ୍କ ବିହୁନେ କିପରି ରହିବୁ । ଆମର ଜଳାଧାରରେ ସମସ୍ତ ପାପୀଙ୍କ ପାପଭାର ଯୁକ୍ତ ହୋଇଯିବାପରେ ସେହି ଭାରକୁ ସମ୍ଭାଳିବାକୁ କିପରି ସକ୍ଷମ ହେବୁ ?' ପ୍ରୀତ ହୋଇ ସ୍ୱାମୀ ପରମେଶ କହିଲେ, 'ଆମରି ସ୍ୱେଦରୁ ଉଦ୍‌ଭବ ଜଳରାଶିରୁ ଆମର ଅଂଶ ସମ୍ଭୂତ ରୁଦ୍ରରୂପୀ ଲବଣ ସମୁଦ୍ର ମର୍ତ୍ତ୍ୟରେ ଉପସ୍ଥିତ ହୋଇ ସୃଷ୍ଟିର ତିନିଭାଗ ଆଚ୍ଛାଦନ କରି ରହିଛନ୍ତି । ତୁମ

ସହିତ ଯେତେ ଗୁପ୍ତସଲୀଳା ତୀର୍ଥ ନଦୀ ପ୍ରବାହିତ । ହେବେ ସେମାନେ ସମସ୍ତେ ସେହି ସମୁଦ୍ରରେ ଲୀନ ହୋଇ ସ୍ୱାମୀସୁଖ ପ୍ରାପ୍ତି ହେବେ ଏବଂ ଜୀବଜଗତର ସକଳ ପାପରାଶୀ ସେହି ଅନନ୍ତଗର୍ଭରେ ଲୀନ ହୋଇ ତୁମେ ସର୍ବଦା ପୂଣ୍ୟତୋୟା ଚିରପବିତ୍ରା ହୋଇ ରହିବ ।'

ଗଙ୍ଗାଙ୍କ ଅଭିଶାପ ଓ ବିଷ୍ଣୁଙ୍କ କରୁଣାରେ ସରସ୍ୱତୀ ଅଂଶୀୟ କଳା ନେଇ ପୂଣ୍ୟଭୂମି ଭାରତକୁ ପ୍ରବାହିତ ହେବାପାଇଁ ଅବତରଣ କଲେ । ଅନ୍ୟ କଳାରେ ସ୍ୱାମୀଙ୍କ ସହ ବୈକୁଣ୍ଠରେ ରହିଲେ । ବ୍ରହ୍ମଙ୍କ ଅଙ୍ଗରୁ ଜାତ ଏବଂ ବ୍ରହ୍ମଙ୍କ ଦ୍ରବ୍ୟରୂପ ଜଳାଧାରର ଶରୀର ଗ୍ରହଣ କରିଥିବାରୁ ଭାରତରେ ଦେବୀ 'ବ୍ରାହ୍ମଣୀ ନଦୀ' ନାମରେ ପରିଚିତ ହେଲେ । ବ୍ରାହ୍ମଣ ପ୍ରୀତିକାରିଣୀ ହୋଇ ବାକ୍ୟଦେବୀ, ବାଣୀ ଇତ୍ୟାଦି ନାମ ଗ୍ରହଣ କଲେ । ପୃଥିବୀ ବକ୍ଷରେ ଯେତେ ସରୋବର ଅଛି ତାଙ୍କରି ଗୁପ୍ତ ସ୍ରୋତ ସବୁ ସରୋବରରେ ପ୍ରବାହିତ ହେଲା । ତେଣୁ ସେହି ଜଳାଧାର 'ସରସ୍ୱତୀ ନଦୀ' ନାମରେ ପ୍ରଚାରିତ ହେଲା । ପାପୀଜନଙ୍କର ପାପ ଧ୍ୱଂସ କରିବାପାଇଁ ଅନଳ ସଦୃଶା ଦେବୀ ପବିତ୍ର ସ୍ରୋତସ୍ୱିନୀ ହୋଇ ପ୍ରବାହିତ ହେଲେ ।

ସେହିପରି ବାଣୀ (ସରସ୍ୱତୀ)ଙ୍କ ଅଭିଶାପରେ ଲକ୍ଷ୍ମୀ ପର୍ଯ୍ୟାୟକ୍ରମେ ଅଂଶୀୟ କଳା ନେଇ ଏକ ଅଂଶରେ ଭାରତରେ ପଦ୍ମାବତୀ ନଦୀ, ଆଉ ଏକ ଅଂଶରେ ଧର୍ମଧ୍ୱଜଙ୍କ ପତ୍ନୀଙ୍କ ଅଂଗରେ ବିରାଜିତ ହେଲେ । ଯେଉଁ ଅଂଶରେ ଧର୍ମଧ୍ୱଜ ପତ୍ନୀଙ୍କ ଠାରୁ ଜନ୍ମନେଲେ ତାହାଙ୍କ ନାମ ତୁଳସୀ ହେଲା । ସମୟାନୁକ୍ରମେ ନିଶାଚର ଶଙ୍ଖଚୂଡ଼ଙ୍କ ପତ୍ନୀଭାବରେ କିଛିକାଳ ଭୋଗ କରିବା ପରେ ଶଙ୍ଖଚୂଡ଼ଙ୍କ ବିଷ୍ଣୁକଳା ଲୀନ ହେବା ସଙ୍ଗେ ସଙ୍ଗେ ଦେବୀ ବୈକୁଣ୍ଠ ଗମନ କରି ପୁନଶ୍ଚ ସ୍ୱାମୀଙ୍କ ସହ ଯୁକ୍ତ ହୋଇ ରହିଲେ । ପଦ୍ମାବତୀ ନଦୀରେ ଦେବୀଙ୍କ ଛାୟା ଓ ବ୍ରହ୍ମଆଜ୍ଞା କେବଳ ମର୍ତ୍ତ୍ୟଧାମରେ ରହିଗଲା ।

ବାଣୀଙ୍କ ଅଭିଶାପ ପୂର୍ଣ୍ଣାଙ୍ଗ ପାଇଁ ଦେବୀଗଙ୍ଗାଙ୍କ ମର୍ତ୍ତ୍ୟାଗମନ ନିମନ୍ତେ ଦୁଇଟି ଲୀଳା ନାଟକ ରଚିତ ହେଲା । ପ୍ରଥମର ସୂତ୍ରରେ:- ପୂଣ୍ୟଭୂମି ଭାରତରେ ସଗର ନାମ ଏକ ମହାପରାକ୍ରମୀ ରାଜନ ଥିଲେ । ବହୁ ତପସ୍ୟା ପରେ ଶିବଙ୍କ କୃପାରୁ ତାଙ୍କର ଷାଠିଏ ହଜାର ପୁତ୍ର ଜନ୍ମ ହେଲେ । ଯୌବନ ପ୍ରାପ୍ତପରେ ସେମାନେ ପିତାଙ୍କ ଯଜ୍ଞ ଉଦେଶ୍ୟରେ ପ୍ରେରିତ ଯଜ୍ଞ ଅଶ୍ୱକୁ ଅନ୍ୱେଷଣ କରିବାକୁ ଯାଇ ପାତାଳରେ କପିଳମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରେ ଯଜ୍ଞଅଶ୍ୱକୁ ଦେଖି ତାହାକୁ ମୁନି ରଖିଛନ୍ତି ବୋଲି ଭ୍ରମରେ ବିଶ୍ୱାସ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ରାଜକୁମାରଙ୍କ ଅଶାଳୀନ, ଦୃଷ୍ଟ ଆଚରଣରେ ରୁଷ୍ଟ ହୋଇ ମୁନି କ୍ରୋଧାଗ୍ନିରେ ସେମାନଙ୍କୁ ତୃଣ ପରି ଭସ୍ମ କରିଦେଲେ । ସେହିଦିନୁ ତାଙ୍କ ବଂଶରେ ଯେତେ ପୂଣ୍ୟାତ୍ମା ଜନ୍ମ ଗ୍ରହଣ କରି ସିଂହାସନରେ ଅଭିଷିକ୍ତ ହେଲେ, ସେମାନେ ସମସ୍ତେ ଲକ୍ଷାଧିକ ବର୍ଷ ତପସ୍ୟା କରି ମନ୍ଦାକିନୀଙ୍କୁ ଅବତରଣ କରାଇବାରେ ଅକ୍ଷମ ହେଲେ । ଶେଷରେ ଭଗୀରଥ ନାମରେ ବିଷ୍ଣୁଭକ୍ତ ସେହି କୁଳରେ ଜନ୍ମ ଗ୍ରହଣ କରି ପିତୃପୁରୁଷଙ୍କ ଉଦ୍ଧାର ସଂକଳ୍ପ ନେଇ ହିମାଳୟରେ କଠୋର ତପ ଆଚରଣ କଲେ । ଲକ୍ଷେ ବର୍ଷ ତପସ୍ୟା କରିବା ପରେ ବିଷ୍ଣୁଙ୍କୁ ଗୋଲୋକାଧିପତି କୃଷ୍ଣ ରୂପରେ ଦର୍ଶନ ଲାଭ କରି ଗଙ୍ଗା ଅବତରଣର ବରପ୍ରାପ୍ତ ହେଲେ ।

ସେହି ସମୟରେ ଗୋଲୋକରେ ଦ୍ୱିତୀୟ ନାଟକର ସୂତ୍ରପାତ ହେଲା । ଗୋଲୋକରେ ଦ୍ରବ୍ୟରୂପ ଧାରଣ କରି ନିତ୍ୟ ରାଧାକୃଷ୍ଣଙ୍କ ଦ୍ରବୀଭୂତ ଯୁଗଳଅଙ୍ଗରୁ ଜାତ ହୋଇଥିବା ଦେବୀ ଗଙ୍ଗା ଏକଦା କୃଷ୍ଣଙ୍କ ପାର୍ଶ୍ୱରେ ଲଜ୍ଜାବନତ ମୁଖରେ ବସିଛନ୍ତି ଏବଂ ପ୍ରୀତିସମ୍ଭାର ନିବେଦନ କରି ରାସେଶ୍ୱରଙ୍କ ସହ ମିଳନ କାମନା କରୁଛନ୍ତି । ଠିକ୍ ଏହି ସମୟରେ କୃଷ୍ଣଙ୍କ ହୃଦୟେଶ୍ୱରୀ ଲାସ୍ୟମୟୀ, ରାସେଶ୍ୱରୀ ରାଧା ସହସ୍ର ପୂର୍ଣ୍ଣିମା ଚନ୍ଦ୍ରଙ୍କ ପ୍ରଭା ଧାରଣ କରି ତିରିଶକୋଟି ସେବିକା ଗୋପୀଙ୍କ ଗହଣରେ ରତ୍ନ ବିନିର୍ମିତ ଦ୍ରବ୍ୟ ବିମାନରେ ଗୋଲୋକକୁ ବିଜେ କଲେ ।

ପ୍ରାଣପ୍ରିୟାଙ୍କୁ ଦେଖିବା ମାତ୍ରେ ଲୀଳାମୟ କୃଷ୍ଣ ଆସନ ତ୍ୟାଗ କରି ତାଙ୍କୁ ଶଙ୍ଖୋଳିବା ପାଇଁ ଆଗେଇଗଲେ । ବହୁମାନ୍ୟକରି ପ୍ରେମ ସମ୍ଭାଷଣ କଲେ । ଏହା ଦେଖି ସଭାରେ ଉପସ୍ଥିତ ଅମରବୃନ୍ଦ ଭକ୍ତି ଅର୍ଘ୍ୟ ନିବେଦନ କରି ପ୍ରଣାମ କଲେ । ସ୍ତୁତି କଲେ । କୃଷ୍ଣ ମଧ୍ୟ ଅନେକ ସ୍ତୁତି କଲେ । ତାହାଦେଖି ଗଙ୍ଗା ଭୟମିଶ୍ରିତ ମନ ନେଇ ରାଧାଙ୍କ ନିକଟକୁ ଯାଇ ପ୍ରଣାମ କଲେ । ମାତ୍ର ଭୟରେ ତାଙ୍କ ଓଷ୍ଠ, କଣ୍ଠ ଶୁଖି ଯାଉଥିଲା । ନିଜର ସ୍ଥିତି ରକ୍ଷା ପାଇଁ ଅଭୟ ପ୍ରାପ୍ତି ନିମନ୍ତେ କୃଷ୍ଣଙ୍କ ଶ୍ରୀଚରଣ ଧ୍ୟାନ କରି ଦେବୀ ଶରଣାଗତ ହେଲେ । ଫଳରେ ହୃଦୟପଦ୍ମରେ ସୁରେଶ୍ୱର ପ୍ରବେଶ କରି ତାଙ୍କୁ ଅଭୟ ପ୍ରଦାନ କଲେ । କୃଷ୍ଣ ପ୍ରସାଦରେ ତାଙ୍କ ମନରୁ ଭୟ ଦୂର ହେଲା । ନିର୍ନିମେଷ ନୟନରେ ଦେବୀ ରାଧାଙ୍କୁ ଚାହିଁ ରହିଲେ । ଦେଖିଲେ, ଆଦିସୃଷ୍ଟି ହେତୁ ସେହି ଦେବୀ ସନାତନୀ ସକଳ ଜ୍ଞାନ ସ୍ୱରୂପା ତ୍ରୈଲୋକ୍ୟପାବିନୀ ଦ୍ୱାଦଶବର୍ଷର କନ୍ୟା ପରି ଦିଶୁଛନ୍ତି । ଆଦ୍ୟଅନ୍ତ ଶୂନ୍ୟ ଜଗତଈଶ୍ୱରୀଙ୍କର ଶାନ୍ତ ମନୋହର ରୂପଶ୍ରୀ ଜ୍ୟୋତିସମ୍ଭାରରେ ଉଦ୍‌ଭାସିତ ହେଉଅଛି । ଶୁଭମୟୀ, ସୌଭାଗ୍ୟବତୀ ଦେବୀ ମହାମାୟାଙ୍କ ସମ ତେଜୋମୟୀ ସୁନ୍ଦରୀ ଜଗତରେ ଆଉ କେହି ନାହାନ୍ତି । ନିଜର ତେଜ ପ୍ରଭାବରେ ଗୋଲୋକର ମହାସଭାକୁ ସେ ଆଲୋକିତ କରିଛନ୍ତି । ଅଯୋନିସମ୍ଭବା ସେହି ତ୍ରୈଲୋକ୍ୟ ଜନନୀଙ୍କ ଯୋଗୁ ହିଁ ଧରଣୀ ଧନ୍ୟ ହୋଇଛି । ଏହିପରି ଦୃଶ୍ୟ ଦେଖି ଆନନ୍ଦରେ ଦେବୀ ଗଙ୍ଗା ବିମୋହିତ ହୋଇଗଲେ । ମାତ୍ର ରାଧା କୃଷ୍ଣଙ୍କ ମୁଖକୁ ଚାହିଁ ଗଙ୍ଗାଙ୍କୁ ନିରୀକ୍ଷଣ କଲେ । ଗଙ୍ଗାଙ୍କ ମୁଖରେ ପ୍ରକାଶିତ ହୋଇଥିବା ଲକ୍ଷଣ ଦେଖି ତାଙ୍କର ଅନ୍ତତଳର କାମନା ଓ ଇଚ୍ଛା ଜାଣିପାରିଲେ । କ୍ରୋଧରେ ଜର୍ଜରିତା ହୋଇ କୃଷ୍ଣଙ୍କୁ ଧିକ୍କାର କରି ଅତ୍ୟନ୍ତ କଟୁଭାଷା ପ୍ରୟୋଗ କରି କହିଲେ, 'ସ୍ୱାମୀ ! ତୁମ ସମ୍ମୁଖରେ ନିଶ୍ଚଳ ହୋଇ ତୁମକୁ ଚାହିଁ ଗଙ୍ଗା ବସିଛନ୍ତି । ତୁମ ରୂପରେ ମୁଗ୍ଧ ହୋଇ ଅଙ୍ଗ ସଙ୍ଗ ଇଚ୍ଛା କରି ତାଙ୍କର ଅଙ୍ଗ ପୁଲକିତ ହୋଇଛି । ତୁମ ମନରେ ମଧ୍ୟ ତାଙ୍କ ପ୍ରତି ଆସକ୍ତି ଜାତ ହୋଇଛି । ମୋର ଉପସ୍ଥିତିରେ ଗୋଲୋକରେ କିପରି ଏ ଅଘଟଣ ହେଉଛି ? ଏହା ପୂର୍ବରୁ ମଧ୍ୟ ତୁମେ ଅନେକବାର ଏହିପରି ବ୍ୟଭିଚାର କାର୍ଯ୍ୟ କରିଅଛ । ଏଥର ଆଉ ସହ୍ୟ କରି ହେବ ନାହିଁ । ତେଣୁ ଜାରପତ୍ନୀ ଘେନି ଏହି ମୁହୂର୍ତ୍ତରୁ ଗୋଲୋକ ତ୍ୟାଗ କରିଯାଅ ।' ପୂର୍ବର ସମସ୍ତ କଥା ସ୍ମରଣ କରି ବାରମ୍ବାର ଭର୍ତ୍ସନା କରିବାକୁ ଲାଗିଲେ । ଧୀରେ ଧୀରେ କ୍ରୋଧରେ ତାଙ୍କର ଚକ୍ଷୁ ରକ୍ତବର୍ଣ୍ଣ ଧାରଣ କଲା । କ୍ରୋଧପୂର୍ବ ନୟନରେ ଗଙ୍ଗାଙ୍କୁ ଲକ୍ଷ୍ୟ କରନ୍ତେ, ଗଙ୍ଗା ଫଳାଫଳ ଜାଣିପାରି ଅନ୍ତର୍ଦ୍ଧାନ ହୋଇଗଲେ ଓ ନିଜର ଜଳରେ ପ୍ରବେଶ କରି ଲୁଚିଗଲେ । ଏହା ଦେଖି କୃଷ୍ଣଙ୍କର ଖେଦ ଜାତ ହେଲା । ଯୋଗବଳରେ ରାଧା ଜାଣିଲେ ଗଙ୍ଗା ଗୁପ୍ତ ସଲୀଳା ହୋଇ ମହୀତଳେ ସବୁସ୍ଥାନରେ ରହିଛନ୍ତି । ତେଣୁ ଭୟଙ୍କର କ୍ରୋଧ ପ୍ରକଟକରି ତାହାଙ୍କୁ ଶୋଷଣ କରିବାପାଇଁ ଉଦ୍ୟତ ହେଲେ । ଗଙ୍ଗା ଏହା ଜାଣିପାରି ତତ୍‌କ୍ଷଣାତ୍ କୃଷ୍ଣଙ୍କ ଚରଣରେ ଶରଣ ନେଇ ଲୀନ ହୋଇଗଲେ । ମହାମାୟା ମହାଦେବୀ ରାଧା ଗୋଲୋକ, ବୈକୁଣ୍ଠ, ବ୍ରହ୍ମଲୋକ ଆଦି ସମସ୍ତ ସ୍ଥାନ ଖୋଜିଲେ-କିନ୍ତୁ କୃଷ୍ଣ ଚରଣାଶ୍ରିତ ଗଙ୍ଗାଙ୍କୁ କେଉଁଠାରେ ପାଇଲେ ନାହିଁ । କ୍ରୋଧ ଜର୍ଜରିତା ହୋଇ ନୀରବ ହେଲେ । ଗଙ୍ଗା ଅନ୍ତର୍ଦ୍ଧାନ ହୋଇଯିବାରୁ ମହୀ ଜଳଶୂନ୍ୟ ହୋଇଗଲା । ବ୍ରହ୍ମାଣ୍ଡରେ ଜଳ ଟୋପେ ମିଳିଲା ନାହିଁ । ନଦୀ, ପୁଷ୍କରିଣୀ, ପଙ୍କ ଶୁଷ୍କ ହୋଇଗଲା । ଚରାଚର ଜଳଜନ୍ତୁ, ଜୀବ, ଜଳ ବିହୁନରେ ମାଳମାଳ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ । ତାହା ଦେଖି ସର୍ବଦେବାଦେବୀ ଗୋଲୋକକୁ ଯାଇ ବରେଣ୍ୟ ବରଦ ଶିବମୟ ସର୍ବହେତୁ, ଅପାର ସଂସାର ମହାସାଗରର ସେତୁ, ନିରାକାର, ନିରଂଜନ, ଭକ୍ତ ଅନୁଗ୍ରହକାରୀ ଦେବ ସନାତନ କୃଷ୍ଣଙ୍କ ପଦପଙ୍କଜରେ ମନ ରଖି ଭକ୍ତିରେ ଗଦ୍‌ଗଦ୍ ବାକ୍ୟରେ ସ୍ତୁତି କରିବାକୁ ଲାଗିଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ କୃଷ୍ଣ ଜ୍ୟୋତି ସ୍ୱରୂପରେ ସେମାନଙ୍କ ସମ୍ମୁଖରେ ପ୍ରକଟିତ ହେଲେ । ଅମୂଲ୍ୟ ରତ୍ନ ନିର୍ମିତ ଚିତ୍ର ସିଂହାସନରେ ବିରାଜିତ ପ୍ରଭୁ ବ୍ରହ୍ମରାଶି । ହସ୍ତରେ ଶ୍ୱେତ ଚାମର ଧରି ଗୋପାଳମାନେ ସେବା କରୁଛନ୍ତି । ସମ୍ମୁଖରେ ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଛନ୍ତି । ଚନ୍ଦନରେ ଶ୍ରୀଅଙ୍ଗ ଶୋଭିତ ହୋଇଅଛି । ରତ୍ନଭୂଷଣରେ ଶରୀର ଝଲସି ଉଠୁଛି । ନବୀନ ନୀରଦ ପ୍ରାୟ ଶ୍ୟାମ ବର୍ଣ୍ଣର ତନୁରେ

ଝୀନ ପୀତବାସ ପରିଧାନ କରି ଦ୍ୱାଦଶ ବର୍ଷର ବାଳକ ପ୍ରାୟ ଦିଶୁଛନ୍ତି ପ୍ରଭୁ ପରମେଶ । କୋଟଚନ୍ଦ୍ର ମଣ୍ଡଳକୁ ଜିଣି ଶୋଭାକାନ୍ତିରେ ରାସମଣ୍ଡଳ ଜ୍ୟୋତିର୍ମୟ ହୋଇଯାଇଛି । ଅପୂର୍ବ, ଅନିର୍ବଚନୀୟ ରୂପଶ୍ରୀ ଦର୍ଶନ କରି କୃତକୃତ୍ୟ ହୋଇ ସମସ୍ତେ ବର୍ତ୍ତମାନର ଦୁର୍ଦ୍ଦଶା ଶ୍ରୀପଦପଙ୍କଜରେ ସର୍ମପଣ କରି ପ୍ରତିକାର ପ୍ରାର୍ଥନା କଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ କୃଷ୍ଣ କହିଲେ, 'ମୁଁ ଜାଣିଛି ତୁମ୍ଭେମାନେ ଗଙ୍ଗାଙ୍କୁ ନେବାପାଇଁ ଆସିଛ । ସେ ମୋ ନିକଟରେ ବସିଥିବାରୁ ରାଧା କ୍ରୋଧରେ ତାଙ୍କୁ ପାନ କରିବା ପାଇଁ ଖୋଜୁଛନ୍ତି । ସେହି ଭୟରେ ସେ ମୋ ପାଦରେ ଶରଣ ନେଇ ରହିଛନ୍ତି । ତୁମ୍ଭେମାନେ ତାଙ୍କୁ ରାଧାଙ୍କ କୋପରୁ ରକ୍ଷା କରିବା ପାଇଁ ଅଭୟଦାନ କଲେ ମୁଁ ତାଙ୍କୁ ସଙ୍ଗେ ସଙ୍ଗେ ବାହାର କରିଦେବି ।' କୃଷ୍ଣଙ୍କ ବଚନ ଶୁଣି କମଳଆସନ ବ୍ରହ୍ମା ଏକମନ ହୋଇ ରାଧାଙ୍କୁ ସ୍ତୁତି କଲେ । ଚାରିବେଦ ଅଧିପତି ଚାରିମୁଖରେ ଭକ୍ତିଯୁକ୍ତ ସ୍ତୁତି କରି କହିଲେ, 'ହେ ଦେବୀ ! ତୁମେ ଦେବୀ ସନାତନୀ । ପ୍ରଭୁ କୃଷ୍ଣଙ୍କର ହୃଦୟେଶ୍ୱରୀ । ରାସମଣ୍ଡଳରେ ପତିଙ୍କ ସହ ଏକତ୍ର ଥିବା ସମୟରେ ସଦାଶିବଙ୍କର ସ୍ତୁତିଗାନ ଶୁଣି ତୁମେ ଦ୍ରବ୍ୟରୂପେ ପତିଙ୍କ ସହ ବହିଗଲ । ଗଙ୍ଗା ରୂପରେ ପ୍ରକଟ ହେଲ । ତୁମରି ଅଂଶରେ ଜାତ ହୋଇଥିବାରୁ ସେ (ଗଙ୍ଗା) ତୁମର କନ୍ୟା ସମାନ ଅଟନ୍ତି । ଏବେ ସେ ତୁମ ପୂଜାରେ ମନ ଦେଇ ତୁମର ଆରାଧନା କରିବେ । ମର୍ତ୍ତ୍ୟମଣ୍ଡଳର ଲବଣସାଗରରେ ଲୀନ ହୋଇ ସେଠାରେ ସମୁଦ୍ରଙ୍କ ସହ ରମଣ କରିବେ । ଗୋଲୋକରେ ତୁମେ ରାଧା, ମାତ୍ର ସବୁଠାରେ ତୁମେ ତ୍ରିଜଗତ ମାତା ଦୁର୍ଗା । ତୁମର କନ୍ୟା ଏହି ମନ୍ଦାକିନୀ । ଆମର ସ୍ତୁତି ଘେନାକରି ତାଙ୍କଠାରେ ଦୟାକର ।' ବ୍ରହ୍ମାଙ୍କ ସ୍ତୁତି ଗ୍ରହଣ କରି ଦେବୀ ମହାମାୟା ଜଗତଈଶ୍ୱରୀ ରାଧା ଗଙ୍ଗାଙ୍କୁ କ୍ଷମା ପ୍ରଦାନ କଲେ । ତେଣୁ ଗଙ୍ଗା ସେହି ମୁହୂର୍ତ୍ତରେ କୃଷ୍ଣଙ୍କ ନଖକୋଣରୁ ସମସ୍ତଙ୍କ ସମ୍ମୁଖରେ ବାହାରି ଆସିଲେ । ପ୍ରଥମରେ ଜଳରୂପ ନେଲେ ଓ ପରେ ଜଳର ଅଧିଷ୍ଠାତ୍ରୀ ଦେବୀ ରୂପରେ ପ୍ରକଟ ହେଲେ । ତାହା ଦେଖି ଉପସ୍ଥିତ ସମସ୍ତ ଆଶାୟୀ ଅମରବୃନ୍ଦ ଆନନ୍ଦିତ ହେଲେ । ବ୍ରହ୍ମା ସେହି ଜଳରୁ କିଛି ନେଇ ଆପଣା କମଣ୍ଡଳୁରେ ରଖିଲେ । ସଦାଶିବ କିଛି ଅଂଶ ନେଇ ଜଟାରେ ରଖିଲେ । ପ୍ରଜାପତି ବ୍ରହ୍ମା ସେହି ସମୟରେ ଗଙ୍ଗାଙ୍କ କର୍ଣ୍ଣରେ ରାଧାଙ୍କ ମନ୍ତ୍ର, କବଚ, ସ୍ତୋତ୍ର, ଧ୍ୟାନ ଇତ୍ୟାଦି ଦେଇ ପୂଜାବିଧାନ ଶିଖାଇ ଦେଲେ । ଗଙ୍ଗା ସଙ୍ଗେ ସଙ୍ଗେ ରାଧାଙ୍କୁ ପୂଜା ସମର୍ପଣ କରି ବୈକୁଣ୍ଠ ଗମନ କଲେ ଓ ଲକ୍ଷ୍ମୀ, ସରସ୍ୱତୀ, ତୁଳସୀଙ୍କ ସହ ମିଶି ବିଷ୍ଣୁଙ୍କ ପାଖରେ ଆନନ୍ଦରେ ରହିଲେ । ସେହିଦିନୁ ଗଙ୍ଗା ଏକାଧାରରେ ଗୋଲୋକ, ବୈକୁଣ୍ଠ, ଶିବଲୋକ ଓ ବ୍ରହ୍ମଲୋକରେ ଅବସ୍ଥାନ କଲେ ।

ଭଗୀରଥଙ୍କୁ ବର ପ୍ରଦାନ କରି ବିଷ୍ଣୁ (କୃଷ୍ଣ) ଗଙ୍ଗାଙ୍କୁ ସ୍ମରଣ କଲେ । ପ୍ରଭୁଙ୍କ ଆବାହନରେ ତତ୍‌କ୍ଷଣାତ୍ ଦେବୀ ଆବିର୍ଭୂତା ହୋଇ ପ୍ରଣାମ ନିବେଦନ କଲେ । ଏହାପରେ ପ୍ରଭୁ ଆଜ୍ଞାଦେଲେ, ''ଦେବୀ ଗଙ୍ଗା ! ସୂର୍ଯ୍ୟବଂଶ ଅବତଂସ ଭଗୀରଥ ତୁମକୁ ନେବାପାଇଁ ତପ କରୁଛନ୍ତି । ପୂର୍ବରୁ ସରସ୍ୱତୀ ତୁମକୁ ଅଭିଶାପ ଦେଇଛନ୍ତି । ତେଣୁ ତୁମେ ଏବେ ନଦୀରୂପ ନେଇ ଭାରତବର୍ଷରେ ବହିଯାଅ । ତୁମରି ପବିତ୍ର ଜଳରାଶି ସ୍ପର୍ଶ ପାଇ କପିଳମୁନିଙ୍କ କ୍ରୋଧାଗ୍ନିରେ ଭସ୍ମ ହୋଇଥିବା ସଗର ରାଜାଙ୍କ ଷାଠିଏ ହଜାର ପୁତ୍ର ମୁକ୍ତି ଲାଭ କରି ବୈକୁଣ୍ଠ ପ୍ରାପ୍ତ ହେବେ । ଆଜିଠାରୁ ଭାରତରେ ଯେତେ ପାପୀଜନ ତୁମ ଜଳରେ ସ୍ନାନ କରିବେ କୋଟି ଜନ୍ମକୃତ ପାପ ସେମାନଙ୍କର ଧ୍ୱଂସ ହେବ ।'' ଆଜ୍ଞା ପ୍ରଦାନ କରି ଦେବାଧିଦେବ ଗଙ୍ଗାରେ ସ୍ନାନ କଲେ ଯେଉଁ ଫଳପ୍ରାପ୍ତି ହେବ ତାହାକୁ ବିସ୍ତୃତ ଭାବରେ ପ୍ରକାଶ କଲେ । ସ୍ତୁତି ବନ୍ଦନା ସହ ପୂଜା ସମପଣ କରି ଗଙ୍ଗାଙ୍କୁ ସଙ୍ଗରେ ନେଇଯିବା ପାଇଁ ଭଗୀରଥଙ୍କୁ ଆଦେଶ ପ୍ରଦାନ କଲେ । ଏହାପରେ ଗଙ୍ଗା ଓ ଭଗୀରଥ ବିଷ୍ଣୁଙ୍କ ପଦପଙ୍କଜରେ ଦଣ୍ଡ ପ୍ରଣାମ ସମର୍ପଣ କଲେ । ଉଭୟଙ୍କର ମନୋରଥ ପୂର୍ଣ୍ଣପାଇଁ ଆଶୀର୍ବାଦ ଦେଇ ବିଷ୍ଣୁ ଅନ୍ତର୍ଦ୍ଧାନ ହେଲେ । ଭଗୀରଥ 'କୌଥୁମୋକ୍ତ' ଧ୍ୟାନ ସ୍ତୋତ୍ର ପାଠ କରି ଭକ୍ତିଭରେ ଦେବୀଙ୍କର ପୂଜାବିଧି ବନ୍ଦନା କଲେ ଓ ଯେଉଁଠାରେ ସଗରପୁତ୍ର ଦଗ୍ଧ ହୋଇଥିଲେ ସେହି ସ୍ଥାନକୁ ପତିତପାବନୀ ଗଙ୍ଗାଙ୍କୁ ପହଞ୍ଚାଇ ଦେଲେ । ସେହିଦିନୁ ଗଙ୍ଗା ପାପନାଶକ ମହାଶକ୍ତି ଧାରଣ କରି ମର୍ତ୍ତ୍ୟରେ ପ୍ରବାହିତ ହେଲେ ।

ଆଲୋଚ୍ୟ ମହାଦେବୀ ଗଙ୍ଗା, ସରସ୍ୱତୀ ଓ ପଦ୍ମାବତୀ (ଲକ୍ଷ୍ମୀ) ମର୍ତ୍ତ୍ୟଧାମର ପବିତ୍ର ଭାରତ ଭୂମିରେ ପ୍ରବାହିତ ହୋଇ ଯେଉଁ ଶକ୍ତିର ଅଧିକାରିଣୀ ହୋଇଥିଲେ ଓ ଜୀବଜଗତଙ୍କୁ ଉଦ୍ଧାର କରୁଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରୁଛୁ । ପୂର୍ବରୁ ଆଲୋକପାତ କରିଛୁ, ଗୋଲୋକର ଅବସ୍ଥିତି ହିଁ ଜଳାଧାର । ସର୍ବପାପ ବିନାଶିନୀ ମନ୍ଦାକିନୀ (ଗଙ୍ଗା) ଗୁପ୍ତରେ ସର୍ବସ୍ଥାନରେ ବିରାଜିତା । ତେଣୁ ଧରାପୃଷ୍ଠରେ ଯେତେନଦୀ, ଜଳାଧାର ଅଛନ୍ତି ସମସ୍ତେ ସେହି ବ୍ରହ୍ମସନାତନୀ ଗୋଲୋକସଭାଧାରିଣୀ ଗଙ୍ଗାଙ୍କ ଅଂଶ ବିଶେଷ ଅଟନ୍ତି । ସରସ୍ୱତୀ, ପଦ୍ମାବତୀ ଆଦି ସମସ୍ତ ପୂଣ୍ୟତୋୟା ଏକ ଅଟନ୍ତି । କାରଣ ସେମାନଙ୍କର ମୂଳ ଆଧାର ଏକ, ମାତ୍ର ରୂପ, ଆକୃତି ଭିନ୍ନ ଭିନ୍ନ । ଉପରୋକ୍ତ ତିନି ଦେବୀ ଧରାପୃଷ୍ଠକୁ ଆସିବାପରେ ତାଙ୍କ ଅଙ୍ଗ ସ୍ରୋତରୁ, ଅନେକ ନଦୀ ସୃଷ୍ଟି ହୋଇଛନ୍ତି । ସମସ୍ତ ନଦୀ ଧାରସହ ଗଙ୍ଗାଧାର ଗୁପ୍ତ ସଲିଳା ହୋଇ ଜଡ଼ି ରହିଛନ୍ତି । ତେଣୁ ସେମାନେ ପୂଣ୍ୟତୀର୍ଥର ମର୍ଯ୍ୟାଦା ଲାଭ କରିଛନ୍ତି । ତେବେ ତିଥି, ବାର, ମାସ ଓ ନକ୍ଷତ୍ର ବିଚାରରେ ସେହି ପୂଣ୍ୟତୋୟା ତୀର୍ଥସ୍ନାନର ଫଳ ପୃଥକ ହୋଇଥାଏ । ସେହି ପୂଣ୍ୟତୋୟା ନଦୀମାନଙ୍କ ମଧ୍ୟରୁ ପ୍ରକାଶିତ ତୀର୍ଥର ନାମ - ଗଣ୍ଡକୀ, ଯମୁନା, ସରସ୍ୱତୀ, ଗୋଦାବରୀ, ବ୍ରହ୍ମପୁତ୍ର, ସିନ୍ଧୁ, କାବେରୀ, ବ୍ରାହ୍ମୀ (ବ୍ରାହ୍ମଣୀ), ନର୍ମଦା, ଚନ୍ଦ୍ରଭାଗା, ଚିତ୍ରୋତ୍ପଳା, ଭାର୍ଗବୀ, ଗୋମତି, ଋଷିକୁଲ୍ୟା, ବୈତରଣୀ, ପଦ୍ମା, ଭାଗିରଥୀ (ଗଂଗା), କରତୋୟା, କୃଷଭଦ୍ରା, ସରଯୁ, ପ୍ରଭାସ, ପ୍ରୟାଗ, ପୁଷ୍କର, କୁରୁକ୍ଷେତ୍ର, ଗୟା, ଶତଦ୍ରୁ, କୋକନ, ଘର୍ଘରା, ଶୋଣ, ସିବା ହିରଣାକ୍ଷ, ପିଣ୍ଡାରକ, ମହାନଦୀ, ଖରସ୍ରୋତା, ବଧୂସରା, ଦୟା, ରନ୍ତିରା, ବିରୂପା ଆଦି ବିଖ୍ୟାତ ଅଟନ୍ତି ।

ବୈଶାଖ ମାସ ସାରା ପ୍ରତିଦିନ ଭକ୍ତିପୂତ ହୃଦୟରେ ଗଂଗାସ୍ନାନ କଲେ ବିଷ୍ଣୁ ତା'ର ସମସ୍ତ ପାପ ଖଣ୍ଡନ କରନ୍ତି । କାୟିକ, ବାଚିକ, ମାନସିକ ପାପରାଶି ବୈଶାଖ ଗଂଗାସ୍ନାନରେ ଧ୍ୱଂସ ହୋଇ ଅନ୍ତକାଳରେ ନିର୍ବିଘ୍ନରେ ବୈକୁଣ୍ଠବାସ ସୌଭାଗ୍ୟ ପ୍ରାପ୍ତ ହୁଏ, ଏହି ମାସରେ ଗଙ୍ଗା-ସାଗର ସଂଗମ ସ୍ଥଳରେ ସ୍ନାନ କଲେ ଦଶବିଧ ପାପ ନାଶନ ହୁଏ । ମାଘମାସରେ ପ୍ରୟାଗରେ ସ୍ନାନକଲେ ଦୁଃଖ, ଦାରିଦ୍ର୍ୟ ଦୋଷ କଟିଯାଏ ଏବଂ ବ୍ୟକ୍ତି ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତ ହୁଏ । ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥରେ ପ୍ରାତଃସ୍ନାନ କଲେ ମହାପୂଣ୍ୟ ଲାଭ ସଂଗେ ସଂଗେ ସପ୍ତପୁରୁଷ ନର୍କରୁ ଉଦ୍ଧାର ପାଆନ୍ତି । ଏହିମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ 'ରଟନ୍ତୀ' ତିଥି ନାମରେ ପ୍ରସିଦ୍ଧ ଅଟେ । ଏହିଦିନ ସୂର୍ଯ୍ୟ ଉଦୟ ସମୟରେ ତୀର୍ଥସ୍ନାନ କଲେ ସାତଜନ୍ମର ପାତକ ନାଶ ହୁଏ । ମରଣକାଳରେ ଯମଦର୍ଶନ ହୁଏ ନାହିଁ । ମୃତ୍ୟୁପରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ଚୈତ୍ର ଶୁକ୍ଳ ଅଷ୍ଟମୀରେ ବ୍ରହ୍ମପୁତ୍ର ନଦୀରେ ଯିଏ ସ୍ନାନ କରେ ସିଏ ପୁନର୍ଜନ୍ମ ପାଏ ନାହିଁ । ଭାଦ୍ରମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଯମୁନାରେ ସ୍ନାନ କଲେ ବହୁ ଜନ୍ମାର୍ଜିତ ପାପ ଦହନ ହୁଏ । ଏହିଦିନ କରତୋୟା ନଦୀରେ ସ୍ନାନ କଲେ ଗୋହତ୍ୟା ଆଦି ପାତକ ନାଶ ହୁଏ । ସେ ବ୍ୟକ୍ତି ମହାଦେବଙ୍କର ଅତି ପ୍ରିୟ ହୁଏ । ମାଘ ଶୁକ୍ଳ ସପ୍ତମୀରେ ସରସ୍ୱତୀ ଜଳରେ ସ୍ନାନ କଲେ ଅଶେଷ ପାତକ କ୍ଷୟ ହୁଏ । ଇହକାଳେ ସୌଭାଗ୍ୟ ପ୍ରାପ୍ତ ହୁଏ । ପରକାଳରେ ସ୍ୱର୍ଗସୁଖ ପ୍ରାପ୍ତ ହୁଏ । ସ୍ୱର୍ଗଭୋଗ ପରେ ମର୍ତ୍ତ୍ୟଧାମରେ ଜନ୍ମନେଇ ରାଜଭୋଗ କରେ । ଶିବରାତ୍ରି ତିଥିରେ ଗଙ୍ଗାସ୍ନାନ କଲେ ଅସଂଖ୍ୟ ପାପ ନାଶ ହୁଏ । ଏହିଦିନ ବାରାଣସୀ କ୍ଷେତ୍ରରେ ମଣିକର୍ଣ୍ଣିକା ଘାଟରେ ସ୍ନାନ କଲେ ବ୍ରହ୍ମହତ୍ୟା ମହାପାପରୁ ମୁକ୍ତି ମିଳେ । ଧନ, ଜନ, ଗୋପ, ଲକ୍ଷ୍ମୀ ଆଦି ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ । ପରକାଳରେ ସ୍ୱର୍ଗ ସୁଖ ପାଏ । ଶ୍ରୀରାମ ନବମୀରେ ଯେଉଁ ଭାଗ୍ୟବାନ ସରଯୂନଦୀର ଜଳରେ ସ୍ନାନ କରେ ସେ ଲକ୍ଷ୍ମୀ ବିଷ୍ଣୁଙ୍କ ଆଶୀର୍ବାଦ ଲାଭ କରି ସର୍ବପାପରୁ ମୁକ୍ତି ଲାଭ କରେ । ଗଣ୍ଡକୀ ନଦୀର ଜଳରେ ସ୍ନାନ କଲେ ଇହକାଳରେ ମହାସୁଖୀ ଓ ପରକାଳରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ନର୍ମଦାନଦୀ ସ୍ନାନରେ ଯମ ଯାତନାରୁ ତ୍ରାହି ମିଳେ । କାବେରୀ ନଦୀରେ ସ୍ନାନ କଲେ ସକଳ ମହାପାପରୁ ମୁକ୍ତି ମିଳେ । ସିନ୍ଧୁ ତୀର୍ଥରେ ସ୍ନାନକଲେ ଅନ୍ତିମକାଳରେ ଯମଭୟ ରହେନାହିଁ । କୁରୁକ୍ଷେତ୍ରରେ ସ୍ନାନକଲେ ମହାସଙ୍କଟ ମୋଚନ ହୁଏ । ପିତୃପକ୍ଷରେ

ଗୟାକ୍ଷେତ୍ରରେ ସ୍ନାନ, ତର୍ପଣ କଲେ କୋଟିକୁଳ ଉଦ୍ଧାର ହୋଇଥାଏ ଏବଂ ଆପେ ଯମଯନ୍ତ୍ରଣାରୁ ନିସ୍ତାର ଲାଭ କରେ । ପୁଷ୍କର ତୀର୍ଥ ସ୍ନାନରେ ମହାପୂଣ୍ୟ ଅର୍ଜନ ହୁଏ । ପ୍ରଭାସ ତୀର୍ଥରେ ପ୍ରାତଃସ୍ନାନ କଲେ ସପ୍ତ ପୁରୁଷ ଉଦ୍ଧାର ପାଆନ୍ତି ଓ ନିର୍ବାଣ ପ୍ରାପ୍ତି ହୁଏ । ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ର ଯୋଗହେଲେ ବାରୁଣୀ ଯୋଗହୁଏ । ଏହି ଦିନ ତୀର୍ଥ ସ୍ନାନ କଲେ ଏକଶତ ସୂର୍ଯ୍ୟ ପରାଗରେ ଯେଉଁ ପୂଣ୍ୟଅର୍ଜନ ହୁଏ ସେହି ଫଳ ମିଳେ । ଶତଭିଷା ନକ୍ଷତ୍ର ସହ ଶନିବାର ଯୁକ୍ତ ହୋଇଗଲେ ତାହାକୁ ମହାମହା ବାରୁଣୀ ଯୋଗ କହନ୍ତି । ଏହି ଯୋଗରେ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସରେ ଯେଉଁ ବ୍ୟକ୍ତି ତୀର୍ଥ ସ୍ନାନ କରେ ତାହାର ତିନିକୋଟିକୁଳ ଉଦ୍ଧାର ପାଆନ୍ତି ଓ ସେ ବ୍ୟକ୍ତି ଅନ୍ତିମରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ଜ୍ୟେଷ୍ଠମାସ ପୂର୍ଣ୍ଣିମାରେ ଜ୍ୟେଷ୍ଠା ନକ୍ଷତ୍ର ଯୁକ୍ତ ହୋଇ ତହିଁରେ ଯଦି ବୃହସ୍ପତି ଓ ଚନ୍ଦ୍ର ଅବସ୍ଥାନ କରନ୍ତି, ରୋହିଣୀ ନକ୍ଷତ୍ରରେ ସୂର୍ଯ୍ୟ(ରବି) ଅବସ୍ଥାନ କରନ୍ତି, ଏବଂ ଗୁରୁବାର ଯୋଗ ଯୁକ୍ତ ହୋଇଥାଏ ତେବେ ତାହାକୁ ମହାଜ୍ୟେଷ୍ଠୀ ଯୋଗ କହନ୍ତି । ଏହି ଦିନ ପ୍ରାତଃ ସମୟରେ ତୀର୍ଥ ସ୍ନାନ କଲେ ସର୍ବଶୁଭ ଲାଭ ହୋଇ ଅନ୍ତିମେ ମୋକ୍ଷ ପ୍ରାପ୍ତ ହୁଏ । ଏହି ଦିନ ଶ୍ରୀ ପୁରୁଷୋତ୍ତମ ଧାମ ଦର୍ଶନ ସହ ପଞ୍ଚତୀର୍ଥ ଯଥା : ମାର୍କଣ୍ଡେୟ, ବଟକୃଷ୍ଣ, ରୋହିଣୀକୁଣ୍ଡ, ମହୋଦଧି, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର ସରୋବରରେ ସ୍ନାନ କଲେ ଅନନ୍ତ ଫଳ ପ୍ରାପ୍ତ ହୋଇ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ବୈଶାଖ ଅମାବାସ୍ୟା ତିଥିରେ ଦ୍ୱିଜା ନକ୍ଷତ୍ର ଯୁକ୍ତ ହେଲେ ତାହାକୁ ସୂର୍ଯ୍ୟମହତୀ ସ୍ନାନ କହନ୍ତି । ଏହିଦିନ ତୀର୍ଥସ୍ନାନ କଲେ ଗୋହତ୍ୟା ପାପରୁ ମୁକ୍ତିମିଳେ । ଏହିସବୁ ପର୍ବ ତିଥି ଦିବସରେ ବିଧିମତେ ସ୍ନାନ କଲେ ଶତକୋଟି ଜନ୍ମ ପାତକ ଖଣ୍ଡନ ହୁଏ । ଜ୍ଞାନ ବା ଅଜ୍ଞାନରେ ଯେଉଁ ବ୍ୟକ୍ତି ବ୍ରହ୍ମହତ୍ୟା ଆଦି ଘୋରପାପ କରିଥିବ ସେ ଯଦି ତୀର୍ଥରେ ମୌଷଳ ସ୍ନାନ କରିବ ତେବେ ତା ଦେହରେ ଲେଶମାତ୍ର ପାପ ରହିବ ନାହିଁ । ସୂର୍ଯ୍ୟ ସଂକ୍ରମଣ, ପୂର୍ଣ୍ଣିମା, ଅମାବାସ୍ୟା, ଉତ୍ତରାୟଣ କାଳ, ଦକ୍ଷିଣାୟନ କାଳ, ଚତୁର୍ମାସ୍ୟା ସମୟ, ଅକ୍ଷୟ ତିଥିରେ ତୀର୍ଥସ୍ନାନ କରୁଥିବା ବ୍ୟକ୍ତିର ପ୍ରାପ୍ତ ହେଉଥିବା ପୂଣ୍ୟଫଳ ବେଦପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇ ପାରିନାହିଁ ।

ଉପରୋକ୍ତ ଦୁର୍ଲଭ ମହାଶକ୍ତି ଧାରିଣୀ ଜଗତ କଲ୍ୟାଣକାରିଣୀ ମହାଦେବୀମାନେ ସେମାନଙ୍କର ଅଭିଶାପର ସମୟ ଅତିକ୍ରାନ୍ତ ହେବାପରେ ନିଜ ନିଜର କଳାସହ ବୈକୁଣ୍ଠକୁ ଫେରିଗଲେ । ବ୍ରହ୍ମଆଜ୍ଞା ଓ ସେମାନଙ୍କର ଛାୟା କେବଳ ଜଳରାଶିରେ ରହିଗଲା । ଏହାହିଁ ନଦୀ, ତୀର୍ଥ ଏବଂ ତୀର୍ଥସ୍ନାନ ସଂପର୍କିତ ପୌରାଣିକ ଗାଥା ।

ଆଜି ଏହି ପୂଣ୍ୟଭୂମି ଇନ୍ଦୁପୁରରେ ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ ଓ ବାରୁଣୀ ତୀର୍ଥ ମହୋତ୍ସବ ପାଳିତ ହେଉଅଛି । ପୁରାଣବର୍ଣ୍ଣିତ ନଦୀ, ତୀର୍ଥ ଓ ତୀର୍ଥ ସ୍ନାନ ସମ୍ବନ୍ଧରେ ଶାସ୍ତ୍ରୀୟ ଚିନ୍ତାଧାରାରେ ମଗ୍ନ ରହିଥିବା ଜଣେ ଅନୁଗତ ସେବକର ମନରେ ଅନେକ ପ୍ରଶ୍ନ ଉଦ୍ରେକ ହୋଇଗଲା । ବ୍ୟାକୁଳ ହୋଇ ସେ ତା'ର ହୃଦୟେଶ୍ୱର ସ୍ୱର୍ଣ୍ଣକ୍ଷେତ୍ରାଧିପତି ପରମକାରୁଣିକ ପରମେଶଙ୍କୁ ସ୍ତୁତି ବନ୍ଦନା କରି ଜିଜ୍ଞାସା କଲା :

ଭୋ ଦେବ ଜଗତ ଗୋସାଇଁ । ତୁମେ ହିଁ ରାସେଶ୍ୱର ରାଇ ।।
ତୁମେ ହିଁ କାରଣ ଜୟର । ତୁମେ ହିଁ ପ୍ରଭୁ ବିଶ୍ୱଧର ।।
ବିଶ୍ୱର ଈଶ୍ୱର ହେ ସ୍ୱାମୀ । ସକଳ ଘଟ ଅନ୍ତର୍ଯ୍ୟାମୀ ।।
ବିଶ୍ୱପାଳକ ବିଶ୍ୱହନ୍ତା । ଅନନ୍ତ ବ୍ରହ୍ମାଣ୍ଡ ନିୟନ୍ତା ।।
ନାନାରୂପରେ ଜାତହୁଅ । ଖେଳି ଖେଳାଇ ଫଳଦିଅ ।।
ହେ ତେଜରୂପୀ ମହାବାହୁ । ଘାରିଛି ମୋତେ କାଳରାହୁ ।।
ଆଦ୍ୟଅନ୍ତ ମୁଁ ପାଉନାହିଁ । ତୁମକୁ ବୁଝି ପାରୁନାହିଁ ।।
ନଦୀ ଓ ମହୋଦଧି ଜଳେ । ସ୍ନାନରେ ତୀର୍ଥ ଫଳ ମିଳେ ।।
ଏ ଅଟେ ଶାସ୍ତ୍ରର ବଚନ । ଭ୍ରମରେ ମାନୁନାହିଁ ମନ ।।

ଶାପ ଭୋଗର ଅନ୍ତ କାଳେ । ବୈକୁଣ୍ଠ ଦେବୀ ଚଳିଗଲେ ।।
ତାଙ୍କର ସିତିବିନା ଧାର । କିପରି ତୀର୍ଥେ ହେଲା ସାର ।।
ଦୟାକର ହେ ପ୍ରାଣପତି । ଚଞ୍ଚଳ ନ କର ମୋ ମତି ।।
ବୁଝାଇ ଦିଅ ତା କାରଣ । ନୋହିଲେ ଜନ୍ମ ଅକାରଣ ।।

ଜିଜ୍ଞାସୁ ସେବକ ଜଣକ ଯୋଡ଼ ହସ୍ତରେ ସ୍ତୁତି ପ୍ରାର୍ଥନା କରି କହିଲା, 'ହେ ଗୁରୁ ସ୍ୱାମୀ ! ତୁମେ ଏ ଜଗତ ସୃଷ୍ଟିର କାରଣ । ତୁମେ ରାସେଶ୍ୱର ଓ ତୁମେ ହିଁ ରାଇ ରାସେଶ୍ୱରୀ । ତୁମେ ହିଁ ବିଶ୍ୱର ଈଶ୍ୱର, ପାଳକ, ହନ୍ତା ଓ ଅନନ୍ତ କୋଟି ବ୍ରହ୍ମାଣ୍ଡର ନିୟନ୍ତା ଅଟ । ନିଜ ଇଛାରେ ନାନାରୂପରେ ଜାତ ହୁଅ । ନିଜେ ଖେଳି ଜୀବକୁ ଖେଳାଇ ଫଳଦାନ କର । ହେ ତେଜରୂପୀ ମହାବାହୁ ! ମୁଁ ଅକିଞ୍ଚନ କାଳରାହୁ କବଳରେ ଅଚେତନ ହୋଇ ପଡ଼ିରହିଛି । ତୁମର ଆଦ୍ୟଅନ୍ତ ପାଉନାହିଁ କି ତୁମକୁ ବୁଝି ପାରୁନାହିଁ । ଶାସ୍ତ୍ର ବଚନ ଅନୁସାରେ ନଦୀମାନେ ବ୍ରହ୍ମଲୀଳାର ଅଂଶରେ ପରସ୍ପର ଅଭିଶାପ ପ୍ରଭାବରୁ ମହାଦେବୀମାନଙ୍କ ଅଙ୍ଗରୁ ସୃଷ୍ଟି ହେଲେ । ଜଳାଧାରରେ ସେମାନେ ଅଂଶୀୟ କଳା ନେଇ ଦ୍ରବ୍ୟ ରୂପରେ ଅବସ୍ଥାନ କରିଥିବାରୁ ସେଥିରେ ସ୍ନାନକଲେ ଅନନ୍ତ ଫଳ ପ୍ରାପ୍ତି ହୁଏ ବୋଲି ବର୍ଣ୍ଣିତ ହେଲା । ଶାପସମୟ ଅତିବାହିତ ହେବାପରେ ସେମାନେ ନିଜ ନିଜର କଳା ନେଇ ବୈକୁଣ୍ଠକୁ ଫେରିଗଲେ । ତେଣୁ ତାଙ୍କର ଅନୁପସ୍ଥିତରେ ସେହି ଜଳାଧାର କିପରି ପୂର୍ବପରି କଳୁଷନାଶିନୀ ହୋଇ ରହିଲା ? ଦୟାକରି ବୁଝାଇ ଦିଅନ୍ତୁ ।

ଜିଜ୍ଞାସୁର ମୂଢ଼ତା ଦେଖି ଚକ୍ରପାଣି ମୃଦୁମୃଦୁ ହସିଦେଲେ । ମାତ୍ର ମନରେ ଅଜ୍ଞାନୀ ପ୍ରତି ଦୟାବହି କହିଲେ-

ବ୍ରହ୍ମଙ୍କ ଆଜ୍ଞା ଶିରେ ନେଇ । ନଦୀ ଯେ ଯାଉଛନ୍ତି ବହି ।।
ଜଳର ଆକାର ଗୋଲୋକ । ସେଠାରୁ ସୃଷ୍ଟି ସର୍ବଲୋକ ।।
ସେହି ଜଳରୁ ଜାତ ହୋଇ । ବାରୁଣୀ ନାମ ତା ବୋଲଇ ।।
ତାଙ୍କରି ଦୃଷ୍ଟିର ପ୍ରଭାବେ । ଅକ୍ଷୟ ତୀର୍ଥ ଫଳ ଭବେ ।।
ବ୍ରହ୍ମ ଅଂଗରୁ ଜାତ ଯେଣୁ । ଅସୀମ ଶକ୍ତିମୟୀ ତେଣୁ ।।
ଯେବେଳେ ଯେଠାରେ ଯେ ଧାର । ବିଶ୍ୱାସେ ସ୍ନାନ କରେ ନର ।।
ବାରୁଣୀ କୃପା ଲାଭ କରେ । ଜନମ ଧନ୍ୟ ହୁଏ ତାରେ ।।
ଦେବୀଙ୍କ ବୈକୁଣ୍ଠ ଗମନ । ଅଟଇ ବିଧିର ବିଧାନ ।।

ବ୍ରହ୍ମଙ୍କ ଆଜ୍ଞାକୁ ବହନ କରି ନଦୀମାନେ ବହିଯାଉଛନ୍ତି । ଆଗରୁ ଜାଣିଛୁ ଗୋଲୋକଧାମ ହିଁ ଜଳର ଆକାର । ସେହି ଗୋଲୋକରୁ ସକଳ ଲୋକ ସୃଷ୍ଟି ହୋଇଅଛି । ତେଣୁ ଜଳ ହିଁ ବ୍ରହ୍ମଙ୍କର ଅନ୍ୟରୂପ । ସେହି ଜଳରାଶିର ଅଧିଷ୍ଠାତ୍ରୀ ଦେବୀ ବାରୁଣୀ । ବିଧିର ବିଧାନରେ ଦେବୀମାନେ ବୈକୁଣ୍ଠକୁ ଫେରିଗଲେ । କିନ୍ତୁ ବାରୁଣୀଙ୍କ ଦୃଷ୍ଟିର ପ୍ରଭାବରେ ନଦୀମାନଙ୍କର ପୂଣ୍ୟସ୍ନାନ ଫଳ ଅକ୍ଷୟ ହୋଇ ରହିଲା । ତେଣୁ ଯେ କୌଣସି ତୀର୍ଥରେ ପୂର୍ଣ୍ଣ ବିଶ୍ୱାସ, ଭକ୍ତି ଓ ସମର୍ପିତ ମନରେ ଯିଏ ସ୍ନାନ କରେ ବ୍ରହ୍ମଅଂଗସମ୍ଭୂତା ବାରୁଣୀଙ୍କ କୃପା ଲାଭ କରି ସିଏ ସେହି ସେହି ତୀର୍ଥସ୍ନାନ ଫଳ ପ୍ରାପ୍ତି ହୁଏ ।

ଏହା ଶୁଣି ଜିଜ୍ଞାସୁ ବିବ୍ରତ ହୋଇଗଲା । ତା' ମନରେ ପୁନରାୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଗଲା । ତେଣୁ କୃତାଞ୍ଜଳି ପୁଟରେ ପୁନଃ ପ୍ରାର୍ଥନା କଲା ।

ହେ ନାଥ ଭାଗ୍ୟର ବିଧାତା । କିପାଇଁ କୁହ କୂଟକଥା ।।
ଯେତେକ ଅଛି ଶାସ୍ତ୍ରବାଣୀ । ତୀର୍ଥରେ ଶ୍ରେଷ୍ଠ ସେ ବାରୁଣୀ ।।

ସ୍ନାନ ତ ନଦୀ ଧାରେ ହୁଏ । ତହିଁକୁ ଫଳପ୍ରାପ୍ତି ହୁଏ ।।
ବାରୁଣୀ ତୀର୍ଥ ନାମ ହେଲା । ଶାସ୍ତ୍ରକୁ ଜାଣି ତ ନହେଲା ।।
ତୁମେ ବି କହୁଛ ବାରୁଣୀ । ମନ ମୋ ହୁଏ ତେଣୁ ଗୁଣି ।।
କେଉଁଠି ବାରୁଣୀ ଅଛନ୍ତି । କି ଭାବେ ତୀର୍ଥରେ ମିଶନ୍ତି ।।
କିପରି ତାଙ୍କୁ ଜାଣି ହେବ । ହୋଇବ ମୋର ଅନୁଭବ ।।
କୁହ ହେ ସ୍ୱର୍ଣ୍ଣକ୍ଷେତ୍ର ପତି । ଶୁଣି ସ୍ଥିର ହେଉ ମୋ ମତି ।।

ହେ ନାଥ ! ତୁମେ ହିଁ ବିଧାତା । ମୋ ସଙ୍ଗେ ଏପରି କୁଟ କଥା କହି ଖେଳୁଛ କାହିଁକି ? ପୁରାଣ ଆଦି ଯେତେ ଶାସ୍ତ୍ର ଅଛି ସମସ୍ତେ ବାରୁଣୀ ତୀର୍ଥକୁ ଶ୍ରେଷ୍ଠ କରିଛନ୍ତି । ସ୍ନାନ ତର୍ପଣ ତ ନଦୀ, ମହୋଦଧିରେ ହୁଏ । ବାରୁଣୀ ନାମରେ ତ ନଦୀ ନାହିଁ । ତେଣୁ ନଦୀ ସ୍ନାନରେ ବାରୁଣୀ ତୀର୍ଥ କିପରି ହୁଏ ? କେଉଁଠାରେ ସେ ଦେବୀ ବାରୁଣୀ ଅଛନ୍ତି ? କିପରି ତାଙ୍କୁ ଜାଣିହେବ ? ଅନୁଭବ କରିହେବ ? ଦୟାକରି ବୁଝାଇ ଦିଅନ୍ତୁ ।

ଏହା ଶୁଣି ମନ୍ଦହାସ ଶ୍ୟାମ ଘନରୂପ କଲ୍ୟାଣମୟ ଠାକୁର କହିଲେ :

ଯେଉଁ ବିଷୟ ପାଇଁ ମନ । ଦେଇ ଅଥୟ ହେଉ ଧନ ।।
ତା ଅଟେ ଗହନର କଥା । ଶୁଣିଲେ ଘୁରି ଯିବ ମଥା ।।
କେବଳ ଧ୍ୟାନ ଯୋଗ ପଥେ । ସେ ଜ୍ଞାନ ଆସଇ ତୁରିତେ ।।
ସମାଧି ବିନା ଅସମ୍ଭବ । ପାଏନା କେହି ଅନୁଭବ ।।
ଯେବେ ତୁ ପଚାରୁଛୁ ଶୁଣ । ସ୍ଥିର ଚିତ୍ତରେ ମନେ ଗୁଣ ।।
ଶାପ ଭୋଗର ଅନ୍ତକାଳେ । ଯେଦେବୀ ଥିଲେ ନଦୀଜଳେ ।।
ଫେରିଲେ ବୈକୁଣ୍ଠେ ବିଧାନେ । ରଖିଲେ ଛାୟା ସେହି ସ୍ଥାନେ ।।
ଜାଣିଲେ ସୁର ସୂକ୍ଷ୍ମ ଯୋଗୀ । ଯେଣୁ ଅଟନ୍ତି ଅନୁଭବି ।।
ଜୀବ ଜଗତ ଦୁଃଖ ଦେଖି । ହୋଇଲେ ଅତି ନିରିମାଖୀ ।।
ସୂକ୍ଷ୍ମରେ ଗଲେ ସେ ଗୋଲୋକ । ସ୍ତୁତି କରିଲେ ସର୍ବଲୋକ ।।
ଦେବୀ ତ ନାହାନ୍ତି ତୀର୍ଥରେ । କିପରି ରହିବ ଧରାରେ ।।
ତେଣୁ ହେ ସର୍ବଲୋକ ପତି । ଉପାୟ କର ତୀର୍ଥ ଗତି ।।
ସ୍ତୁତିରେ ସନ୍ତୁଷ୍ଟ ହୋଇଲେ । ତଥାସ୍ତୁ ବୋଲିଣ କହିଲେ ।।

ଯେଉଁ ବିଷୟ ପାଇଁ ମନ କରିଛୁ ତାହା ଅତି ଗହନର କଥା । ଯୋଗୀ ଧ୍ୟାନ ବଳରେ ସମାଧିସ୍ଥ ନହେଲେ ତାହା ଅନୁଭବ କରିପାରିବ ନାହିଁ । ତଥାପି ଯେତେବେଳେ ଜାଣିବାକୁ ଇଚ୍ଛା କରିଛୁ ସଂକ୍ଷେପରେ ବୁଝାଇ ଦେଉଛି ଶୁଣ । ଅଭିଶାପ ପୂର୍ଣ୍ଣହେବା ପରେ ଦେବୀମାନେ ଯେତେବେଳେ ତାଙ୍କର ଛାୟାକୁ ନଦୀଜଳାଧାରରେ ରଖି ବୈକୁଣ୍ଠକୁ ଫେରିଗଲେ, ଦେବତା, ସୂକ୍ଷ୍ମ ଯୋଗୀ, ମୁନି, ଋଷି ଆଦି ଦିବ୍ୟଦ୍ରଷ୍ଟାମାନେ ତାହା ଜାଣିପାରିଲେ । ଦେବୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ବିନା ତୀର୍ଥସ୍ଥାନ ଅସମ୍ପୂର୍ଣ୍ଣ ହୋଇଯିବ ଓ ଜୀବଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବ ଏହାଜାଣି ସେମାନେ ଗୋଲୋକାଧିପତିଙ୍କୁ ପ୍ରାର୍ଥନାକଲେ ଏହାର କୌଣସି ବିକଳ୍ପ ଉପାୟ ସୃଷ୍ଟିକରି ବଦ୍ଧଜୀବ, ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ । ମହାମନିଷୀମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ପରଂବ୍ରହ୍ମ ନିରାକରଣ ଉପାୟ କରିବା ପାଇଁ ସମ୍ମତି ଦେଲେ ।

ନିଜ ଇଚ୍ଛାରେ ନିଜ ସୃଷ୍ଟି । ନିତ୍ୟ ରଚନ୍ତି ପରମେଷ୍ଟୀ ।।
ଭକ୍ତଙ୍କ କାତର ମିନତି । ଅସ୍ଥିର କଲା ତାଙ୍କ ମତି ।।
ନିଜର ଅଙ୍ଗରୁ ସମ୍ଭୂତ । ଭୂମା ରୂପରେ ହେଲେ ସ୍ଥିତ ।।
ବ୍ରହ୍ମ କଳାକୁ ଥାପି ଦେଲେ । ମଣ୍ଡଳଟିଏ ସୃଷ୍ଟିକଲେ ।।
ଭୂମାଙ୍କ ନାମ 'ପୂତପର୍ଣ୍ଣା' । ଅପୂର୍ବ ଜ୍ୟୋତି ଶୁଭ୍ରବର୍ଣ୍ଣା ।।
ବ୍ରହ୍ମଙ୍କ ଆଜ୍ଞା ପୂର୍ଣ୍ଣପାଇଁ । ସଦାଜାଗ୍ରତ ହେଲେ ସେହି ।।
ଅସଂଖ୍ୟ ବ୍ରହ୍ମ କଳା ରେଣୁ । ଝରିଲା କୋଣୁ ଅନୁକୋଣୁ ।।
ପବିତ୍ର ଚିନ୍ତା ସୁଚଳନି । ଜୀବ ଉଦ୍ଧାର ମନେ ଘେନି ।।
ତିଥି, ନକ୍ଷତ୍ର, ବାର, ମାସ । ମଣ୍ଡଳେ ସୂକ୍ଷ୍ମ ପରକାଶ ।।
ସପତ ଲୋକ ପୀଠ କ୍ଷେତ୍ର । ସୂକ୍ଷ୍ମରେ ବିରାଜେ ସର୍ବତ୍ର ।।
ମହୋଦଧି ଓ ନଦୀଧାର । ଜ୍ୟୋତି ରେଣୁରେ ଭରପୁର ।।

ପରମେଷ୍ଟି ତାଙ୍କ ନିଜ ଇଚ୍ଛାରେ ଏ ସୃଷ୍ଟି ରଚନା କରିଛନ୍ତି । ଦେବୀଙ୍କ ଅବର୍ତ୍ତମାନରେ ମର୍ତ୍ତ୍ୟଭୂମି ଜୀବଜଗତଙ୍କ ଦାରୁଣ ଦୁର୍ଦ୍ଦଶାରେ ବ୍ୟାକୁଳିତ ଭକ୍ତମାନଙ୍କର କାତର ପ୍ରାର୍ଥନାରେ ସେ ଦ୍ରବୀଭୂତ ହୋଇ **ପୂତପର୍ଣ୍ଣା** ନାମକ ଭୂମା ରୂପରେ ଆବିର୍ଭାବ ହେଲେ ଓ ଇଚ୍ଛାନୁଯାୟୀ ଧବଳବର୍ଣ୍ଣର ଜ୍ୟୋତିରେ ପୂର୍ଣ୍ଣ ହୋଇ ଏକ ମଣ୍ଡଳ ସୃଷ୍ଟି ହୋଇଗଲା । ଭୂମାଙ୍କ ନାମ ଅନୁସାରେ ଏହି ମଣ୍ଡଳର ନାମ **ପୂତପର୍ଣ୍ଣା** ମଣ୍ଡଳ ହେଲା । ବ୍ରହ୍ମଙ୍କ ରୂପାନ୍ତରିତ ରୂପ ଏହି ଭୂମା ଅସଂଖ୍ୟ ବ୍ରହ୍ମ କଳା ଧାରଣ କଲେ । ପବିତ୍ର ଚିନ୍ତା, ସୁଚଳନି ଆଦି ସମସ୍ତ ସୁଗୁଣ ଏଠାରେ ଗଚ୍ଛିତ ହୋଇ ରହିଲା । ଜ୍ୟୋତି ମାଧ୍ୟମରେ ମହୋଦଧି, ନଦୀଧାର, ସପ୍ତଲୋକ, ସର୍ବପୀଠ, ସର୍ବକ୍ଷେତ୍ର, ସର୍ବତୀର୍ଥ, ତିଥି, ନକ୍ଷତ୍ର, ବାର, ମାସ ଇତ୍ୟାଦି ମଣ୍ଡଳ ସହିତ ସଂଯୋଗ ସ୍ଥାପନ ହେଲା । ଫଳରେ ସେହି ସ୍ଥାନମାନଙ୍କରେ ପୂତପର୍ଣ୍ଣାଭୂମାଙ୍କର ସୂକ୍ଷ୍ମଜ୍ୟୋତି ପ୍ରତିଷ୍ଠିତ ହେଲା ।

ମହାବ୍ରହ୍ମଙ୍କ ଆଜ୍ଞାନେଇ । ବାରୁଣୀ ଗୋଲୋକୁ ଓହ୍ଲାଇ ।।
ପ୍ରବେଶି ଏହି ମଣ୍ଡଳରେ । ରହିଲେ ଭୂମାଙ୍କ ଆଜ୍ଞାରେ ।।
ଷୋଡ଼ଶକଳାର ଆକୃତି । ନେଇ ଭୂମାରେ କଲେ ସ୍ଥିତି ।।
ହରିଦ୍ରା ଲାଲ୍ ବର୍ଣ୍ଣ ନେଇ । ରଚିଲେ ନିତ୍ୟ ଲୀଳା ତହିଁ ।।
ସହସ୍ର ଅଂଶୁରେ ପ୍ରକାଶ । ସୂକ୍ଷ୍ମରେ ମର୍ତ୍ତ୍ୟକୁ ପ୍ରବେଶ ।।
ସପତ ଲୋକ ପଥଦେଇ । ଆସନ୍ତି ଧରାକୁ ଓହ୍ଲାଇ ।।
ମର୍ତ୍ତ୍ୟଧାମର ତୀର୍ଥ ପୀଠ । ମହିମାପୀଠ ଗୁରୁପୀଠ ।।
କ୍ଷେତ୍ର ଓ ଧାମ ଯେତେଅଛି । ମହିମା ଯହିଁ ପ୍ରକାଶିଛି ।।
ବାରୁଣୀ ଅଂଶୁ ବିଚ୍ଛୁରିତ । କୃପା ଝରଇ ଅବିରତ ।।

ପୂତପର୍ଣ୍ଣା ଭୂମା ମଣ୍ଡଳ ସୃଷ୍ଟିପରେ **ପରମେଶ୍ୱର ଗୋଲୋକରୁ ବାରୁଣୀଙ୍କୁ ଆଜ୍ଞା** ପ୍ରଦାନ କଲେ । ସେହି ଆଦେଶ ଅନୁଯାୟୀ ବାରୁଣୀ ଏହି ମଣ୍ଡଳକୁ ଓହ୍ଲାଇ ଆସିଲେ । ସେହି ସମୟରୁ ହରିଦ୍ରା ଓ ଲାଲ୍ ବର୍ଣ୍ଣର ଜ୍ୟୋତିରେ ଷୋଡ଼ଶକଳାର ଆକୃତି ନେଇ ଉକ୍ତ ମଣ୍ଡଳରେ ଭୂମାଙ୍କ ସହ ନିତ୍ୟ ଲୀଳା କରୁଛନ୍ତି । ଏଠାରେ ବାରୁଣୀଙ୍କର ଏକହଜାର ଅଂଶୁ ଜ୍ୟୋତି ବିଚ୍ଛୁରିତ ହୋଇ ରହିଛି । ଏହି ବ୍ରହ୍ମଅଂଶୁ ସପ୍ତଲୋକ ପଥ ଦେଇ ମର୍ତ୍ତ୍ୟଧାମର ତୀର୍ଥ, ପୀଠ, ଗୁରୁପୀଠ, ଧାମ, ମହିମା ପୀଠ, ବଟକ୍ଷେତ୍ର, ମହିମାସ୍ପୃଷ୍ଟ ଦେବତା ମନ୍ଦିର ଆଦି ପବିତ୍ର ସ୍ଥାନ ମାନଙ୍କରେ ପ୍ରବେଶ କରେ । ତେଣୁ ସେହି ସ୍ଥାନରେ ବାରୁଣୀଙ୍କର କୃପା ସର୍ବଦା ପୂର୍ଣ୍ଣ ହୋଇ ରହିଲା ।

ତିଥି, ନକ୍ଷତ୍ର, ବାର ଯୋଗ । ତୀର୍ଥରେ ସ୍ନାନ କାଳ ଭୋଗ ।।
ବ୍ରହ୍ମ ଆଦେଶ ଆଜ୍ଞା ନେଇ । ବାରୁଣୀ ଅଂଶୁ ଯାଏ ତହିଁ ।।
ଯାହାର ଯେଉଁ ଭାବ ଥାଏ । ଆଶିଷ ସେହିପରି ଦିଏ ।।
ତେଣୁ ସମସ୍ତ ତୀର୍ଥ ସ୍ଥାନ । ଅକ୍ଷୟ କୀର୍ତ୍ତିରେ ମହାନ ।।
ଅମ୍ଳାନ ହୋଇ ରହିଅଛି । ସ୍ନାନାଦି ଫଳ ଦେଉଅଛି ।।

ଶାସ୍ତ୍ରରେ ଆଲୋଚିତ ତୀର୍ଥ ସ୍ନାନ ସମୟରେ ତିଥି, ନକ୍ଷତ୍ର, ବାର ଆଦି ଯୋଗ ଅନୁସାରେ ବାରୁଣୀଙ୍କ ସୂକ୍ଷ୍ମ ଅଂଶୁ ସେଠାରେ ଉପସ୍ଥିତ ହୋଇ ସ୍ନାନ କରୁଥିବା ବ୍ୟକ୍ତିର ଭାବ ଅନୁସାରେ ଆଶିଷ ପ୍ରଦାନ କରନ୍ତି । ତେଣୁ ଦେବୀମାନେ ବୈକୁଣ୍ଠକୁ ଫେରି ଯାଇଥିଲେ ମଧ୍ୟ ନଦୀ ଧାରର ପବିତ୍ରତା, ତୀର୍ଥର ମହାନତା ଅମ୍ଳାନ, ଅକ୍ଷୟ ହୋଇ ରହିଅଛି ।

ଚୈତ୍ରରକୃଷ୍ଣ ତ୍ରୟୋଦଶୀ । କୁମ୍ଭରେ ପ୍ରକାଶିତ ଶଶୀ ।।
ନକ୍ଷତ୍ର ଶତଭିଷା ନାମ । ନିର୍ମିତ ବାରୁଣୀଙ୍କ ଧାମ ।।
ଏ ଦିନ ପ୍ରାତ ସମୟରେ । ଯେ ତୀର୍ଥ ସ୍ନାନକୁ ଆଚରେ ।।
ବାରୁଣୀ ସ୍ନାନ ତାକୁ କହି । ସ୍ନାନେ ଅଲଭ୍ୟ ଫଳ ପାଇ ।।
ଏହି ନକ୍ଷତ୍ର ସଂଗେ ଶନି । ବାରଟି ଯଦି ଯୁକ୍ତ ଜାଣି ।।
ମହାବାରୁଣୀ ଯୋଗ ହୁଏ । ସ୍ନାନେ ବୈକୁଣ୍ଠ ପ୍ରାପ୍ତ ହୁଏ ।।
ଏ ଦିନ ପୂତପର୍ଣ୍ଣା ଭୂମା । ମଣ୍ଡକୁ ବରୁଣଙ୍କ ବାମା ।।
ସହସ୍ର ଅଂଶୁ ବିରାଜନ୍ତି । ମର୍ତ୍ତ୍ୟେ ତୀର୍ଥରେ ପ୍ରକାଶନ୍ତି ।।

ଚୈତ୍ରମାସର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି, ଶତଭିଷା ନକ୍ଷତ୍ର ସହିତ କୁମ୍ଭରେ ଚନ୍ଦ୍ରସ୍ଥିତ, ଶନିବାରରେ ବାରୁଣୀଙ୍କ ପୂତପର୍ଣ୍ଣା ମଣ୍ଡଳ ସୃଷ୍ଟି ହୋଇଥିଲା । ତେଣୁ ଶତଭିଷା ନକ୍ଷତ୍ରକୁ ମଧ୍ୟ ବାରୁଣୀ ବୋଲି କହିଥାନ୍ତି । ଏହି ଦିନକୁ ସେଥିପାଇଁ ମହାବାରୁଣୀ ଯୋଗ ବୋଲି କହନ୍ତି । ଏହି ଦିନ ବାରୁଣୀ ସହସ୍ର ଅଂଶୁରେ ପୂର୍ଣ୍ଣ ହୋଇ ସର୍ବଲୋକ ତଥା ମର୍ତ୍ତ୍ୟର ସକଳ ତୀର୍ଥ ଧାମ, ପୀଠ ଇତ୍ୟାଦିରେ ପ୍ରକାଶିତ ହୋଇଥାନ୍ତି ଓ ତାଙ୍କର କୃପା ପୂର୍ଣ୍ଣଭାବରେ ସେହି ପବିତ୍ର ସ୍ଥାନମାନଙ୍କରେ ବିଚ୍ଛୁରିତ ହୋଇଥାଏ । ତେଣୁ ଏହିଦିନ ବିଶ୍ୱାସ ଓ ଭକ୍ତି ମନନେଇ ଯେଉଁ ବ୍ୟକ୍ତି ତୀର୍ଥ ସ୍ନାନ କରିଥାଏ ସେ ଅନନ୍ତଫଳ ପ୍ରାପ୍ତ ହୋଇ ଶେଷରେ ବୈକୁଣ୍ଠରେ ସ୍ଥାନ ପାଏ । ଯଦି ଶତଭିଷା ନକ୍ଷତ୍ର ସହ ଶନିବାର ଯୋଗ ନ ହୋଇଥାଏ ତେବେ ତାହାକୁ କେବଳ ବାରୁଣୀ ସ୍ନାନଯୋଗ ବୋଲି କହନ୍ତି । ଏହି ଦିବସ ସ୍ନାନ ମଧ୍ୟ ଦୁର୍ଲଭ ଫଳ ପ୍ରଦାନ କରି ଜନ୍ମଜନ୍ମାନ୍ତର ପାପ ଧ୍ୱଂସ କରିଥାଏ ।

ପ୍ରଭୁଙ୍କ ଶ୍ରୀମୁଖରୁ ବାରୁଣୀ ସଂପର୍କିତ ଅଧରାମୃତ ପାନକରି ଜିଜ୍ଞାସୁ ପୁନଶ୍ଚ ଅଳିକଲା :

ହେ ପ୍ରଭୁ ମହିମା ସାଗର । ଦୟା କ୍ଷମାର ପାରାବାର ।।
କହିଲ ବାରୁଣୀ ମହିମା । କୃପାର ତାଙ୍କ ନାହିଁ ସୀମା ।।
ଯୋଗରବିନା ସେ ଅଜଣା । ସର୍ବେ ହୁଅନ୍ତି ବାଟ ବଣା ।।
ଯୋଗୀ କିପରି ଦେଖିପାରେ । ଅନୁଭବରେ ଜାଣିପାରେ ।।
ଦର୍ଶନେ କେଉଁ ଫଳ ପାଏ । ମନ ମୋ ବ୍ୟାକୁଳିତ ହୁଏ ।।
କରୁଣା କରି କହିଦିଅ । ମନୁ ସନ୍ଦେହ ଫେଡିଦିଅ ।।

ହେ ପ୍ରଭୁ ମହିମା ସାଗର ! ବାରୁଣୀଙ୍କ ଅପାର ମହିମା ଶ୍ରୀମୁଖରୁ ଶ୍ରବଣ କରି ଧନ୍ୟ ହୋଇଗଲି । କିନ୍ତୁ ମନରେ ଅବଶୋଷ ରହିଯାଉଛି । କାରଣ ଯୋଗୀର ସମାଧି ଅବସ୍ଥା ବ୍ୟତୀତ ତାଙ୍କୁ ଅନୁଭବ କରିବା ସମ୍ଭବ ନୁହେଁ ବୋଲି କହିଲ । ଯୋଗୀ କିପରି ପିଣ୍ଡରେ ତାଙ୍କର ଦର୍ଶନ କରେ ? ଦର୍ଶନ ପରେ କେଉଁ ଫଳ ପ୍ରାପ୍ତ ହୁଏ ? କରୁଣାକରି ବୁଝାଇ ଦିଅ ।

**କରୁଣାମୟ ଠାକୁରେ କହିଲେ :**

**ସେ ତତ୍ତ୍ୱ ଅତୀବ କଠିନ । ସାଧନ ସୂତ୍ରେ ଦେଲେ ମନ ।।**
**ପିଣ୍ଡତତ୍ତ୍ୱରେ ଜାଣି ହୁଏ । ଧ୍ୟାନରେ ସବୁ ଦେଖାଯାଏ ।।**
**ପିଣ୍ଡରେ ଥିବା ଜଳଭାଗ ।** ମାୟାର ସ୍ନାୟୁକୋଷ ମାର୍ଗ ।।
**ଆୟତ୍ତ କରି ରଖିଥାଏ ।** ସ୍ୱଧୀୟ ସ୍ନାୟୁ ବାନ୍ଧିଥାଏ ।।
ସ୍ୱଧୀୟେ ସତ୍ତ୍ୱ ରଜ ତମ । ସ୍ୱାଧୀ ପ୍ରକୃତି ପାଇଁ ବାମ ।।
**ବନ୍ଧନ କରି** ରଖିଥାଏ । ଜୀବ ଚେତନ ହଜିଥାଏ ।।
ସାଧକ ଯୋଗୀ ଯୋଗାଭ୍ୟାସେ । ପ୍ରକୃତି ସଂଯମ ଅଭ୍ୟାସେ ।।
ଯଦି ସଂଯମ ପ୍ରାପ୍ତ ହୁଏ । ପିଣ୍ଡରେ ତେଜ ସୃଷ୍ଟି ହୁଏ ।।
ସେହି ତେଜର ପ୍ରଭାବରେ । ଦୂଷିତ ଜଳୀୟ କଣାରେ ।।
ବାଷ୍ପ ସର୍ଜନା ହୋଇଯାଏ । ବାୟୁମଣ୍ଡଳେ ଚାଲିଯାଏ ।।
ଯେ ବେଳେ ଏହି କ୍ରିୟା ହୁଏ । ତାକୁ ବାରୁଣୀ ଯୋଗ କହେ ।।
ପିଣ୍ଡୁ ଦୂଷିତ ଜଳରାଶି । ଯେ ବେଳେ ବାଷ୍ପରେ ପ୍ରକାଶି ।
ତାହାକୁ ତୀର୍ଥ ସ୍ନାନ କହି । ଯହିଁରେ ଶୁଦ୍ଧତା ଆସଇ ।।
ଦୂଷିତ ନିର୍ଗତ ହୋଇଲେ । ପିଣ୍ଡ ନିର୍ମଳ ହୋଇଗଲେ ।।
ସ୍ୱଧୀୟ ସ୍ନାୟୁ ଗୁଣତ୍ରୟ । ହୁଅନ୍ତି ବିଧାନରେ ଥୟ ।।
ସ୍ୱାଧୀ ପ୍ରକୃତି ନିୟନ୍ତ୍ରିତ । ସଂଯମେ ହେଇଯାନ୍ତି ସ୍ଥିତ ।।
ଏହି ସମୟେ ସେ ସ୍ୱଧୀୟ । ସ୍ୱଚ୍ଛ ନିର୍ମଳ ଯୁକ୍ତ ଦେହ ।।
ଗୋଲାପରଙ୍ଗ ଜ୍ୟୋତି ନେଇ । ପିଣ୍ଡ ମଧ୍ୟରେ ବିରାଜଇ ।।
ଦୂଷିତ କୁଭାବ କୁଚିନ୍ତା । ଚକ୍ରୀ ଭାବନା ଓ ଦୁଷ୍ଟିନ୍ତା ।।
ଆପେ ଦମନ ହୋଇଯାନ୍ତି । ପିଣ୍ଡର ସେ ସ୍ୱାଧୀ ପ୍ରକୃତି ।।
ପବିତ୍ର ଜଳଭାଗେ ରହି । ନିରୀହ ସରଳ ଯେ ହୋଇ ।।
ପୂତପର୍ଣ୍ଣା ଯେ ବ୍ରହ୍ମରୂମା । ଆବର ବରୁଣଙ୍କ ବାମା ।।
ଏ ବେଳେ ଦିଅନ୍ତି ଦର୍ଶନ । କରନ୍ତି ଆଶିଷ ପ୍ରଦାନ ।।
ସେହି ଆଶିଷ ଶକ୍ତି ବଳେ । ଆତ୍ମା ତା' ରହଇ ନିଷ୍ଠଳେ ।।
କ୍ରମରେ ସମାଧିସ୍ଥ ହୁଏ । ପରଂବ୍ରହ୍ମଙ୍କୁ ପ୍ରାପ୍ତ ହୁଏ ।।
ଏହାକୁ ସ୍ନାନ ଫଳ କହି । ସଂକ୍ଷେପେ ଦେଲି ମୁଁ ବୁଝାଇ ।।

ପିଣ୍ଡମଧ୍ୟରେ ଏହି ତତ୍ତ୍ୱ ଅତୀବ କଠିନ, ଅବୋଧ ଅଟେ । କଠୋର ସାଧନ ସୂତ୍ରରେ ମଜ୍ଜିରହିଲେ ଜାଣିହୁଏ । ପିଣ୍ଡରେ ଥିବା 'ଜଳୀୟ ଅଂଶ' ମାୟାର ସ୍ନାୟୁକୋଷକୁ ଆୟତ୍ତ କରି ରଖିଥାଏ । ଫଳରେ ସ୍ୱଧୀୟ ସ୍ନାୟୁରେ ଥିବା

ଗୁଣତ୍ରୟ ସତ୍ତ୍ୱ, ରଜ, ତମର ଭାବ ସ୍ୱାଧୀ ପ୍ରକୃତିକୁ ଦୂଷିତ କରିଦିଏ । ସାଧକ ଯୋଗୀ ଯେତେବେଳେ ପ୍ରକୃତି ସଂଯମ ଅଭ୍ୟାସ କରି ସାଧନ କରେ, ପୂତପର୍ଣ୍ଣା ଭୂମାଙ୍କ ଆଶିଷରେ ଶରୀରରେ ତେଜ ସୃଷ୍ଟି ହୁଏ । ସେହି ତେଜର ପ୍ରଭାବରେ ପିଣ୍ଡସ୍ଥ ଦୂଷିତ ଅଂଶ ବାଷ୍ପରେ ପରିଣତ ହୋଇ ବାୟୁମଣ୍ଡଳକୁ ଚାଲିଯାଏ । ଏହାକୁ ପିଣ୍ଡରେ ତୀର୍ଥସ୍ନାନ କହନ୍ତି । ଯେତେବେଳେ ପୂତପର୍ଣ୍ଣା ଭୂମାଙ୍କ ଆଶୀର୍ବାଦରେ ଏହି ସଂସ୍କାର କାର୍ଯ୍ୟ ପିଣ୍ଡରେ ଚାଲେ, ତାହାକୁ ବାରୁଣୀ ଯୋଗ କହନ୍ତି । ତୀର୍ଥସ୍ନାନ ରୂପକ ଶୋଧନ କ୍ରିୟାରେ ପିଣ୍ଡର ଦୂଷିତ ଜଳୀୟ ଅଂଶ ନିର୍ଗତ ହୋଇଗଲେ ପିଣ୍ଡ ନିର୍ମଳ ସ୍ୱଚ୍ଛ ହୋଇଯାଏ । ସ୍ୱଧୀୟ ସ୍ନାୟୁ ପବିତ୍ର ହୋଇ ସ୍ୱାଧୀ ପ୍ରକୃତି ସଂଯମ ହୋଇଯାଏ । ଏହି ସମୟରେ ସ୍ୱଧୀୟ ସ୍ନାୟୁ ଗୋଲାପରଙ୍ଗ ଜ୍ୟୋତି ନେଇ ବିରାଜିତ ହୁଏ । ଦୂଷିତ ଭାବ, କୁଚିନ୍ତା, ଚକ୍ରୀଭାବନା ଦୁଶ୍ଚିନ୍ତା ଆଦି ଆପେ ଆପେ ଦମନ ହୋଇଯା'ନ୍ତି । ଏହି ଅବସ୍ଥାରେ ଯୋଗୀ ପୂତପର୍ଣ୍ଣା ଭୂମା ଓ ବରୁଣଙ୍କ ବାମା ବାରୁଣୀଙ୍କ ଦର୍ଶନ ପାଏ, ଆଶୀର୍ବାଦ ଲାଭକରେ । ସେହି ଆଶିଷ ବଳରେ କ୍ରମେ ଯୋଗୀ ସମାଧିସ୍ଥ ହୁଏ ଓ ପରଂବ୍ରହ୍ମଙ୍କୁ ପ୍ରାପ୍ତ ହୁଏ । ଏହାକୁ ପିଣ୍ଡତତ୍ତ୍ୱରେ ବାରୁଣୀଯୋଗର ତୀର୍ଥ ସ୍ନାନ ଫଳ ବୋଲି କହନ୍ତି ।

**ଯୁଗର ପୂଣ୍ୟବଳ ନେଇ । ବାରୁଣୀ ବର୍ଣ୍ଣ ବଦଳାଇ ।।**
**ସତ୍ୟରେ ଧବଳ ବରନ । ତ୍ରେତାରେ ସେହୁ ନୀଳବର୍ଣ୍ଣ ।।**
**ଦ୍ୱାପରେ ଗୈରୀକ ହୁଅନ୍ତି । କଳିରେ ହରିଦ୍ରାରେ ଥାନ୍ତି ।।**
**ସ୍ନାନ ସମୟ ତିଥି ଭାବ । ଜୀବର ଅବସ୍ଥା ସ୍ୱଭାବ ।।**
**ସକଳ ବିଚାରକୁ ନେଇ । ଧୂସର ବର୍ଣ୍ଣ ହୋଇଥାଇ ।।**
**ସତ୍ୟ ତ୍ରେତୟା ଦ୍ୱାପରର । ତୀର୍ଥରେ ସ୍ନାନ ଉପଚାର ।।**
**ପିଣ୍ଡର ପ୍ରାଣ ଶକ୍ତି ନେଇ । ସଦା ସତେଜ ଥାନ୍ତି ରହି ।।**
**ସତ୍ୟେ ପିଣ୍ଡର ପ୍ରାଣଶକ୍ତି । ମସ୍ତକ ମଜ୍ଜାରେ ଥାଆନ୍ତି ।।**
**ତ୍ରେତାରେ ଅସ୍ଥି ମଜ୍ଜା ମଧ୍ୟେ । ଦ୍ୱାପରେ ରହେ ଅସ୍ଥି ମଧ୍ୟେ ।।**
**କଳିରେ ଚର୍ମ ତଳେ ଥାଇ । ତେଣୁ ସାଧନ ଯୁଗ ନୋହି ।।**
**ଯୁଗର ଏହି ବିବର୍ତ୍ତନ । ବାରୁଣୀ ରଙ୍ଗ ହୁଏ ଭିନ ।।**
**ପୂର୍ବଯୁଗରେ ସ୍ଥୂଳସ୍ନାନ । ଆଚରୁ ଥିଲେ ସ୍ୱଚ୍ଛ ଜନ ।।**
**ବହୁଳ ପିଣ୍ଡତତ୍ତ୍ୱେ ରସି । ଧ୍ୟାନରେ ନିଷ୍ଠେ ନିବେଶି ।।**
**କରୁଥିଲେ ସେ ତୀର୍ଥସ୍ନାନ । ଫଳ ପ୍ରାପ୍ତିରେ ଦୃଢମନ ।।**
**ମନ୍ତ୍ରରେ ସ୍ନାନ କରି ଜୀବ । ପ୍ରାପ୍ତ ହୁଅଇ ମହାଭାବ ।।**
**କଳିରେ ସବୁ ବିପରୀତ । ମନ୍ତ୍ରରେ ସ୍ନାନ ହୁଏ ବ୍ୟର୍ଥ ।।**
**ତେଣୁ କେବଳ ସ୍ଥୂଳସ୍ନାନ । ସାମାନ୍ୟ ଫଳ ପାଏ ଜନ ।।**

ଯୁଗର ପୂଣ୍ୟବଳ ନେଇ ବାରୁଣୀଙ୍କର ବର୍ଣ୍ଣ ପରିବର୍ତ୍ତନ ହୁଏ । ସତ୍ୟଯୁଗରେ ତାଙ୍କର ବର୍ଣ୍ଣ ଧବଳ, ତ୍ରେତାରେ ନୀଳ, ଦ୍ୱାପରରେ ଗୈରୀକ ଓ କଳିରେ ହରିଦ୍ରା ବର୍ଣ୍ଣ ହୋଇଥାଏ । ସ୍ନାନ ସମୟରେ ତିଥି ଭାବକୁ ନେଇ ସେ ଧୂସର ବର୍ଣ୍ଣ ଧାରଣ କରିଥାନ୍ତି । ଯୁଗାନୁସାରେ ପିଣ୍ଡସ୍ଥ ପ୍ରାଣଶକ୍ତିର ସ୍ଥିତିକୁ ନେଇ ବାରୁଣୀ ତୀର୍ଥସ୍ନାନ ଫଳ ପ୍ରାପ୍ତ ହୋଇଥାଏ । ସତ୍ୟଯୁଗରେ ପ୍ରାଣଶକ୍ତି ସହସ୍ରାରଚକ୍ରସ୍ଥିତ ମଜ୍ଜାମଧ୍ୟରେ ଥାଏ । ତ୍ରେତାରେ ଅସ୍ଥିମଧ୍ୟସ୍ଥ ମଜ୍ଜା, ଦ୍ୱାପରରେ ଅସ୍ଥିରେ ରହେ । କଳିରେ ପ୍ରାଣଶକ୍ତି ଚର୍ମତଳେ ରହିଥାଏ । ତେଣୁ ସାଧନକ୍ଷମ ହୋଇପାରେ ନାହିଁ । ପୂର୍ବଯୁଗରେ ସ୍ଥୂଳସ୍ନାନ

ଖୁବ୍ କମ୍ ବ୍ୟକ୍ତି କରୁଥିଲେ । କାରଣ ପ୍ରତିଦିନ ମନ୍ତ୍ରସ୍ନାନ କରି ପିଣ୍ଡତତ୍ତ୍ୱରେ ସେମାନେ ତୀର୍ଥସ୍ନାନ ଫଳ ପାଉଥିଲେ । କିନ୍ତୁ କଳିଯୁଗରେ ମନ୍ତ୍ରସ୍ନାନ ସଂପୂର୍ଣ୍ଣ ନିଷ୍ଫଳ ହେଉଅଛି । ତେଣୁ କେବଳ ସ୍ଥୂଳସ୍ନାନ ଦ୍ୱାରା କିଂଚିତ୍ ଫଳ ପ୍ରାପ୍ତି ହୁଏ ।

ଅଦ୍ୟାବଧି ଧରାପୃଷ୍ଠକୁ ଆସିନଥିବା ପିଣ୍ଡ ବାରୁଣୀ ତୀର୍ଥ ଓ ବାରୁଣୀଙ୍କ ମଣ୍ଡଳୀୟ ଜ୍ଞାନତତ୍ତ୍ୱ ପ୍ରଭୁଙ୍କ ଶ୍ରୀମୁଖରୁ ଶ୍ରବଣ କରି ସେବକ ନିଜକୁ ଧନ୍ୟ ମନେ କଲା । ବାରମ୍ୱାର ସ୍ତୁତି ପ୍ରାର୍ଥନା କଲା । ଶେଷରେ ଭକ୍ତିପୂତ ମନରେ ଜିଜ୍ଞାସା କଲା :

ହେ ନାଥ ଅଗତିର ଗତି । ତୁମ ବିହୁନେ ନାହିଁ ସ୍ଥିତି ।।
ନିଜ ଇଚ୍ଛାରେ ନିଜ ଖେଳା । ବୁଝିବ କିଏ ତୁମ ଲୀଳା ।।
ବାରୁଣୀ ତୀର୍ଥ ନଦୀ ସ୍ନାନ । କରୁଣା ବଳେ ଉନ୍ମୋଚନ ।।
କରିଲ ଆହେ ପ୍ରାଣଈଶ । କଟିଲା ମତୁ ମୋର ବିଷ ।।
ଏଥର ସ୍ୱାମୀ କୃପା କର । ଏ ଯେଉଁ ଯଜ୍ଞ ଇନ୍ଦୁପୁର ।।
କୈବଲ୍ୟ ବିଶ୍ୱଶାନ୍ତି ପାଇଁ । କାହାକୁ କହନ୍ତି ଗୋସାଇଁ ।।
ତା ସହ ବାରୁଣୀର ତୀର୍ଥ । କିସ ବା ଅଟେ ଯାର ଅର୍ଥ ।।
କିପାଇଁ ଇନ୍ଦୁପୁରେ ହୁଏ । ରହସ୍ୟ ବୁଝିତ ନହୁଏ ।।
କାରଣ ଖୋଲି କହିଦିଅ । ଦୀନଜନରେ କୃପା ଦିଅ ।।

ହେ ପ୍ରଭୁ ! ତୁମେ ନିଜେ ନିଜ ଇଚ୍ଛାରେ ଖେଳା ଲୀଳା କରୁଛ । କିଏ ବା ତା'ର ରହସ୍ୟ ବୁଝିବ ? ତୀର୍ଥସ୍ନାନ, ବାରୁଣୀଯୋଗ ଓ ତୀର୍ଥସ୍ନାନ ଫଳ ସଂପର୍କରେ ବର୍ଣ୍ଣନା କରି ଆମକୁ ଧନ୍ୟ କରିଦେଲ । କିନ୍ତୁ ଉକ୍ତ ଇନ୍ଦୁପୁରରେ ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ କାହିଁକି ହେଉଛି ? ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ କେଉଁ କୈବଲ୍ୟ ଆବାହିତ ହେଉଛନ୍ତି ? ତତ୍‌ସହିତ ବାରୁଣୀ ତୀର୍ଥର କି ସାମଞ୍ଜସ୍ୟ ଅଛି ଦୟାକରି କହିଦିଅ । ସେ ଅମୃତ ଗାଥା ଶୁଣି ଏ ଜନ୍ମ ଜୀବନ ସାର୍ଥକ ହୋଇଯାଉ ।

ମନ୍ଦମନ୍ଦ ହସି ଭକ୍ତବତ୍ସଳ ଠାକୁରେ କହିଲେ :

ଏହି ଯେ ସ୍ଥାନ ଇନ୍ଦୁପୁର । ତ୍ରିବେଣୀ ସଂଗମର ଧାର ।।
ସତ୍ୟରୁ ପ୍ରାରମ୍ଭିକ ପୀଠ । ଅନେକ ଥିଲା ଋଷିମଠ ।।
ଗଂଗା ଏଠାରେ ଗୁପ୍ତସ୍ରୋତା । ପାତାଳୀ ଭାବେ ହୋଇସ୍ଥିତା ।।
ଅଶେଷ କିରଣ ବିଷ୍ଣନ୍ତି । ପାତକୀ ପାପକୁ ହରନ୍ତି ।।
ବ୍ରାହ୍ମଣୀ ନାମେ ସରସ୍ୱତୀ । ଲବଣ ସମୁଦ୍ରକୁ ଗତି ।।
ଉଭୟ ମହିମା ଅପାର । ଝରଣା ଅଟନ୍ତି କୃପାର ।।
ମିଳନ ଦୁଇ ସଖୀଙ୍କର । ଦେବମାନବେ ଅଗୋଚର ।।
ବିରୂପାକ୍ଷ ଓ ମହାନଦା । ରାକ୍ଷସ ଦୁଇ ମହାଯୋଦ୍ଧା ।।
ଦାନବକୁଳେ ଜନ୍ମ ନେଇ । ମାମୁଁ ଭଣଜା ଭାବେ ରହି ।।
ଉଭୟ ବିଷ୍ଣୁଭକ୍ତ ଥିଲେ । ବିଷ୍ଣୁ ତେଜରେ ପ୍ରକାଶିଲେ ।।
କରିଲେ ନାନା ଅତ୍ୟାଚାର । ଜୀବେ ରଚିଲେ ହାହାକାର ।।
ତା' ଦେଖି ପ୍ରଭୁ ଲକ୍ଷ୍ମୀପତି । ମିଳିଲେ ଭକତଙ୍କ କତି ।।

ବୁଝାଇ କହିଲେ ଅନେକ । ଖୋଲିଲେ ପାପକର୍ମ ଯାକ ।।
ଶେଷରେ ଅନୁତାପ କଲେ । ଭକ୍ତିରେ ବିଷ୍ଣୁଙ୍କୁ ପୂଜିଲେ ।।
ସନ୍ତୁଷ୍ଟ ହେଲେ ଭଗବାନ । ଯାଚିଲେ ତାଙ୍କୁ ବରଦାନ ।।
ଆକୁଳମନେ ଦୈତ୍ୟଦ୍ୱୟ । ମାଗିଲେ ଯିବେ ନଦୀ ହୋଇ ।।
ବିଷ୍ଣୁ ଅଂଗର ତେଜ ନେଇ । ପୁଣ୍ୟତୀର୍ଥକୁ ସଂଗେ ନେଇ ।।
ପାପୀଙ୍କ ପାପ ଭାର ନେବେ । ଲବଣ ସମୁଦ୍ରେ ମିଶିବେ ।।
ସେଦିନୁ ମହାନଦା ଦୈତ୍ୟ । ମହାନଦୀ ନାମେ ସେ ଖ୍ୟାତ ।।
ଭଣଜା ବିରୂପା ହୋଇଲା । ବିକୃତ ରୂପରେ ବହିଲା ।।

ଇନ୍ଦୁପୁରଠାରେ ଏହି ଯେଉଁ ଯଜ୍ଞ ହେଉଅଛି, ତାହା ଏକ ତ୍ରିବେଣୀ ସଂଗମ ସ୍ଥଳ । ସତ୍ୟଯୁଗରୁ ଏହାର ସୃଷ୍ଟି ହୋଇଥିଲା । ସେତେବେଳେ ଏଠାରେ ଅନେକ ଋଷି ତାଙ୍କର ମଠ ପ୍ରତିଷ୍ଠା କରିଥିଲେ । ଗଙ୍ଗା ଏଠାରେ ପାତାଳୀ ହୋଇ ଗୁପ୍ତ ସଲୀଳା ଭାବରେ ରହିଛନ୍ତି । ସରସ୍ୱତୀ ବ୍ରାହ୍ମଣୀ ନାମ ନେଇ ବହୁଛନ୍ତି । ଗୁପ୍ତରେ ଗଂଗା ଓ ସରସ୍ୱତୀ ଦୁଇସଖୀଙ୍କର ଯେଉଁ ମିଳନ ସ୍ଥଳ ତାହାକୁ ଦେବମାନବ ଜାଣିନାହାନ୍ତି । ବେଦ ପୁରାଣରେ ମଧ ନାହିଁ । ମାତ୍ର ଏହା ସତ୍ୟ । ଯୁଗାନୁକ୍ରମରେ ମହାନଦା ଓ ବିରୁପାକ୍ଷ ନାମରେ ଦୁଇଜଣ ଭୟଙ୍କର ରାକ୍ଷସ ଥିଲେ । ତାଙ୍କ ଅତ୍ୟାଚାରରେ ଜୀବଗଣ ହାହାକାର ହୋଇଗଲେ । କିନ୍ତୁ ଉଭୟ ବିଷ୍ଣୁଭକ୍ତ ଥିବାରୁ ତାଙ୍କୁ କେହି ପରାହତ କରି ପାରିଲେ ନାହିଁ । ଶେଷରେ ବିଷ୍ଣୁ ନିଜେ ଆସି ସେମାନଙ୍କୁ ବୁଝାଇଲେ ଓ ସେମାନଙ୍କ ପାପକର୍ମର ଫଳ ଦେଖାଇଦେଲେ । ସେଥିରେ ଭୟାତୁର ହୋଇ ଅନୁତାପ କଲେ ଏବଂ ଭକ୍ତିରେ ଆରାଧ୍ୟଙ୍କୁ ପୂଜା ସମର୍ପଣ କଲେ । ସେଥିରେ ସନ୍ତୁଷ୍ଟ ହୋଇ ବିଷ୍ଣୁ ବର ଯାଚିଲେ । ଉଭୟ ରାକ୍ଷସ ଅତ୍ୟାଚାରରେ ପାପଯୁକ୍ତ ହୋଇଥିବାରୁ ପାପୀର ଦୁଃଖ ଅନୁଭବକୁ ଆଣି ପୁଣ୍ୟତୋୟା ନଦୀ ଭାବରେ ବହିବାକୁ ବରମାଗିଲେ ଓ ନିଜ ଗର୍ଭରେ ପାପୀଙ୍କର ପାପରାଶିକୁ ବହନ କରି ଲବଣ ସମୁଦ୍ରରେ ମିଶିବାକୁ ଚାହିଁଲେ । ସେହିଦିନୁ ମହାନଦା ମହାନଦୀ ନାମରେ ଓ ବିରୁପାକ୍ଷ ବିରୂପା ନାମରେ ନଦୀ ହୋଇ ବହିବାକୁ ଲାଗିଲେ ।

ବିରୂପା ଗତି ଭୟଙ୍କର । ଲଭିଲା ଶାପ ଜୀବଙ୍କର ।।
ଦୁଃଖରେ ମ୍ରିୟମାଣ ହୋଇ । ସ୍ରୋତରେ ଯାଉଥାଏ ବହି ।।
କାତରେ ଚିନ୍ତେ ଗଙ୍ଗାମାତା । ପୂଣ୍ୟରେ ନୋହେ ସାମରଥା ।।
ରାକ୍ଷସ ଜନ୍ମ ନେଇ କରି । ଅଶେଷ ପାପ ଥିଲି କରି ।।
ପ୍ରଭୁଙ୍କ ଦୟାରେ ବର୍ତ୍ତିଲି । ନଦୀ ରୂପରେ ବହିଗଲି ।।
ତଥାପି ମୋ ଦୁଷ୍ଟ ପ୍ରକୃତି । କରିଲା ଅସ୍ଥିର ମୋ ମତି ।।
ପୁନଶ୍ଚ ଶାପରେ ବୁଡିଲି । ବିଧିରେ ଅନାଥ ହୋଇଲି ।।
ତୁମେ ମା' ଗୋଲୋକବାସିନୀ । ମୁଁ ତୁମ କନ୍ୟାସମ ଘେନି ।।
କରୁଣାକର ମୋହଠାରେ । ମିଶାଅ ମୋତେ ତୁମ ନୀରେ ।।
ହେଉ ମୋ ପାପର ବିନାଶ । ତୁମରି ନୀରେ ହୁଏ ଶେଷ ।।
ସନ୍ତାନ ବତ୍ସଳା ଜନନୀ । ଗଙ୍ଗା ସେ ପତିତ ପାବନୀ ।।

ଶୁଣିଲେ ବିରୂପା କ୍ରନ୍ଦନ । ମିଳିଲେ ତାପାଶେ ବହନ ।।
ସ୍ନେହରେ ଆଲିଙ୍ଗନ କଲେ । ସକଳ ପାପ ଧୌତ କଲେ ।।
ମିଶାଇଦେଲେ ନିଜ ସ୍ରୋତେ । ଅଜାଡ଼ି ଦେଲେ ପୂଣ୍ୟଯେତେ ।।
ଏ ଯେଉଁ ମିଳନ ହୋଇଲା । ଇନ୍ଦୁପୁରରେ ଲୀନ ହେଲା ।।
ଗଙ୍ଗା ଓ ସରସ୍ୱତୀ ସଂଗେ । ବିରୂପା ମିଶି ଭକ୍ତିରଙ୍ଗେ ।।
ହୋଇଲା ତ୍ରିବେଣୀ ସଂଗମ । ମହାପୂଣ୍ୟର ତୀର୍ଥ ଧାମ ।।

ବିରୂପାର ଗତି ଅତି ଭୟଙ୍କର ହେଲା । ତାହାର ପ୍ରକୋପରେ ଅନେକ କ୍ଷତ ବିକ୍ଷତ ହୋଇଥିବା ଜୀବଜଗତଙ୍କ ଶାପରେ ବୁଡିଗଲା । ପୁନଶ୍ଚ ନିଜର ଅତ୍ୟାଚାର ଯୋଗୁଁ ଅନୁତାପ କରି ଦୁଃଖରେ ମ୍ରିୟମାଣ ହୋଇ ଗଙ୍ଗାମାତାଙ୍କୁ ସ୍ମରଣ କଲା ଓ ତାଙ୍କ ସହ ମିଶାଇ ଦେଇ ତାଙ୍କୁ ମୁକ୍ତ କରିବାପାଇଁ ପ୍ରାର୍ଥନା କଲା । ସେ ମଧ୍ୟ ବିଷ୍ଣୁଅଂଶରେ ବିଷ୍ଣୁଭକ୍ତ ଥିଲା । ତାହାର କାତର ପ୍ରାର୍ଥନାରେ ସନ୍ତୁଷ୍ଟା ହୋଇ ଗଙ୍ଗାମାତା ତାକୁ ଆଲିଙ୍ଗନ କଲେ ଓ ତାହାର ଇଚ୍ଛାନୁଯାୟୀ ତାହାକୁ ନିଜର ଗୁପ୍ତ ଧାରରେ ମିଶାଇଦେଲେ । ଏହି ମିଳନ ପର୍ବ ଏହି ସ୍ଥଳରେ ହିଁ ହୋଇଥିଲା । ପୂର୍ବରୁ ବ୍ରାହ୍ମଣୀ (ସରସ୍ୱତୀ), ଓ ଗଙ୍ଗା ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିରୂପା ମିଶିଗଲେ । ତେଣୁ ଏହିସ୍ଥାନ ଏକ ତ୍ରିବେଣୀ ସଂଗମର ମର୍ଯ୍ୟାଦା ଲାଭକଲା ।

ଏ ଯେଉଁ ତ୍ରିଧାରା ମିଳନ । ହୋଇଲା ପୂର୍ଣ୍ଣିମାର ଦିନ ।।
ବୈଶାଖ ମହାପୂଣ୍ୟ ମାସ । ଚନ୍ଦନ ପୂର୍ଣ୍ଣିମାର ବେଶ ।।
ଗଂଗାଙ୍କ ଦର୍ଶନକୁ ପାଇ । ବିରୂପା ଗଲା ଗଂଗା ହୋଇ ।।
ସେଦିନୁ ନାମ ଇନ୍ଦୁପୁର । ହୋଇଛି ଏହି ସ୍ଥାନଟିର ।।

ଯେଉଁଦିନ ବିରୂପା ଏଠାରେ ମିଶିଗଲା ସେଦିନ ବୈଶାଖ ପୂର୍ଣ୍ଣିମା ହୋଇଥିଲା । ସେହି ସ୍ମାରକରେ ସ୍ଥାନଟିର ନାମ ଇନ୍ଦୁପୁର ହୋଇଥିଲା ।

କାଳର କଷଟି ପଥରେ । ଯୁଗର ବିବର୍ତ୍ତନ ପରେ ।।
ଅନେକ ରୂପ ବଦଳିଛି । ଅନେକ ନାମକୁ ବହିଛି ।।
ତଥାପି ମୂଳ ନାମ ତାର । ରହିଛି ରହିବ ଏ ସାର ।।

କାଳର କଷଟି ପଥରେ ଓ ଯୁଗର ବିବର୍ତ୍ତନ ବାଦରେ ସ୍ଥାନର ଅନେକ ପରିବର୍ତ୍ତନ ହୋଇଛି । ଭିନ୍ନ ସମୟରେ ବିଭିନ୍ନ ନାମ ଧାରଣ କରିଛି । କିନ୍ତୁ ମୂଳନାମଟି ଅକ୍ଷୁର୍ଣ୍ଣ ରହିଯାଇଛି ଓ ରହିବ ମଧ୍ୟ ।

ଚୈତ୍ରର କୃଷ୍ଣତ୍ରୟୋଦଶୀ । ଶତଭିଷା ନକ୍ଷତ୍ର ଶଶୀ ।।
ପୂତପର୍ଣ୍ଣା ଭୂମା ମଣ୍ଡଳ । ବାରୁଣୀ ଅଂଶୁ ମାଳମାଳ ।।
ଝରିଲା ଏହି ତୀର୍ଥସ୍ଥାନେ । ବାରୁଣୀ ତୀର୍ଥ ଥିଲା ଦିନେ ।।
ଯୁଗ ପରିବର୍ତ୍ତନ ଚକ୍ରେ । ପ୍ରତିଷ୍ଠା କାର୍ଯ୍ୟ ଘାଟ ସୂତ୍ରେ ।।
ଏ ଯାଏ ହୋଇ ପାରିନାହିଁ । କିନ୍ତୁ ବାରୁଣୀ ଫଳ ଥାଇ ।।
କଳିର ପ୍ରଭାବ ପ୍ରବଳ । ଜୀବର ନାହିଁ ଥଳକୂଳ ।।
ମନ୍ତ୍ର ସ୍ୱାହାନ ଫଳ ନାହିଁ । ଦେବ ପୂଜନେ ମନ ନାହିଁ ।।
ଅନ୍ୟାୟ ଅନୀତି ଫଳରେ । ସଢୁଛି ଜୀବ କାତରରେ ।।
ବ୍ରହ୍ମକୈବଲ୍ୟ ପ୍ରାପ୍ତି ବିନା । ନାହିଁ ତାହାର ମୁକ୍ତି ସିନା ।।

ସେ ପାଇଁ ସେ ଭୂମାବିଭୂତି । କୈବଲ୍ୟ ମଧ୍ୟେ ତା'ର ସ୍ଥିତି ।।
ନାମ ତା ପୂତପର୍ଣ୍ଣା ଭୂମା । ବାରୁଣୀ ପୂର୍ଣ୍ଣ ଅଂଶେ ବାମା ।।
ତୀର୍ଥ ସ୍ନାହାନ କଇବଲ୍ୟ । ରୂପରେ ହୋଇଛି ଅମୂଲ୍ୟ ।।
ବିଶ୍ୱକଲ୍ୟାଣ କାମନାରେ । କରୁଛି ଆବାହନ ତା'ରେ ।।
ଯଜ୍ଞ ମାଧ୍ୟମେ ଅବତରି । ବାରୁଣୀ ତୀର୍ଥ ଅନୁସରି ।।
ପ୍ରତିଷ୍ଠା ହେବ ପୁଣ୍ୟ ତୀର୍ଥ । ଉନ୍ମୁକ୍ତ ତୀର୍ଥ ସ୍ନାନ ପଥ ।।
ସ୍ନାନ କୈବଲ୍ୟ ରେଣୁ ଧରି । ଅମର କୀର୍ତ୍ତିକୁ ଆଚରି ।।
ଅମ୍ଲାନ ରହିବ ଏ ସ୍ଥାନ । ବ୍ରହ୍ମାଣ୍ଡେ ହୋଇବ ମହାନ ।।
ଏହାହିଁ ଯଜ୍ଞର ରହସ୍ୟ । ଦୃଢରେ ଚିନ୍ତ ତୁ ଉପାସ୍ୟ ।।

ପରବର୍ତ୍ତୀ ପର୍ଯ୍ୟାୟରେ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ର ଯୋଗ ଥାଇ ଏହି ତ୍ରିବେଣୀ ସଂଗମରେ ପୂତପର୍ଣ୍ଣା ଭୂମାମଣ୍ଡଳର ବାରୁଣୀ ଅଂଶୁ ବିଛାଡ଼ି ହୋଇ ପଡିଥିଲା ଏବଂ ବାରୁଣୀ ତୀର୍ଥର ମର୍ଯ୍ୟାଦା ଲାଭ କରିଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯୁଗର ପରିବର୍ତ୍ତନ ଚକ୍ରରେ ଏହି ତୀର୍ଥ ବିଲୁପ୍ତ ହୋଇ ଯାଇଥିଲା । କାରଣ ଘାଟ ନିର୍ମିତ ହୋଇ ପ୍ରତିଷ୍ଠା ହୋଇ ପାରି ନଥିଲା । ଆଜିଯାଏ ତୀର୍ଥ ପ୍ରତିଷ୍ଠା ହୋଇନାହିଁ । କିନ୍ତୁ ବାରୁଣୀ ଅଂଶରେ ଋଦ୍ଧିମନ୍ତ ହୋଇ ବାରୁଣୀତୀର୍ଥ ଫଳ ଅମ୍ଲାନ ହୋଇ ରହିଛି । କଳିର ପ୍ରଚଣ୍ଡ ପ୍ରଭାବରେ ଜୀବ ଆଜି ଦିଗହରା ହୋଇଛି । ଅନ୍ୟାୟ, ଅନୀତି ପାପ ଭାରରେ ଶରୀର ତା'ର ବ୍ରହ୍ମ ଆଶୀର୍ବାଦ ଧାରଣ କରିବାକୁ ଅନୁପଯୁକ୍ତ ହୋଇଛି । ତେଣୁ ମନ୍ତ୍ରସ୍ନାନ ମଧ୍ୟ ନିଷ୍ଫଳ ହେଉଛି । ସେଥିପାଇଁ ଅହେତୁକ କୈବଲ୍ୟ ମଧ୍ୟରୁ ଶ୍ରେଷ୍ଠ କୈବଲ୍ୟ 'ତୀର୍ଥସ୍ନାନ'ର ଫଳ ପ୍ରାପ୍ତି ପାଇଁ ବାରୁଣୀଅଂଶୁରେ ପୂର୍ଣ୍ଣତା ଲାଭ କରିଥିବା ପୂତପର୍ଣ୍ଣା ମଣ୍ଡଳରୁ ବାରୁଣୀଙ୍କୁ ଆବାହନ କରି ଏହି ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ ଅନୁଷ୍ଠାନ କରାଉଅଛି । ଏହାଦ୍ୱାରା ବିଶ୍ୱକଲ୍ୟାଣ ତ ହେବ, ତା' ବ୍ୟତୀତ ଯୁଗ ଯୁଗ ପାଇଁ ଅମର କୀର୍ତ୍ତି ଉକ୍ତ ବାରୁଣୀ ତୀର୍ଥର ପ୍ରତିଷ୍ଠା ମଧ୍ୟ ହେବ । ତେଣୁ ଯଜ୍ଞ ସହିତ ବାରୁଣୀ ତୀର୍ଥର ସଂପର୍କ ଅତି ନିବିଡ଼ । ସମୟ ଆସିବ ଯେତେବେଳେ ବ୍ରହ୍ମାଣ୍ଡ ମଧ୍ୟରେ ଏହି ତୀର୍ଥ ଏକ ଶ୍ରେଷ୍ଠ ତୀର୍ଥ ଭାବରେ ପ୍ରତିଷ୍ଠିତ ହୋଇ ଯୁଗ ପ୍ରଳୟରେ ମଧ୍ୟ ଅମ୍ଲାନ ଓ ଅକ୍ଷୁର୍ଣ୍ଣ ହୋଇ ରହିବ । ଏହାହିଁ ଏହି ଯଜ୍ଞର ରହସ୍ୟ ଅଟେ ।

ପ୍ରଭୁଙ୍କ ଠାରୁ ଅଦ୍ଭୁତ ବ୍ରହ୍ମରହସ୍ୟ ଶ୍ରବଣ କରି ସେବକଟି ହତଚକିତ ହୋଇଗଲା । ଆନନ୍ଦରେ ଅଧିର ହୋଇ ତା'ର ଚକ୍ଷୁରୁ ଆନନ୍ଦାଶ୍ରୁ ବହିଗଲା । ବିନମ୍ର ଭାବରେ ଶ୍ରୀଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି କେବଳ ଏତିକି କହିଲା ।

ହେ ଇଚ୍ଛାମୟ, ପରମକାରୁଣିକ, ଦୀନବନ୍ଧୁ, ଭକ୍ତବତ୍ସଳ !

ତୁମରି ମଂଗଳ ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି